ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୩୦/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, October 30/2025 Page 14 ₹ 7.00 BERHAMPUR
୫୧ଶ ଭାଗ ୩୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 333 ମୂଲ୍ୟ₹୭/-



## ଭାବି ନ ଥିଲେ ଅନନ୍ୟା

ପାଠ ପଢୁଥିବାବେଳେ ହଠାତ୍ କରନ୍ ଜୋହରଙ୍କ ନିକଟରୁ ଅଭିନୟ ଅଫର ପାଇବେ ବୋଲି ଅନନ୍ୟା ପାଣ୍ଡେ କେବେ ବି ଭାବି ନ ଥିଲେ।

୧୩

୧୪

## ୱୁଲଭାର୍ଡ୍‌ଟ୍‌ଙ୍କ ଶତକ

ଗୁଆହାଟୀରେ ବୁଧବାର ଅନୁଷ୍ଠିତ ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଇଂଲଣ୍ଡ ବିପକ୍ଷ ପ୍ରଥମ ସେମିଫାଇନାଲରେ ଶତକ ହାସଲ କରିଛନ୍ତି ଦକ୍ଷିଣ ଆଫ୍ରିକାର ଲୌରା ୱୁଲଭାର୍ଡ୍‌ଟ।





କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀ ବାଲିଶଯ୍ୟାରେ ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ଓ କରଗୋଳା ଗ୍ରାମବାସୀଙ୍କ ଦ୍ୱାରା ଚାଲିଥିବା ବାଲି ସତ୍ୟାଗ୍ରହର ବୁଧବାର ଷଷ୍ଠ ଦିନରେ ଗ୍ରାମବାସୀ ବର୍ଷା ସତ୍ତ୍ୱେ ଛତା ଧରି ବସିଛନ୍ତି। (ଫଟୋ- ସୁଶାନ୍ତ କୁମାର ସାହୁ)

# ବେଆଇନ ଉତ୍ତୋଳନ ବିରୋଧରେ ବାଲି ସତ୍ୟାଗ୍ରହ

**ଆନନ୍ଦପୁର,୨୯।୧୦**
**(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀରେ କରଗୋଳା ଗ୍ରାମବାସୀଙ୍କ ଦ୍ୱାରା ଚାଲିଥିବା ବାଲି ସତ୍ୟାଗ୍ରହ ଷଷ୍ଠ ଦିନରେ ପହଞ୍ଚିଛି। ପ୍ରବଳ ବର୍ଷା, ପବନ ସତ୍ତ୍ୱେ ଶତାଧିକ ସତ୍ୟାଗ୍ରହୀ ଛତା ଧରି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁ ସତ୍ୟାଗ୍ରହର ନେତୃତ୍ୱ ନେଇ ବାଲି ମାଫିଆଙ୍କ ବିରୋଧରେ ବିଷୋଦଗାର କରିଥିଲେ।

ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ଅଭିଭାଷଣରେ କହିଥିଲେ, ବେଆଇନ ଘାଟରେ ନିୟୋଜିତ ବଡ଼ ମେଶିନକୁ ଜବତ କରାଯାଉ। ଲୁଟ୍ ହୋଇଥିବା ବାଲି ପରିମାଣକୁ ମାପା ଯାଇ ଜରିମାନା ଆଦାୟ, ଚୋରା ବାଲି ବ୍ୟବସାୟୀ ଓ ତାଙ୍କ ସହଯୋଗୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ସେ ଦାବି କରିଛନ୍ତି। ବିଭିନ୍ନ ସ୍ଥାନରେ ବେଆଇନ ଘାଟ ପାଇଁ କଟାଯାଇଥିବା ଗଛ ବାବଦ କ୍ଷୟକ୍ଷତି ଆକଳନ କରିବାକୁ ମଧ କହିଛନ୍ତି। ସେହିପରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ କୁମଡ଼ ଘାଟ ବେଆଇନ ଭାବେ ଚାଲିବା ଯୋଗୁ ଠେକୁଆ, ଝିଙ୍କ ଆଦି ବନ୍ୟପ୍ରାଣୀ ପ୍ରଭାବିତ ହେଉଛନ୍ତି। ବନ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ☞ପୃଷ୍ଠା-୪


# କମ୍ପାନୀ ମିଥ୍ୟାରେ ସରକାର ବି ବାଇଆ

**ଭୁବନେଶ୍ୱର,୨୯।୧୦**
**(ରବିନାରାୟଣ ଜେନା)**

ଓଡ଼ିଶାରେ ପୂର୍ବରୁ କେବଳ ଗରିବ ଗ୍ରାମୀଣ ଜନସାଧାରଣଙ୍କୁ ବଡ଼ ବଡ଼ କମ୍ପାନୀଗୁଡ଼ିକ ଠକି ଅସତ୍ୟ କହିଆସୁଥିଲେ। ମୁଖ୍ୟତଃ ରାଜ୍ୟର ଖଣିଜ ପଦାର୍ଥରେ ଆକର୍ଷିତ ହୋଇ ଏହି କମ୍ପାନୀଗୁଡ଼ିକ ଓଡ଼ିଶାର ବିଭିନ୍ନ ଅନୁନ୍ନତ ଅଞ୍ଚଳରେ ଶିଳ୍ପ ବସାଇବା ପାଇଁ ଧାଇଁଆସିଥିଲେ। ବିଗତ ବର୍ଷଗୁଡ଼ିକରେ ରାଜ୍ୟ ସରକାରଙ୍କ ସର୍ବୋଚ୍ଚସ୍ତରରେ ମାଲିକମାନଙ୍କୁ ଭେଟିବାର ସୁଯୋଗ ମିଳିବା ସହିତ ଜିଲାସ୍ତରରେ ପ୍ରଶାସନିକ ଯଥା ପୋଲିସ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ବିପୁଳ ସାହାଯ୍ୟ ମିଳିପାରୁଥିଲା। ଏବେ ସେହି ପରିସ୍ଥିତି ବଦଳିଗଲା ଭଳି ପ୍ରତୀୟମାନ ହେଉଛି। କମ୍ପାନୀ ପକ୍ଷରୁ ଯେଉଁ ଫଲ୍‌ସ(ସରକାରୀ ଭାଷାରେ ମିଥ୍ୟା) ତଥ୍ୟ ଦିଆଯାଇ ରାଜ୍ୟର ମୂଲ୍ୟବାନ୍ ଜମିକୁ ହାତେଇ ନିଆଯାଇଛି, ତାହା ଉପରୁ ଏବେ ପରଦା ହଟିବାକୁ ଯାଉଛି।

ଜଗତ୍‌ସିଂହପୁରରେ ଜେଏସ୍‌ଡବ୍ଲ୍ୟୁ କିଭଳି ସରକାରଙ୍କୁ ଫଲ୍ସ ତଥ୍ୟ ଦେଇଛି ସେନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜଣେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗର ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଲିଙ୍ଗରାଜ ଓତା ଅକ୍ଟୋବର ୨୫ରେ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଓ ଏଚ୍‌ଓଏଫ୍‌ଏଫ୍ ଓଡ଼ିଶା ଏବଂ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଏସମ୍ପର୍କରେ ପତ୍ର ଲେଖି ଅବଗତ କରାଇଛନ୍ତି। ସ୍ୱତନ୍ତ୍ର ସଚିବ ଓତା ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ଜଗତ୍‌ସିଂହପୁର ଜିଲା ଢିଙ୍କିଆର ପ୍ରତିବ କୁମାର ଶତପଥୀ କମ୍ପାନୀର ମିଥ୍ୟାକୁ ନେଇ ଏକ ଅଭିଯୋଗ ଦାଖଲ କରିଥିଲେ। ଏହାକୁ ନେଇ ୨୦୨୫ ସେପ୍ଟେମ୍ବର ୨୨ରେ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ସେଥିରେ ଉପଯୁକ୍ତ ପଦକ୍ଷେପ ନେବାକୁ କୁହାଯାଇଥିଲା। ହେଲେ ଏହାର ଅନୁସନ୍ଧାନ ଏପର୍ଯ୍ୟନ୍ତ ହୋଇ ନ ଥିବାବେଳେ ଜଗତ୍‌ସିଂହପୁରର ଏରସମା ବ୍ଲକର ଜିଲା ପରିଷଦ ଜୋନ୍-୪ ସଭ୍ୟ ପିନାକୀ ନାରାୟଣ ଦାସ ପୁନଶ୍ଚ ଏକ ଅଭିଯୋଗ ଆଣିଛନ୍ତି। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ତୁରନ୍ତ ଜଣେ ବରିଷ୍ଠ ଅଧିକାରୀଙ୍କ ଜରିଆରେ ଉକ୍ତ ଅଭିଯୋଗର ତଦନ୍ତକରି ଉପଯୁକ୍ତ ପଦକ୍ଷେପ ଗ୍ରହଣପୂର୍ବକ ତ୍ୱରିତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବାକୁ ସେ ଦର୍ଶାଇଛନ୍ତି।

ଏ ସଂକ୍ରାନ୍ତରେ ପିନାକୀ ଏକ ଅଭିଯୋଗପତ୍ର ମୁଖ୍ୟମନ୍ତ୍ରୀ, ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ଅଧ୍ୟକ୍ଷ, ପ୍ରଧାନମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ଏବଂ ଜଗତ୍‌ସିଂହପୁର ଜିଲାପାଳଙ୍କୁ ☞ପୃଷ୍ଠା-୪



BY SPEED POST/ E-MAIL

GOVERNMENT OF ODISHA
FOREST, ENVIRONMENT & CLIMATE CHANGE DEPARTMENT
*****

No.FE-DIV-FLD-0059-2025- 31789 /FE&CC, Date 25 OCT 2025
10F (Cons) 36/2019

From
Shri Lingaraj Otta,
OSD-cum-Special Secretary to Government

To
The Principal Chief Conservator of Forests & HoFF, Odisha
The Collector & DM, Jagatsinghpur.

Sub: Urgent Appeal against JSW False Reply and protection of Dhinkia Panchayat's Livehood, Forests, and Ecology.

Sir,

In inviting kind reference to the subject cited above, I am directed to say that you were requested vide this Department letter No.29694, dtd.22.09.2025 to take appropriate action on the representation dated 18.08.2025 of Shri Pratib Ku Satapathy, At/Po- Dhinkia, Ps- Abhagachandpur, Jagatsinghpur, Odisha-754141 under intimation to all concerned. But, no reply in this connection has been received by this Department yet.

In the meantime, petitions on the same matter have been received from the Zillaparisad, Zone-4, Erasama Block, Jagatsinghpur and PS Member, Panchayat-Dhinkia, Zone-4, Block-Erasama, Dist-Jagatsinghpur (Copies enclosed). You are therefore requested to conduct an inquiry by a senior officer and take appropriate action and furnish the action taken report to this Department at the earliest for further action.

Yours faithfully,
OSD-cum-Special Secretary to Government

Memo No. 31790 /FE&CC, Date 25 OCT 2025

Copy along with copy of enclosure forwarded to the Additional Secretary to Govt., R&DM Department/ Director, ST & SC Dev., M & BCW Department for information and necessary action.

OSD-cum-Special Secretary to Government

Memo No. 31791 /FE&CC, Date 25 OCT 2025

Copy forwarded to Shri Pinaki Narayan Das, Zillaparisad, Zone-4, Erasama Block, Jagatsinghpur, Odisha-754141, M.No.- 9090985561, (email Id:pinaki.das30@yahoo.com) / Smt. Mitanjali Bhoi, PS Member, Panchayat-Dhinkia, Zone-4, Block-Erasama, Dist-Jagatsinghpur. M.No.-8018567378, (email Id:mitanjalibhoianjali@gmail.com) for information.

OSD-cum-Special Secretary to Government

# ଯୁବତୀଙ୍କୁ ବଳାତ୍କାର ପରେ ପୋଡ଼ି ହତ୍ୟା

## ଧାନ କିଆରିରୁ ଗଳିତ ମୃତଦେହ ଜବତ

**ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଞ୍ଚଳରେ ଜଣେ ଯୁବକଙ୍କୁ ୩ ବନ୍ଧୁ ମିଶି ହତ୍ୟା କରିବା ଘଟଣା ଜଣାପଡ଼ିବାର ୪୮ ଘଣ୍ଟା ନ ପୂରୁଣୁ ଉକ୍ତ ଫାଣ୍ଡି ଅନ୍ତର୍ଗତ ଗଏଲପିଟା ଗ୍ରାମ ନିକଟସ୍ଥ ଧାନ କିଆରିରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହ ଜବତ ହେବା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରିବା ସହ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଅପରାଧୀମାନେ ମୁହଁକୁ ପୋଡ଼ି ଦେଇଥିବା ଜଣାପଡ଼ିଛି। ପୀଡ଼ିତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।**

**ଦେଓଗାଁ,୨୯।୧୦**
**(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ଗଏଲପିଟା ଗ୍ରାମରେ ବୁଧବାର ସକାଳେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଛେଳି ଚରାଇବା ପାଇଁ ଯାଇଥିଲେ। ନିକଟସ୍ଥ ଏକ ଚାଷଜମିରେ ଜଣେ ଯୁବତୀଙ୍କ ମୃତଦେହ ପଡ଼ିଥିବାର ଦେଖିଥିଲେ । ସେମାନେ ତୁରନ୍ତ ଗାଁକୁ ଆସି ଲୋକଙ୍କୁ କହିବା ପରେ ଜମି ମାଲିକ ସ୍ଥାନୀୟ ଫାଣ୍ଡିରେ ଖବର ଦେଇଥିଲେ। ପ୍ରଥମେ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ଘଟଣାସ୍ଥଳକୁ ଯିବା ପରେ ଦେଓଗାଁ ଥାନାକୁ ସୂଚନା ଦିଆଯାଇଥିଲା । ଦେଓଗାଁ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ଦିଗକୁ ଅନୁଧ୍ୟାନକରି ତଦନ୍ତ ଜାରି ରଖିଛି । ମୃତ ଯୁବତୀ ଜଣକ ସାୟା, ବ୍ଲାଉଜ ଓ ଅନ୍ତର୍ବସ୍ତ୍ର ପରିଧାନ କରିଥିବା ପୋଲିସ କହିଛି। ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇ ପ୍ରମାଣ ନଷ୍ଟ ଏବଂ ପରିଚୟ ଲୁଚାଇବା ଉଦ୍ଦେଶ୍ୟରେ ତାଙ୍କ ମୁହଁକୁ ପୋଡ଼ି ଦିଆଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲକୁ ପଠାଇଛି । ଏନେଇ ଥାନାରେ ଏକ ଅପମୃତ୍ୟୁ (ନଂ .୧୮/୨୦୨୫) ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବନ୍ଧପଡ଼ା ଫାଣ୍ଡି ଅଧୀନ ଅନ୍ତର୍ଲା ଗ୍ରାମ ପତ୍ରଫଡ଼ି ନିକଟରେ ରବିବାର ରାତିରେ ୪ଜଣ ସାଙ୍ଗ ମିଶି ଭୋଜି କରିଥିଲେ। ଏହି ସମୟରେ କୌଣସି କାରଣକୁ କେନ୍ଦ୍ର କରି ସାଙ୍ଗଙ୍କ ମଧ୍ୟରେ ବଚସା ହେବାରୁ ସୁଜିତ ଭୋଇଙ୍କୁ ତାଙ୍କ ୩ଜଣ ସାଙ୍ଗ ମିଶି ହତ୍ୟା କରିଥିଲେ। ଏନେଇ ଅଭିଯୋଗ ପରେ ୩ ଅଭିଯୁକ୍ତ ସାଙ୍ଗଙ୍କୁ ପୋଲିସ ସୋମବାର ଗିରଫ କରିଥିବାବେଳେ ମଙ୍ଗଳବାରକୋର୍ଟଚାଲାଣକରିଥିଲା।

# ଓଡ଼ିଶା ସରକାରଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

**ନୂଆଦିଲ୍ଲୀ,୨୯।୧୦**
**(ପି.ଟି./ ଲାଇଭ୍ ଲ)**

**ବେଆଇନ ଖଣି ଖନନ: ୨,୭୪୫ କୋଟି କ୍ଷତିପୂରଣ ଆଦାୟରେ ବିଳମ୍ବ**

**ଡିସେମ୍ବର ୧ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ ନିର୍ଦ୍ଦେଶ**

ଓଡ଼ିଶାରେ ଖଣି ଖନନ ନିୟମଗୁଡ଼ିକୁ ଉଲ୍ଲଂଘନ କରିଥିବା ଲିଜ୍‌ଧାରୀଙ୍କଠାରୁ ୨,୭୪୫ କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରିବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଗୁରୁବାର ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲିଜ୍‌ଧାରୀମାନେ ଯେପରି ସରକାରୀ ରାଜସ୍ୱ ଫାଙ୍କି ନ ପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଅଗୁଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଓଡ଼ିଶା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡ୍‌ଭୋକେଟ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲାରେ ବେଆଇନ ଖଣି ଖନନ ନେଇ ଲିଜ୍‌ଧାରୀଙ୍କଠାରୁ ୨,୭୪୫ କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରିବାକୁ ୨୦୧୭ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ରାଜ୍ୟ କର୍ତ୍ତୃପକ୍ଷ ଓ ଲିଜ୍‌ଧାରୀଙ୍କ ସୁଲାସୁତୁରା ଯୋଗୁ ଏହି ଅର୍ଥ ଆଦାୟ ହୋଇପାରି ନ ଥିବା ଦର୍ଶାଇ ଏନ୍‌ଜିଓ କମନ୍ କଜ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ, ଖଣି କମ୍ପାନୀଗୁଡ଼ିକଠାରୁ ରାଜ୍ୟ ସରକାର ବହୁ କୋଟି ଟଙ୍କାର ବକେୟା ଆଦାୟ କରନ୍ତୁ ବୋଲି ପୂର୍ବରୁ ସୁପ୍ରିମକୋର୍ଟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସନ୍ଥଙ୍କ ରହସ୍ୟମୟ ମୃତ୍ୟୁ

# ନେତା ଏପଟସେପଟ, ଭୋଟର ଦ୍ୱନ୍ଦ୍ୱରେ

**ନୂଆପଡ଼ା ଉପନିର୍ବାଚନ**

**ନୂଆପଡ଼ା,୨୯।୧୦**
**(ବୀରେନ୍ଦ୍ର କୁମାର ଝାଙ୍କର)**

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ଏକ ନୂଆ ଅଡୁଆ ବା ଦ୍ୱନ୍ଦ୍ୱ ଉଭୟ ପ୍ରାର୍ଥୀ ଓ ଭୋଟରଙ୍କୁ ଘାରିଛି। ଏହି ଉପନିର୍ବାଚନ ପୂର୍ବରୁ ବିଭିନ୍ନ ଦଳୀୟ ଓ ନିର୍ଦ୍ଦଳୀୟ ନେତା ଏପଟସେପଟ ହୋଇଛନ୍ତି। ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆ ପ୍ରଥମେ ୨୦୦୪ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଜିଣିଥିଲେ। ପରେ ସେ ବିଜେଡିରେ ଯୋଗଦେଇଥିଲେ। ବିଜେଡି ପ୍ରାର୍ଥୀ ଭାବେ ରାଜେନ୍ଦ୍ର ଲଗାତର ୪ଟି ନିର୍ବାଚନ ଲଢ଼ି ୩ଟିରେ ବିଜୟୀ ହୋଇ ଏହି ଅଞ୍ଚଳରେ ବିଜେଡିର ଅପ୍ରତିଦ୍ୱନ୍ଦ୍ୱୀ ନେତା ପାଲଟିଥିଲେ। ରାଜେନ୍ଦ୍ର ଢୋଲକିଆଙ୍କ ଦଳୀୟ ଚିହ୍ନ ଶଙ୍ଖଚିହ୍ନ ବୋଲି ନିର୍ବାଚନମଣ୍ଡଳୀର ଭୋଟରମାନେ ଜାଣିଯାଇଥିଲେ। ତାଙ୍କ ମୃତ୍ୟୁ ପରେ ଏବେ ଯେଉଁ ଉପନିର୍ବାଚନ ହେଉଛି, ସେଥିରେ ତାଙ୍କ ପୁଅ ଜୟ ଢୋଲକିଆ ପ୍ରାର୍ଥୀ ହୋଇଛନ୍ତି। ମାତ୍ର ସେ ବିଜେଡି ପରିବର୍ତ୍ତେ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଏବେ ଜୟ ଢୋଲକିଆଙ୍କ ଦଳୀୟ ନିର୍ବାଚନୀ ଚିହ୍ନ ପଦ୍ମଫୁଲ ହୋଇଛି। ସ୍ୱର୍ଗତ ରାଜୁ ଢୋଲକିଆଙ୍କୁ ଯେଉଁ ଭୋଟରମାନେ ବିଜେଡି ନେତା ଓ ତାଙ୍କ ଚିହ୍ନ ଶଙ୍ଖ ବୋଲି ଗ୍ରହଣ କରିଥିଲେ, ସେମାନେ ତାଙ୍କ ପୁଅ ଜୟଙ୍କୁ ସହାନୁଭୂତି ଦେଖାଉଥିଲେ ମଧ୍ୟ ନିର୍ବାଚନୀ ଚିହ୍ନ ଓ ଦଳ ବଦଳକୁ ନେଇ ଅଡୁଆ ସ୍ଥିତିରେ ପଡ଼ିଛନ୍ତି। ଅନେକେ ଜୟଙ୍କ ନିର୍ବାଚନୀ ପ୍ରଚାରରେ ରାଜୁଭାଇ ଜିନ୍ଦାବାଦ୍ ନାରା ଦେଉଥିଲେ ମଧ୍ୟ ଦଳୀୟ ଚିହ୍ନ ପଦ୍ମ କହୁଥିବାରୁ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ବିଶେଷକରି ଗ୍ରାମୀଣ ଅଞ୍ଚଳର ଭୋଟରଙ୍କ ପାଇଁ ଏହି ଅଡୁଆ ବଢ଼ିଛି।

ସେହିଭଳି ବିଜେଡି ପ୍ରାର୍ଥୀ ହୋଇଥିବା ☞ପୃଷ୍ଠା-୪






ଦକ୍ଷିଣ କୋରିଆର ସିଓଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

# ଲଦାଖ ହିଂସା: କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ସୋନମ୍ ୱାଙ୍ଗ୍‌ଚୁକ୍



ଗୀତାଞ୍ଜଳି ଜେ. ଆଙ୍ଗ୍‌ମୋ

**ନୂଆଦିଲ୍ଲୀ,୨୯।୧୦**

ଲଦାଖ ହିଂସାରେ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ତାଙ୍କୁ ରାଜସ୍ଥାନର ଯୋଧପୁର ଜେଲରେ ରଖାଯାଇଥିବାବେଳେ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଜେ. ଆଙ୍ଗ୍‌ମୋ କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟାନୁଷ୍ଠାନ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସର୍ବୋଚ୍ଚ ଅଦାଲତ ଏହା ଉପରେ ୧୦ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କେନ୍ଦ୍ର ସରକାର ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କେନ୍ଦ୍ର ତଥା ଲଦାଖ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ସଂଶୋଧିତ ଆବେଦନ ଉପରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୪ରେ ହେବ। ପ୍ରକାଶ ଯେ, ସେପ୍ଟେମ୍ବର ୨୪ରେ ଲଦାଖକୁ ରାଜ୍ୟ ମାନ୍ୟତା ଓ ଷଷ୍ଠ ପରିଚ୍ଛେଦରେ ସାମିଲ ଦାବିରେ ବିକ୍ଷୋଭ ବେଳେ ହିଂସା ଘଟିଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯୦ ଆହତ ହୋଇଥିଲେ। ଏହାର ୨ ଦିନ ପରେ ସୋନମ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇଥିଲା।

## ସୋନମ୍‌ଙ୍କ ମୁହଁ ବନ୍ଦ ପାଇଁ ଉଦ୍ୟମ କରାଯାଇଛି: ସ୍ତ୍ରୀ

ସୋନମ୍ ହିଂସା ଉସୁକାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ସୋନମ୍‌ଙ୍କ ସ୍ୱରକୁ ଚପାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଯୋଜନାବଦ୍ଧଭାବେ ଉଦ୍ୟମ ହୋଇଥିଲାବୋଲି ଗୀତାଞ୍ଜଳି ଅଭିଯୋଗ କରିଛନ୍ତି।

## ଏଲ୍‌ଏସିରେ ଶାନ୍ତି ପାଇଁ ଭାରତ-ଚାଇନା ସହମତି

**ନୂଆଦିଲ୍ଲୀ,୨୯।୧୦(ପି.ଟି.)**

ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଶାନ୍ତି ବଜାୟ ରଖିବା ପାଇଁ ଭାରତ ଓ ଚାଇନା ମଧ୍ୟରେ ଏକ ଉଚ୍ଚସ୍ତରୀୟ ସାମରିକ ଆଲୋଚନାବେଳେ ସହମତି ପ୍ରକାଶ ପାଇଛି। ଗତ ୨୫ରେ ମୋଲ୍‌ଡୋ-ଚୁଶୁଲ୍ ସୀମାର ଭାରତ ପଟେ ଏକ କର୍ କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ବନ୍ଧୁତାପୂର୍ଣ୍ଣ ଆଲୋଚନା ହୋଇଥିବା ବୁଧବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉପରେ ଦୁଇପକ୍ଷ ସହମତ ହୋଇଛନ୍ତି।

# ୭ ନୂଆ ଯୁଦ୍ଧବିମାନ ଖସିଥିଲା: ଟ୍ରମ୍ପ୍

**ଟୋକିଓ,୨୯।୧୦**

ଭାରତ-ପାକିସ୍ତାନ ସଂଘର୍ଷ ବେଳେ ୭ଟି ସମ୍ପୂର୍ଣ୍ଣ ନୂଆ ଯୁଦ୍ଧବିମାନ ଖସିଥିଲା ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏଥିସହ ୨୫୦ ପ୍ରତିଶତ ଟାରିଫ୍ ଭୟ ଦେଖାଇ ଦୁଇ ଆଣବିକ ଶକ୍ତିସମ୍ପନ୍ନ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ କରିଥିବା ବିଷୟ ସେ ପୁଣି ଦୋହରାଇଛନ୍ତି।

ଏସିଆ ଗସ୍ତରେ ଥିବା ଟ୍ରମ୍ପ୍ ଟୋକିଓରେ ବିଜ୍‌ନେସ୍ ଲିଡରମାନଙ୍କ ସହ ଡିନର ବେଳେ କହିଛନ୍ତି, ଦୁଇଟି ବଡ଼ ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ମଧ୍ୟରେ ସେ ଯୁଦ୍ଧ ବନ୍ଦ କରାଇଥିଲେ। ସେହି ସମୟରେ ୭ଟି ନୂଆ ଯୁଦ୍ଧବିମାନ ଖସିଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ ସେ ଯୁଦ୍ଧ ଅଟକାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପାକିସ୍ତାନ ସେନାମୁଖ୍ୟ ଆସିଫ୍ ମୁନିରଙ୍କୁ ଫୋନ୍‌ରେ ସେ କହିଥିଲେ, ଆପଣ ଯଦି ଯୁଦ୍ଧ ବନ୍ଦ ନ କରନ୍ତି ତେବେ ଆମେରିକା ଭାରତ ଓ ପାକିସ୍ତାନ ସହ କୌଣସି ପ୍ରକାର ବାଣିଜ୍ୟିକ କାରବାର କରିବ ନାହିଁ। ଏଭଳି ଚେତାବନୀ ଦେବାର ୨୪ ଘଣ୍ଟା ଭିତରେ ଯୁଦ୍ଧ ବନ୍ଦ ହୋଇଯାଇଥିଲା ବୋଲି ଟ୍ରମ୍ପ୍ ଦାବି କରିଛନ୍ତି।



ଡୋନାଲ୍ଡ ଟ୍ରମ୍ପ୍

## ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ପୁଣି ଦାବିକଲେ

ଉଲ୍ଲେଖଯୋଗ୍ୟ, ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀମାନେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହା ପରେ ମେ' ୭ରେ ଭାରତୀୟ ସଶସ୍ତ୍ର ବଳ ଅପରେଶନ୍ ସିନ୍ଦୂରରେ ପାକିସ୍ତାନ ତଥା ପାକ୍-ଅଧିକୃତ କଶ୍ମୀର(ପିଓକେ)ରେ ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ନଷ୍ଟ କରିଦେଇଥିଲା। ମେ' ୧୦ରେ ଭାରତ ଓ ପାକିସ୍ତାନ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ କରିଥିଲେ, ଯାହାକି ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଘୋଷଣା କରିଥିଲେ। ସେବେଠୁ ଟ୍ରମ୍ପ୍ ଅଦ୍ୟାବଧି ୫୦ରୁ ଅଧିକ ଥର ନିଜେ ଯୁଦ୍ଧ ବନ୍ଦ କରାଇଥିବା ଦାବି କରିସାରିଲେଣି। ପାକିସ୍ତାନୀ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏହା ପୂର୍ବରୁ ଭାରତର ୬ ଯୁଦ୍ଧବିମାନ ଖସିଥିବା ଦାବି କରିଥିଲେ। ଭାରତୀୟ ସେନା ଓ ବାୟୁସେନାର ଶୀର୍ଷ ଅଧିକାରୀମାନେ ମଧ୍ୟ ଯୁଦ୍ଧବିମାନ ଖସିଥିବା ବିଷୟ କହିଆସୁଛନ୍ତି। କିନ୍ତୁ ଭାରତ କେତୋଟି ଯୁଦ୍ଧବିମାନ ହରାଇଥିଲା, ତାହା କେହି ସ୍ପଷ୍ଟ କରୁ ନ ଥିବାବେଳେ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଫାଲ ଫାଇଟର ଜେଟ୍‌ରେ ଉଡ଼ାଣ କରିଛନ୍ତି।

# ରାଫାଲରେ ରାଷ୍ଟ୍ରପତି



**ଅମ୍ବାଲା,୨୯।୧୦**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ରାଫାଲ ଯୁଦ୍ଧବିମାନରେ ଉଡ଼ାଣ ଭରି ଇତିହାସ ରଚିଛନ୍ତି। ହରିୟାଣାର ଅମ୍ବାଲାସ୍ଥିତ ଭାରତୀୟ ବାୟୁସେନା (ଆଇଏଏଫ୍) ଷ୍ଟେଶନ୍‌ରୁ ଫାଇଟର ଜେଟ୍‌ରେ ଏହି ଯାତ୍ରାର ଅନୁଭୂତି ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଷ୍ଟ୍ରପତି ମୁର୍ମୁ ୨୦୨୩ ଏପ୍ରିଲରେ ଆସାମର ତେଜପୁରରେ ସୁଖୋଇ ଏମ୍‌କେଆଇରେ ଉଡ଼ାଣ କରିଥିଲେ। ଏବେ ସେ ରାଫାଲ ଯୁଦ୍ଧବିମାନରେ ଉଡ଼ାଣ କରିବା ସହ ଦୁଇଟି ଫାଇଟର ଜେଟ୍‌ରେ ଯାତ୍ରା କରିବାରେ ପ୍ରଥମ ରାଷ୍ଟ୍ରପତି ଭାବେ ଇତିହାସ ସୃଷ୍ଟି କରିଛନ୍ତି। ସଦ୍ୟ ଉଡ଼ାଣ ବେଳେ ୩ ସେନାର ସୁପ୍ରିମ କମାଣ୍ଡର ମୁର୍ମୁ ଜି-ସୁଟ୍ ଓ ସ୍ପୋର୍ଟି ସନ୍‌ଗ୍ଲାସ୍ ପିନ୍ଧିଥିଲେ। ପୂର୍ବାହ୍ନ ୧୧ଟା ୨୭ରେ ଫ୍ରାନ୍ସ ନିର୍ମିତ ରାଫାଲ ଫାଇଟର ଜେଟ୍‌ର ଚାଳକ ଗ୍ରୁପ୍ କ୍ୟାପ୍‌ଟେନ୍ ଅମିତ୍ ଗେହାନି ଏହାକୁ ୩୦ ମିନିଟ୍ ମଧ୍ୟରେ ୨୦୦ କି.ମି. ପର୍ଯ୍ୟନ୍ତ ଉଡ଼ାଇଥିଲେ। ଯୁଦ୍ଧବିମାନଟିର ବେଗ ଘଣ୍ଟା ପ୍ରତି ୭୦୦ କି.ମି. ରହିଥିଲା। ଏହା ସମୁଦ୍ର ପତ୍ତନଠାରୁ ୧,୫୦୦ ଫୁଟ୍ ଉଚ୍ଚତାକୁ ଉଡ଼ାଣ କରିଥିଲା।

## ତାଲିବାନ୍‌କୁ ଗୁମ୍ଫାକୁ ପଠାଇଦେବୁ: ପାକ୍ ପ୍ରତିରକ୍ଷା ମନ୍ତ୍ରୀ



ଖ୍ୱାଜା ଆସିଫ୍

**ଇସ୍‌ଲାମାବାଦ,୨୯।୧୦(ପି.ଟି.)**

ଆଫ୍‌ଗାନିସ୍ତାନର ତାଲିବାନ୍ ଭବିଷ୍ୟତରେ ପାକିସ୍ତାନ ଉପରେ ଆକ୍ରମଣ କଲେ ଏହାକୁ ସମୂଳେ ନାଶ କରି ଗୁମ୍ଫାକୁ ପଠାଇ ଦିଆଯିବ ବୋଲି ବୁଧବାର ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଧମକ ଦେଇଛନ୍ତି। ପାକିସ୍ତାନ ଓ ଆଫ୍‌ଗାନିସ୍ତାନ ମଧ୍ୟରେ ଇସ୍ତାନବୁଲରେ ୪ ଦିନ ଧରି ଚାଲିଥିବା ଶାନ୍ତି ଆଲୋଚନା ବିଫଳହେବା ପରେ ଆସିଫ୍ ସୋସିଆଲ ମିଡିଆରେ ଏଭଳି ଚେତାବନୀ ଦେଇଛନ୍ତି। ଆଫ୍‌ଗାନିସ୍ତାନ ଭୂଖଣ୍ଡକୁ ପାକିସ୍ତାନ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାରକୁ ତାଲିବାନ୍ ରୋକିବା ଉଚିତ ବୋଲି ସେ କହିଛନ୍ତି।

# ପ୍ରତି ପରିବାରରୁ ଜଣକୁ ଚାକିରି ପ୍ରତିଶ୍ରୁତି

## ମହାମେଣ୍ଟର ନିର୍ବାଚନୀ ଇସ୍ତାହାର

**ପାଟନା ,୨୯।୧୦**

ବିହାର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହାମେଣ୍ଟ ପକ୍ଷରୁ ମଙ୍ଗଳବାର ଇସ୍ତାହାର ପ୍ରକାଶ ପାଇଛି। ତେଜସ୍ୱୀ ପ୍ରଣ (ତେଜସ୍ୱୀଙ୍କ ପ୍ରତିଜ୍ଞା) ନାମରେ ଏହି ଇସ୍ତାହାରରେ ବହୁ ଲୋକାଭିମୁଖି ପ୍ରତିଶ୍ରୁତି ଦିଆଯାଇଛି। ସେଥିରେ ରହିଛି ପ୍ରତି ପରିବାରରୁ ଜଣକୁ ସରକାରୀ ଚାକିରି, ମହିଳାଙ୍କୁ ମାସିକ ୨,୫୦୦ ଟଙ୍କା ଭତ୍ତା, ପ୍ରତି ପରିବାରକୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଇତ୍ୟାଦି। ଇଣ୍ଡିଆ ବ୍ଲକ୍‌ର ଏହି ସଂକଳ୍ପ ପତ୍ରରେ ଶ୍ଲୋଗାନ ଲେଖାଯାଇଛି 'ସମ୍ପୂର୍ଣ୍ଣ ବିହାର କା ସମ୍ପୂର୍ଣ୍ଣ ପରିବର୍ତ୍ତନ-ତେଜସ୍ୱୀ ପ୍ରତିଜ୍ଞା, ତେଜସ୍ୱୀ ପ୍ରଣ'। ଇସ୍ତାହାରରେ ନିଯୁକ୍ତିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ମହାମେଣ୍ଟ କ୍ଷମତାକୁ ଆସିଲେ ସରକାର ଗଢ଼ିବାର ୨୦ ଦିନ ମଧ୍ୟରେ ପ୍ରତି ପରିବାରରୁ ଜଣକୁ ସରକାରୀ ଚାକିରି ସୁନିଶ୍ଚିତ କରାଇବା ପାଇଁ ଆଇନ ଆଣିବ। ସେହିପରି ୨୦ ମାସ ମଧ୍ୟରେ ନିଯୁକ୍ତି ବଣ୍ଟନ ପ୍ରକ୍ରିୟା ଆରମ୍ଭ ହେବ। ସମସ୍ତ ଠିକା ଏବଂ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରାଯିବା ସହ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ମାସିକ ୩୦ ହଜାର ଟଙ୍କା ବେତନରେ ସ୍ଥାୟୀ ନିଯୁକ୍ତି ଦିଆଯିବ।



ତେଜସ୍ୱୀ ଯାଦବ ଇସ୍ତାହାର ପୁସ୍ତିକା ଦେଖାଉଛନ୍ତି।

## କାନାଡାରେ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

**ଅଟ୍ଟାୱା, ୨୯।୧୦(ପି.ଟି.)**

କାନାଡାର ବ୍ରିଟିଶ୍ କଲମ୍ବିଆରେ ଜଣେ ୬୮ ବର୍ଷୀୟ ଭାରତୀୟ ବଂଶୋଦ୍ଭବଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଦର୍ଶନ ସହସି ଅବ୍ବୋଟ୍ସଫୋର୍ଡ ସହରସ୍ଥିତ ନିଜ ଘର ବାହାରେ ଥିବାବେଳେ ତାଙ୍କୁ ଟାର୍ଗେଟକରି ଗୁଳି କରାଯାଇଥିଲା। ପୋଲିସ ତାଙ୍କୁ ଗୁଳିବିଦ୍ଧ ଅବସ୍ଥାରେ କାର୍‌ରେ ଠାବ କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ୧୦୪ ପାଲେଷ୍ଟିନୀୟ ମୃତ


**ଦେଇର ଅଲ୍-ବଲାହ, ୨୯।୧୦**

ଇସ୍ରାଏଲୀ ସେନାର ରାତିଅଧିଆ ଏୟାରଷ୍ଟ୍ରାଇକ୍‌ରେ ଗାଜାରେ ୪୬ ଶିଶୁଙ୍କ ସମେତ ୧୦୪ ଜଣଙ୍କ ମୃତ୍ୟୁ ଘଟିଛି। ଏହା ପରେ ଯୁଦ୍ଧବିରତି ପୁଣି ଫେରିଥିବା ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ କହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ଅକ୍ଟୋବର ୧୦ରେ ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଅସ୍ତ୍ରବିରତି ହୋଇଥିଲା। ତେବେ ସୀମାନ୍ତରେ ହମାସ୍ ଆକ୍ରମଣରେ ଜଣେ ଇସ୍ରାଏଲୀ ସୈନ୍ୟ ନିହତ ହୋଇଥିଲେ, ଯିଏକି ଆମେରିକାର ମଧ୍ୟ ନାଗରିକ ଥିଲେ। ପରବର୍ତ୍ତୀ ସମୟରେ ଉଭୟ ପକ୍ଷ ପରସ୍ପର ଉପରେ ଯୁଦ୍ଧବିରତି ଉଲ୍ଲଂଘନ ନେଇ ଦୋଷ ଦେଇଥିଲେ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜା ଉପରେ ପୁଣି ଆକ୍ରମଣ ପାଇଁ ମଙ୍ଗଳବାର ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଏସିଆ ଗସ୍ତରେ ଥିବା ଟ୍ରମ୍ପ୍ ଏହି ଏୟାରଷ୍ଟ୍ରାଇକ୍‌କୁ ସମର୍ଥନକରି ଯଥାର୍ଥ ବୋଲି କହିଛନ୍ତି।



ଇସ୍ରାଏଲ୍ ଆକ୍ରମଣରେ ଗାଜାସ୍ଥିତ ବୁରେଇଜ୍ ଶିବିର ବିଧ୍ୱସ୍ତ ହୋଇଯାଇଥିବାବେଳେ ପିଲାମାନେ ସେଠାରୁ ଆସବାବପତ୍ର ଠୁଳ କରୁଛନ୍ତି।

# ବିବେକଙ୍କ ବଦାନ୍ୟତା



ବିବେକ ଓବରୟ

**ମୁମ୍ବାଇ**

ବଲିଉଡ୍ ଅଭିନେତା ବିବେକ ଓବରୟ ନିଜ ଅଭିନୟ ମାଧ୍ୟମରେ ତ ହୃଦୟ ଜିତିଛନ୍ତି। କିନ୍ତୁ ଏବେ ସେ ଏକ ମହାନ୍ ଉଦ୍ଦେଶ୍ୟ ପାଇଁ ଚର୍ଚ୍ଚାରେ ଅଛନ୍ତି। ନିତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ 'ରାମାୟଣ' ଫିଲ୍ମରେ ଅଭିନୟ ପାଇଁ ଯେଉଁ ପାରିଶ୍ରମିକ ମିଳିବ ତାକୁ ସେ ଦାନ ଭାବେ ଦେଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏକ ସାକ୍ଷାତ୍‌କାରରେ ବିବେକ କହିଛନ୍ତି, ସେ 'ରାମାୟଣ' ଅଭିନୟରୁ କୌଣସି ଟଙ୍କା ଚାହାନ୍ତି ନାହିଁ ଏବଂ ଏହି ଅର୍ଥକୁ ଏକ ଭଲ ଉଦ୍ଦେଶ୍ୟ ପାଇଁ ଦାନ କରିବାକୁ ଚାହାନ୍ତି। କ୍ୟାନ୍‌ସର ରୋଗ ସହ ଲଢୁଥିବା ପିଲାଙ୍କ ପାଇଁ ଏହି ଅର୍ଥ ଖର୍ଚ୍ଚହେବ। ଏନେଇ ସେ ପ୍ରଯୋଜକ ନମିତ ମାଲହୋତ୍ରାଙ୍କୁ ମଧ୍ୟ ଜଣାଇଦେଇଥିଲେ।

ଏହି ଫିଲ୍ମରେ ରଣବୀର କପୁର, ସନ୍ନି ଦେଓଲ, 'କେଜିଏଫ' ଷ୍ଟାର ୟଶ୍ ଏବଂ ସାଇ ପଲ୍ଲବୀଙ୍କ ଭଳି କଳାକାରମାନେ ଅଛନ୍ତି। ବିବେକ 'ରାମାୟଣ'ରେ ବିଭୀଷଣଙ୍କ ଭୂମିକାରେ ଅଭିନୟ କରିବେ। ନୀତେଶ ତିୱାରୀ 'ରାମାୟଣ'କୁ ଦୁଇଟି ଭାଗରେ ୨୦୨୬ ଏବଂ ୨୦୨୭ ଦୀପାବଳିରେ ମୁକ୍ତିଲାଭ କରିବେ। ରଣବୀର ରାମ ଭୂମିକାରେ, ସାଇ ପଲ୍ଲବୀ ସୀତା ଭୂମିକାରେ, ୟଶ୍ ରାବଣ ଭୂମିକାରେ ଏବଂ ସନ୍ନି ହନୁମାନ ଭୂମିକାରେ ନଜର ଆସିବେ।




# ଯୁକ୍ତ୨ ଏକ୍ସ-ରେଗୁଲାର ଫର୍ମ ପୂରଣ ଅବଧି ବୃଦ୍ଧି

ଭୁବନେଶ୍ୱର,୨୯।୧୦(ସୁଚିସ୍ମିତା ସାହୁ)

୨୦୨୬ରେ ହେବାକୁଥିବା ଯୁକ୍ତ ୨ ପରୀକ୍ଷା ପାଇଁ ଫର୍ମ ପୂରଣ ଅବଧିକୁ ବୃଦ୍ଧି କରାଯାଇଛି। ବାତ୍ୟା 'ମୋନ୍ଥା' ଲାଗି ଫର୍ମପୂରଣ ବାଧାପ୍ରାପ୍ତ ହୋଇଥିବାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମର କେବଳ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କୁ ଏହି ସୁଯୋଗ ଦିଆଯାଇଛି। ପୂର୍ବରୁ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣର ଶେଷ ତାରିଖ ଅକ୍ଟୋବର ୨୫ ଧାର୍ଯ୍ୟ କରାଯାଇଥିବା ବେଳେ ଏବେ ଏହାକୁ ନଭେମ୍ବର ୩ ଯାଏ ବୃଦ୍ଧି କରାଯାଇଛି। ସେହିପରି ଅକ୍ଟୋବର ୨୭ ପର୍ଯ୍ୟନ୍ତ ଟଙ୍କା ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏବେ ଏହାକୁ ନଭେମ୍ବର ୩ ଯାଏ ବୃଦ୍ଧି କରାଯାଇଛି। କଲେଜ କର୍ତ୍ତୃପକ୍ଷଙ୍କ ନିବେଦନ ପରେ ସିଏଚ୍‌ଏସ୍‌ଇ ଏଭଳି ନିଷ୍ପତ୍ତି ନେଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସିଏଚ୍‌ଏସ୍‌ଇ ଅଧୀନରେ ଥିବା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

ଫର୍ମ ପୂରଣ ନିମନ୍ତେ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ୬୦୦ ଟଙ୍କା ସହିତ ମାଇଗ୍ରେଶନ ସାର୍ଟିଫିକେଟ ପାଇଁ ୧୦୦ ଟଙ୍କା ଏବଂ ପାସ୍ ସାର୍ଟିଫିକେଟ ଲାଗି ୧୦୦ ଟଙ୍କା ପୈଠ କରିବାକୁ ପଡ଼ିବ। ଏହାସହ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ନିଜ ବିଷୟ ଅନୁଯାୟୀ ପ୍ରୋଜେକ୍ଟ ୱାର୍କ/ପ୍ରାକ୍ଟିକାଲ ପରୀକ୍ଷା/ଇଭାଲ୍ୟୁଏଶନ କିମ୍ବା ଇଣ୍ଟରନାଲ ପରୀକ୍ଷା ପାଇଁ ପ୍ରତି ପେପର ପିଛା ୪୦ ଟଙ୍କା ଲେଖାଏ ଦାଖଲ କରିବାକୁ ପଡ଼ିବ। ଯେଉଁ ପରୀକ୍ଷାର୍ଥୀମାନେ ବିଳମ୍ବରେ ଫର୍ମ ପୂରଣ କରିବେ, ସେମାନଙ୍କୁ ଅତିରିକ୍ତ ଦେୟ ବା ଫାଇନ୍ ଦେବାକୁ ପଡ଼ିବ। ଫର୍ମ ପୂରଣ ପାଇଁ ଦିଆଯାଇଥିବା ନିର୍ଦ୍ଧାରିତ ତାରିଖ ପରେ ଅର୍ଥାତ୍ ନଭେମ୍ବର ୧୦ରୁ ୧୪ ମଧ୍ୟରେ ଫର୍ମ ପୂରଣ କଲେ ୨୦୦ ଟଙ୍କା ଫାଇନ୍ ଦେବାକୁ ପଡ଼ିବ। ଯଦି ଏହି ସମୟରେ ପରୀକ୍ଷାର୍ଥୀମାନେ ଫର୍ମ ପୂରଣ କରିପାରିବେ ନାହିଁ, ତେବେ ସେମାନେ ନଭେମ୍ବର ୧୭ରୁ ୧୯ ଭିତରେ ଫର୍ମ ପୂରଣ କରିବା ପାଇଁ ପରିଷଦ ପକ୍ଷରୁ ସୁଯୋଗ ଦିଆଯିବ। କିନ୍ତୁ ଏଥିନିମନ୍ତେ ଅତିରିକ୍ତ ଦେୟ ୬୦୦ ଟଙ୍କା ପଇଠ କରିବାକୁ ହେବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରେଗୁଲାର ପରୀକ୍ଷାର୍ଥୀଙ୍କ ଫର୍ମ ପୂରଣ ଓ ଅନ୍ୟାନ୍ୟ ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ।

# ପ୍ରତିଜବାବ ଦାଖଲ ପାଇଁ ସମୟ ନେଲା ଜିନ୍ଦଲ

## ରୋଇଡ଼ା-୧ ଲୁହାପଥର ଖଣି କାର୍ଯ୍ୟାଦେଶ ପ୍ରତ୍ୟାହାର ବିରୋଧରେ ମାମଲା

## ୧୦ରେ ପରବର୍ତ୍ତୀ ଶୁଣାଣି

କଟକ,୨୯।୧୦(କାର୍ତ୍ତିକ ସାହୁ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣିରେ ଜଙ୍ଗଲ ଆଇନର ଉଲ୍ଲଂଘନ ଅଭିଯୋଗରେ ବନ ବିଭାଗ ଦ୍ୱାରା ଏହାର କାର୍ଯ୍ୟାଦେଶ ପ୍ରତ୍ୟାହୃତ କରାଯିବା ଘଟଣାରେ ଜିନ୍ଦଲ ଷ୍ଟିଲ ଲିମିଟେଡ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ହାଇକୋର୍ଟ ବିଚାରପତି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ମଙ୍ଗଳବାର ମାମଲାର ପ୍ରାଥମିକ ଶୁଣାଣି କରିଛନ୍ତି। ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ଜବାବ ଦାଖଲ କରାଯାଇଥିବାବେଳେ ଆବେଦନକାରୀ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍(ଜେଏସ୍‌ପିଏଲ୍) ହାଇକୋର୍ଟରେ ପ୍ରତିଜବାବ ଦାଖଲ କରିବା ପାଇଁ କିଛି ସମୟ ଲୋଡ଼ିଛି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନଭେମ୍ବର ୧୦ ତାରିଖ ଅପରାହ୍ନ ୨ଟାକୁ ଧାର୍ଯ୍ୟ ହୋଇଛି।

ସୂଚନା ଅନୁସାରେ, କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣିରେ ଜଙ୍ଗଲ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗରେ ଜେଏସ୍‌ପିଏଲ୍ କମ୍ପାନୀର ଖଣି କାର୍ଯ୍ୟାଦେଶ ବନ ବିଭାଗ ପ୍ରତ୍ୟାହାର କରିଛି। ବନବିଭାଗ ଗତ ୨୨ ତାରିଖରେ ଏନେଇ ଏକ ମାମଲା ରୁଜୁ କରିବା ସହ ଜିନ୍ଦଲର ୨ଟି ଗାଡ଼ି ମଧ୍ୟ ଜବତ କରିଛି। ୨୦୨୫ ନିଲାମ ପ୍ରକ୍ରିୟାରେ ରୋଇଡ଼ା-୧ ଲୁହାପଥର ଖଣି ଜିନ୍ଦଲ କମ୍ପାନୀ ହାତକୁ ଯାଇଥିଲା। ପ୍ରକ୍ରିୟା ଅନୁଯାୟୀ ପୂର୍ବ ଲିଜ୍‌ଧାରୀଙ୍କ ଦ୍ୱାରା ଧାରଣ ସମସ୍ତ ଅଧିକାର ଏବଂ ବୈଧାନିକ ମଞ୍ଜୁରୀ ଅନୁଯାୟୀ କାର୍ଯ୍ୟ ଜାରି ରଖିବା ପାଇଁ ଜିନ୍ଦଲକୁ ଅନୁମତି ମିଳିଥିଲା। ୨୦୨୫ ନିଲାମ ପ୍ରକ୍ରିୟା ପୂର୍ବରୁ ଏହି ଖଣି ବଡ଼ବିଲସ୍ଥିତ ମିଡ୍ ଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଅଧୀନରେ ଥିଲା। ଏହି କମ୍ପାନୀ ମଧ୍ୟ ସେତେବେଳେ ବୈଧାନିକ ସରକାରୀ ଅନୁମୋଦନରେ କିଛି ସର୍ତ୍ତକୁ ଖିଲାପ କରିଥିଲା। ଏଥିସହ ଉକ୍ତ କମ୍ପାନୀ ସେତେବେଳେ ସିଦ୍ଧମଠ ଜଙ୍ଗଲ ଦେଇ ଯାଇଥିବା ଏକ ରାସ୍ତା ବ୍ୟବହାର କରୁଥିଲା। ଜିନ୍ଦଲ ନିଲାମରେ ଖଣି ପାଇବା ପରେ ସିଦ୍ଧମଠ ଜଙ୍ଗଲ ଦେଇ ଯାଇଥିବା ସେହି ରାସ୍ତାକୁ ବ୍ୟବହାର କରୁଛି। ଯଦିଓ ପୂର୍ବରୁ ଏହା ଅଣ ଜଙ୍ଗଲରେ ରୂପାନ୍ତରିତ ପାଇଁ ଡାଇଭର୍ସନ ପ୍ରସ୍ତାବ ଦାଖଲ କରାଯାଇଥିଲା। ଏଥିରେ ସର୍ତ୍ତାବଳୀ ପାଳନ ହୋଇ ନ ଥିବାରୁ ଜଙ୍ଗଲ ଅନୁମୋଦନ ମିଳି ନ ଥିଲା। କିନ୍ତୁ ଜିନ୍ଦଲ ରୋଇଡ଼ା ଜଙ୍ଗଲ ଜମି ଡାଇଭର୍ସନ ଲାଗି ପୂର୍ବ ଅନୁମୋଦନ ନ ନେଇ ଖଣିଜ ପରିବହନ ପାଇଁ ଉକ୍ତ ରାସ୍ତାକୁ ବ୍ୟବହାର କରି ଆସୁଥିଲା, ଯାହାକି ଆବଶ୍ୟକ ଅନୁମତି ବିନା ରାସ୍ତା ବ୍ୟବହାର ଜଙ୍ଗଲ ସଂରକ୍ଷଣ ଆଇନ ଏବଂ ଓଡ଼ିଶା ଜଙ୍ଗଲ ଆଇନର ସ୍ପଷ୍ଟ ଉଲ୍ଲଂଘନ ବୋଲି ବନ ବିଭାଗ ଦର୍ଶାଇଛି। ଏନେଇ ବନ ବିଭାଗ ପକ୍ଷରୁ ଜିନ୍ଦଲର ସ୍ଥାନୀୟ ଅଧିକାରୀଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ବନ ବିଭାଗର ଏଭଳି କାର୍ଯ୍ୟକୁ ନେଇ ଜେଏସ୍‌ପିଏଲ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

ଜେଏସ୍‌ପିଏଲ୍ ପକ୍ଷରୁ ଆଗତ ମାମଲାରେ ରାଜ୍ୟ ସରକାର, ଓଡ଼ିଶା ମାଇନ୍ସ ଆଣ୍ଡ ଜିଓଲୋଜିର ନିର୍ଦ୍ଦେଶକ, ରାଜ୍ୟ ଇସ୍ପାତ ଓ ଖଣି ବିଭାଗ, କେନ୍ଦୁଝର ଡିଏଫ୍‌ଓ, କେନ୍ଦୁଝର ଜିଲାପାଳ, ବଡ଼ବିଲ ରେଞ୍ଜ ଅଫିସରଙ୍କୁ ପକ୍ଷଭୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ନାୟକ ଓ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ପରିଜା ମାମଲା ପରିଚାଳନା କରୁଛନ୍ତି।

# ରାଜ୍ୟ ସମବାୟ ବ୍ୟାଙ୍କକୁ ୨୦ହଜାର ଜରିମାନା

## ଅବସରପ୍ରାପ୍ତଙ୍କୁ ଗ୍ରାଚ୍ୟୁଇଟି ପ୍ରଦାନରେ ଟଙ୍କକତା

ଭୁବନେଶ୍ୱର,୨୯।୧୦
(ରବିନାରାୟଣ ଜେନା)

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ(ଓଏସ୍‌ସିବି) ଓ ତାହାର ଅଧିବକ୍ତାଙ୍କ ଆଚରଣକୁ ନେଇ ଓଡ଼ିଶା ହାଇକୋର୍ଟ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଣେ କର୍ମଚାରୀଙ୍କୁ ସରକାରୀ ପ୍ରାପ୍ୟ(ଗ୍ରାଚ୍ୟୁଇଟି) ପ୍ରଦାନରେ ଅହେତୁକ ବିଳମ୍ବ ଏବଂ କୋର୍ଟଙ୍କ ସମୟ ଅପଚୟକୁ ନେଇ ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ଓଏସ୍‌ସିବିକୁ ଭର୍ତ୍ସନା କରାଯାଇଛି। ଏହାସହିତ ୬ ସପ୍ତାହ ମଧ୍ୟରେ ୨୦ ହଜାର ଟଙ୍କାର ଜରିମାନା ରାଶିକୁ ସଂପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗତ ମଙ୍ଗଳବାର ମାନଗୋବିନ୍ଦ ବାରିକ ନାମକ ଜଣେ କର୍ମଚାରୀଙ୍କ ମାମଲାର ଶୁଣାଣିକରି ବିଚାରପତି ସଞ୍ଜୟ କୁମାର ମିଶ୍ର ଏହି ରାୟ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ଜଣାଯାଇଛି ଯେ, ମାନଗୋବିନ୍ଦ ଅବସର ନେଲାପରେ ବି ତାଙ୍କ ଗ୍ରାଚ୍ୟୁଇଟି ରାଶି ଦୀର୍ଘଦିନ ଧରି ପ୍ରଦାନ କରାଯାଇ ନ ଥିଲା। ଏଥିପାଇଁ ତାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଇନ ସହ ଲଢ଼ିବାକୁ ପଡ଼ିଥିଲା। ବିଚାରପତି ମାମଲାର ଶୁଣାଣିବେଳେ କହିଛନ୍ତି, ବ୍ୟାଙ୍କ ପକ୍ଷରୁ ଅଧିବକ୍ତା ଅଦାଲତ ସମ୍ମୁଖରେ ଭୁଲ୍ ବିବୃତି ଦେଇଥିଲେ ଓ ପୂର୍ବର ସମାନ ମାମଲାର ରାୟଗୁଡ଼ିକୁ ମଧ୍ୟ ଲୁଚାଇ ରଖିଥିଲେ। ହାଇକୋର୍ଟ ଏହାକୁ ପେସାଗତ ଅନୀତି ଭାବେ ବିବେଚନା କରିବା ସହିତ ଏପରି ଆଚରଣ ଅଧିବକ୍ତାଙ୍କ ସତ୍ୟନିଷ୍ଠା ଓ ଅଦାଲତର ଭରସାକୁ ହାନି କରେ ବୋଲି ଟିପ୍ପଣୀ ଦେଇଛନ୍ତି। ଅଦାଲତକୁ ଭ୍ରମିତ କରିବା କିମ୍ବା ତଥ୍ୟ ଲୁଚାଇ ରଖିବା ଗୁରୁତର ଅପରାଧ। ତେଣୁ ହାଇକୋର୍ଟ ରିଟ୍ ପିଟିଶନକୁ ଖାରଜ କରିବା ସହିତ ଓଏସ୍‌ସିବି ଉପରେ ୨୦,୦୦୦ ଟଙ୍କାର ଆର୍ଥିକ ଦଣ୍ଡ ପ୍ରଦାନ କରିଛନ୍ତି। ଏହି ଅର୍ଥକୁ ୬ ସପ୍ତାହ ମଧ୍ୟରେ ଅବସରପ୍ରାପ୍ତ ମାନଗୋବିନ୍ଦଙ୍କୁ ପ୍ରଦାନ କରିବାକୁ ବିଚାରପତି ଆଦେଶରେ ଦର୍ଶାଇଛନ୍ତି।

# ଖୁବ୍‌ଶୀଘ୍ର କ୍ଷୟକ୍ଷତି ଆକଳନ, ସହାୟତା ବଣ୍ଟନ: ରାଜସ୍ୱମନ୍ତ୍ରୀ

- ୩୩ ବ୍ଲକ୍, ୧୧ ସହରାଞ୍ଚଳ ପ୍ରଭାବିତ
- ବାତ୍ୟା ପରବର୍ତ୍ତୀ ସମୀକ୍ଷା ବୈଠକ

ଭୁବନେଶ୍ୱର,୨୯।୧୦
(ରବିନାରାୟଣ ଜେନା)



ଖବରଦାତା ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ସଚିବ ଦେଓରଞ୍ଜନ କୁମାର ସିଂ।

ବାତ୍ୟା ମୋନ୍ଥା ପ୍ରଭାବରେ ୩୩ଟି ବ୍ଲକ୍ ଓ ୧୧ଟି ସହରାଞ୍ଚଳ ପ୍ରଭାବିତ ହୋଇଛି। ୩୬୨ ସ୍ଥାନରେ ୧୮ ହଜାର ୭୬୨ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି। ଗୁରୁବାରଠାରୁ କ୍ଷୟକ୍ଷତି ଆକଳନ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ବୁଧବାର ବାତ୍ୟା କ୍ଷୟକ୍ଷତି ସମୀକ୍ଷା ପରେ ମନ୍ତ୍ରୀ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି, ବାତ୍ୟା ଯୋଗୁ କ୍ଷତି ହୋଇଥିବା ଶସ୍ୟର ଠିକ୍ ଭାବେ ଅଧିକାରୀ ଆକଳନ କରିବେ। ୭୨ ଘଣ୍ଟାରେ ରିପୋର୍ଟ ଦେବାକୁ କୁହାଯାଇଛି। ଅଧିକ ସରକାରୀ କର୍ମଚାରୀ ଆବଶ୍ୟକ ହେଲେ ଅନ୍ୟ ଜିଲାରୁ ଅଣାଯିବ। ବହୁ ସ୍ଥାନରେ ଘରର କାନ୍ଥ ଭାଙ୍ଗିଛି, ସେମାନଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ଘର କ୍ଷତି ହୋଇଥିଲେ ଆକଳନ ପରେ କ୍ଷତିପୂରଣ ଦିଆଯିବ। ଆକଳନ ବେଳେ ଅଧିକାରୀମାନେ ବ୍ୟାଙ୍କଖାତା, ଆକାଉଣ୍ଟ ନମ୍ବର ସଂଗ୍ରହ କରିବାକୁ କୁହାଯାଇଛି। ଯାହାଫଳରେ ଅନ୍‌ଲାଇନ୍ ଜରିଆରେ ତୁରନ୍ତ କ୍ଷତିପୂରଣ ସହାୟତା ଦିଆଯାଇପାରିବ।

ମନ୍ତ୍ରୀ ଆହୁରି କହିଥିଲେ, ଆସନ୍ତା ୩୧ ତାରିଖ ଯାଏ ସତର୍କ ରହିବାକୁ ପଡ଼ିବ। ଗୁରୁବାର ମଧ୍ୟ କିଛି ସ୍ଥାନରେ ବର୍ଷାହେବାର ସମ୍ଭାବନା ରହିଛି। ଗଜପତିର ଗୋଷାଣୀ ବ୍ଲକରେ ସର୍ବାଧିକ ୧୫୦ ମିଲିମିଟର ବର୍ଷା ହୋଇଛି। ଅନ୍ୟ ୫୬ଟି ବ୍ଲକରେ ୫୦ରୁ ୧୦୦ ମି.ମି. ବର୍ଷା ହୋଇଛି। ବାତ୍ୟା ମୁକାବିଲା ନିମନ୍ତେ ୧୬୧ଟି ଟିମ୍ ନିୟୋଜିତ ହୋଇଥିଲା। ୨୧୬୪ଟି ବାତ୍ୟା ଆଶ୍ରୟସ୍ଥଳକୁ ୧୯ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଏଥିସହ ୨୧୮୯ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଇଥିଲା। ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ଆହ୍ୱାନ ଥିଲା। ଅଧିକାଂଶ ସ୍ଥାନରେ ଭାଙ୍ଗିପଡ଼ିଥିବା ଗଛ କଟାଯାଇ ରାସ୍ତା ସଫା କରାଯାଇଛି। ୨୯ ଅକ୍ଟୋବର ଆଜିର ଦିନରେ ୧୯୯୯ ମସିହାରେ ମହାବାତ୍ୟା ଆସିଥିଲା। ଆଇଏମ୍‌ଡିର ପୂର୍ବ ଆକଳନ ଅନୁଯାୟୀ ବାତ୍ୟା ମୋନ୍ଥା ୨୯ ତାରିଖରେ ହେବାର ଥିଲା। ସମ୍ଭାବ୍ୟ ବାତ୍ୟାରୁ ଓଡ଼ିଶା ରକ୍ଷା ପାଇଯାଇଛି। ବାତ୍ୟା ଦିଗ ପରିବର୍ତ୍ତନ କରି ଓଡ଼ିଶା ସୀମା ଛୁଇଁ ଝାଡ଼ଖଣ୍ଡ ଚାଲିଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ପୂଜାରୀ ପୁଣି କହିଛନ୍ତି, ରାଜ୍ୟ ସରକାର ବାତ୍ୟା ପୂର୍ବରୁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ପ୍ରାକ୍ ପ୍ରସ୍ତୁତି କରିଥିଲେ। ମୋନ୍ଥା ପରିଚାଳନା ପାଇଁ ୩୩ଟି ଓଡ୍ରାଫ୍ ଦଳ, ୫ଟି ଏନ୍‌ଡିଆର୍‌ଏଫ୍, ୧୩୩ଟି ଅଗ୍ନିଶମ ବାହିନୀକୁ ମିଶାଇ ମୋଟ ୧୬୧ଟି ଦଳ ନିୟୋଜିତ ହୋଇଥିଲେ। ୨୧୬୪ଟି ବାତ୍ୟା/ବନ୍ୟା ଆଶ୍ରୟସ୍ଥଳକୁ ଚିହ୍ନଟ କରାଯାଇ ୧୮,୭୩୨ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯାଇଥିବାବେଳେ ସେମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏହାସହିତ ୨୧୯୮ ଜଣ ଆସନ୍ନ ପ୍ରସବାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଓ ମା'ଗୃହକୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଥିଲା। ବାତ୍ୟା ପ୍ରଭାବ ଆଶଙ୍କା ଥିବା ଅଞ୍ଚଳରେ ୬୦ ଡାକ୍ତରୀଦଳକୁ ନିୟୋଜିତ କରାଯାଇଥିବାବେଳେ ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ୩୫ଟି ପଶୁଚିକିତ୍ସା ଦଳ ନିୟୋଜିତ ହୋଇଥିଲେ।

# ନିଶା ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ ଏକ କଳଙ୍କିତ ଅଧ୍ୟାୟ: କଂଗ୍ରେସ

ଭୁବନେଶ୍ୱର,୨୯।୧୦
(ରବିନାରାୟଣ ଜେନା)

ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳରେ ଘଟିଥିବା ନିଶା ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ ରାଜ୍ୟ ସରକାରଙ୍କ ପାଇଁ ଏକ କଳଙ୍କିତ ଅଧ୍ୟାୟ ବୋଲି କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି। ବୁଧବାର କଂଗ୍ରେସ ଭବନରେ ବିଧାୟକ ଦାସ ଖବରଦାତା ସମ୍ମିଳନୀରେ କହିଛନ୍ତି, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ତଥ୍ୟ ଅନୁଧ୍ୟାନ କମିଟି ଉକ୍ତ ଅଞ୍ଚଳକୁ ଗସ୍ତ କରିଥିଲା। ଉକ୍ତ କମିଟିର ସଦସ୍ୟ ଭାବେ ମୁଁ ମଧ୍ୟ ଅନାହାର ମୃତ୍ୟୁ ସ୍ଥଳକୁ ଯାଇ ସମସ୍ତ ତଥ୍ୟ ଅନୁଧ୍ୟାନ କରିଥିଲୁ। ନିଶା ମାଙ୍କଡ଼ିଆଙ୍କୁ ଚାଉଳ ମିଳୁ ନ ଥିଲା। ବାସୋପଯୋଗୀ ଘର ଖଣ୍ଡିଏ ନ ଥିବାରୁ ସେ ପଲିଥିନ ତଳେ ରହୁଥିଲେ। ସମ୍ପର୍କୀୟଙ୍କ କିଛି ଖାଦ୍ୟରେ ସେ ଜୀବନ ବିତାଉଥିଲେ। ରୋଗଗ୍ରସ୍ତ ହୋଇ ସେ ଅନାହାରରେ ମୃତ୍ୟୁବରଣ କରିଛନ୍ତି। ସେ ପୁଣି କହିଛନ୍ତି, କଂଗ୍ରେସ ସରକାର ଥିବା ବେଳେ ଅନାହାର ମୃତ୍ୟୁକୁ ରୋକିବା ପାଇଁ ଏମ୍‌ଜିଏନ୍‌ଆର୍‌ଜିଏସ୍ ଯୋଜନା ଆରମ୍ଭ ହୋଇଥିଲା ଏବଂ ଏହାର ସୁଫଳ ମଧ୍ୟ ମିଳିଥିଲା। କିନ୍ତୁ ଏବର ସରକାର ବିଭିନ୍ନ ଆଳ ଦେଖାଇ ଉକ୍ତ ଯୋଜନାକୁ ଯେତେ ଟଙ୍କା ଦେବା କଥା ଦେଉନାହାନ୍ତି।

ଦାସ କହିଛନ୍ତି ଯେ, ଆଦିବାସୀଙ୍କ କଲ୍ୟାଣ ନିମିତ୍ତ ଅନେକ ଯୋଜନା ଅଛି। ହେଲେ ହିତାଧିକାରୀଙ୍କ ପାଖରେ ତାହା ପହଞ୍ଚିପାରୁନାହିଁ କିମ୍ବା ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ପୂର୍ବରୁ ସୁକିନ୍ଦା ଅଞ୍ଚଳରେ ସୁଭଦ୍ରା ମାଙ୍କଡ଼ିଆ ନାମ୍ନୀ ଜଣେ ଆଦିବାସୀ ମହିଳାଙ୍କ ଅନାହାରରେ ମୃତ୍ୟୁ ଘଟିଥିବାବେଳେ ଏବେ ନିଶା ମାଙ୍କଡ଼ିଆଙ୍କ ମୃତ୍ୟୁ ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। ଅନାହାରଜନିତ ମୃତ୍ୟୁକୁ ସରକାର ହାଲୁକା ଭାବେ ଗ୍ରହଣ ନ କରି ଆଦିବାସୀଙ୍କ ସୁବିଧା ସୁଯୋଗ ପ୍ରତି ଯତ୍ନବାନ୍ ହେବା ପାଇଁ ବିଧାୟକ ଦାସ ଦାବି କରିଛନ୍ତି। ଏହି ସମ୍ମିଳନୀରେ ପିସିସି ମୁଖପାତ୍ର ହିମାଂଶୁ ଲେଙ୍କା ଉପସ୍ଥିତ ଥିଲେ।



DSPL - 331

## ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ
## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଭାରତ ବର୍ଷର ଅନ୍ୟାନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ମଧ୍ୟ ଅକ୍ଟୋବର ୩୦ ତାରିଖକୁ ବିଶ୍ୱ ମିତବ୍ୟୟିତା ଦିବସ ରୂପେ ପାଳନ କରାଯାଉଛି । ଏହି ଅବସରରେ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଯୁଗେ ଯୁଗେ ମନୁଷ୍ୟ ଜୀବନରେ ମିତବ୍ୟୟିତା ଓ ସଂଚୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଆସିଛି । ଆର୍ଥିକ ଦୃଷ୍ଟିରୁ ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ନିୟମିତ ସଞ୍ଚୟ ଏକାନ୍ତ ଅପରିହାର୍ଯ୍ୟ । ନିୟମିତ ସଞ୍ଚୟ ବ୍ୟକ୍ତିଙ୍କୁ ଆର୍ଥିକ ନିରାପତ୍ତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗୃହନିର୍ମାଣ ଭଳି ପ୍ରମୁଖ ଅତ୍ୟାବଶ୍ୟକୀୟ କାର୍ଯ୍ୟ ସମାପନ ପାଇଁ ପାଣ୍ଠି ଯୋଗାଇ ଦେଇଥାଏ ।

ଆର୍ଥିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଅପବ୍ୟୟ ପରିହାର, ମିତବ୍ୟୟିତା ଅବଲମ୍ବନ ଓ ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା ଆଜିର ଦିବସରେ ଆମ ସମସ୍ତଙ୍କର ସଂକଳ୍ପ ହେଉ ।

ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ସାଧନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ ଆଶା କରିବା ସହିତ ମୁଁ ସମସ୍ତ ରାଜ୍ୟବାସୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ହରି ବାବୁ କମ୍ଭମ୍ପାଟି)
ରାଜ୍ୟପାଳ, ଓଡ଼ିଶା

OIPR-05001/13/0012/2526

# ଗଜପତିରେ ଭୂସ୍ଖଳନ: ରାସ୍ତା ଅବରୋଧ, ଯାତାୟାତ ଠପ୍



ପାରଳାଖେମୁଣ୍ଡି,୨୯।୧୦
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ରାୟଗଡ ବ୍ଲକ ଏସ. କରାଡସିଂ ପଞ୍ଚାୟତର ବୋଣ୍ଡା ଗ୍ରାମରେ ଭୂସ୍ଖଳନ ଘଟିଛି। ଫଳରେ ବୋଣ୍ଡା, ଖିଲିଗଣ୍ଡା, କୁଡ଼ିଙ୍ଗି, ଉପରସାଙ୍କୁରଡ଼ା ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗତ ୪ଦିନ ହେଲା ଲଗାଣ ବର୍ଷା ଯୋଗୁ ବ୍ଲକର ବିଭିନ୍ନ ସ୍ଥାନରେ ମାଟି ଅତଡା ଧସିବା ସହ ଭୂସ୍ଖଳନ ଘଟିଥିବା ଜଣାପଡିଛି। ଘଟଣା ସ୍ଥଳରେ ଏନ୍‌ଡିଆରଏଫ ଓ ଓଡ୍ରାଫ ଟିମ୍ ପହଞ୍ଚି ଯାତାୟାତ ସ୍ୱାଭାବିକ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ବାତ୍ୟା 'ମୋନ୍ଥା' ଦୁର୍ବଳ ହୋଇଥିଲେ ମଧ୍ୟ ଅନେକ ସ୍ଥାନରେ ଲଗାଣ ବର୍ଷା ଜାରି ରହିଥିବାରୁ ଜିଲାର ବିଭିନ୍ନ ସ୍ଥାନରେ ମାଟି ଧସିବା ସହ ଭୂସ୍ଖଳନ ପରିସ୍ଥିତି ସୃଷ୍ଟି ହୋଇଛି।

# ପିନ୍ ଗିଳିଦେବାରୁ ଛାତ୍ରଙ୍କ ମୃତ୍ୟୁ

## ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଯୋଗ ଆଣିଲେ ବାପା

ଫୁଲବାଣୀ,୨୯।୧୦
(ରାକେଶ କୁମାର ରାଉତ)

ଫୁଲବାଣୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜଣେ ୭ମ ଶ୍ରେଣୀ ଛାତ୍ର ନୋଟିସ୍ ବୋର୍ଡରେ ଲାଗିଥିବା ପିନ୍ ଗିଳି ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ଛାତ୍ର ଜଣଙ୍କ ହେଲେ ତୁଷାର ମିଶ୍ର। ପୁଅର ମୃତ୍ୟୁ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ପ୍ରିନ୍ସିପାଲ ଦାୟୀ ବୋଲି ତୁଷାରଙ୍କ ବାପା କାଳୀପ୍ରସାଦ ମିଶ୍ର ଅଭିଯୋଗ କରିଛନ୍ତି। ତୁଷାରଙ୍କ ଘର ଦାରିଙ୍ଗିବାଡ଼ିରେ। ସେ ମାମୁଘର ଫୁଲବାଣୀ କଣ୍ଟାକ୍ଟରପଡ଼ାରେ ରହି ଆଦର୍ଶ ବିଦ୍ୟାଳୟରେ ପଢୁଥିଲେ। ଗତ ୧୫ ତାରିଖରେ ତୁଷାର ସ୍କୁଲ ଯାଇଥିଲେ। ସ୍କୁଲ ନୋଟିସ ବୋର୍ଡରୁ ଏକ ପିନ୍ ଆଣି ସେ ପାଟିରେ ଧରିଥିବା ବେଳେ ଅସାବଧାନତାବଶତଃ ତାହାକୁ ଗିଳି



ଦେଇଥିଲେ। ତୁଷାର ଏବଂ ତାଙ୍କର କେତେଜଣ ସାଙ୍ଗ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ପ୍ରିନ୍ସିପାଲଙ୍କୁ ଜଣାଇଥିଲେ। ହେଲେ ସେମାନେ ଏହାକୁ ଗୁରୁତ୍ୱ ନ ଦେଇ ପାଣି ପିଇଦେ ଚାଲିଯିବ ବୋଲି କହିଥିଲେ। ଘରକୁ ଆସିବା ବାଟରେ ତୁଷାର ନିଃଶ୍ୱାସ ନେବାରେ ଅସୁବିଧା ଅନୁଭବ କରିଥିଲେ। ଅଜାଙ୍କୁ ସେ ଏହି ଘଟଣା କହିବାରୁ ତୁରନ୍ତ ତାଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ରେଫର କରି ଦିଆଯାଇଥିଲା। ବ୍ରହ୍ମପୁର ମେଡିକାଲରେ ଡାକ୍ତର ପରୀକ୍ଷା କରିବାରୁ ପିନ୍‌ଟି ଫୁସ୍‌ଫୁସ ପାଖରେ ଅଟକି ଥିବା ଜଣାପଡିଥିଲା। ସେଠାରୁ ତୁଷାରଙ୍କୁ କଟକ ଶିଶୁଭବନ ପଠାଇ ଦିଆଯାଇଥିଲା। ଡାକ୍ତର ଅସ୍ତ୍ରୋପଚାର କରି ପିନ୍‌ଟି କାଢ଼ିଥିଲେ। ଚିକିତ୍ସାରେ ବିଳମ୍ବ ହୋଇଥିବାରୁ ତୁଷାର ପ୍ରଥମେ ପକ୍ଷାଘାତର ଶିକାର ହୋଇ କୋମାକୁ ଚାଲି ଯାଇଥିଲେ। ଡାକ୍ତରମାନଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଗତ ୨୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଅ ପିନ୍ ଖାଇ ଦେଲା ପରେ ଶିକ୍ଷକମାନଙ୍କୁ ଜଣାଇଥିଲା। ହେଲେ ଏହାକୁ କେହି ଗୁରୁତ୍ୱର ସହ ନେଇ ନ ଥିଲେ। ତେଣୁ ମୋ ପୁଅ ଚାଲିଗଲା। ସରକାର ଏ ଦିଗରେ କଡ଼ା ପଦକ୍ଷେପ ନେଇ ତୁରନ୍ତ ସେମାନଙ୍କୁ ବହିଷ୍କାର କରନ୍ତୁ ବୋଲି ତୁଷାରଙ୍କ ବାପା କାଳୀପ୍ରସାଦ କହିଛନ୍ତି।

DSPL - 331

## ବିଶ୍ୱ ମିତବ୍ୟୟିତା ଦିବସ
## ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଖାଦ୍ୟ, ବସ୍ତ୍ର, ବାସଗୃହ ମନୁଷ୍ୟର ଜୀବନଧାରଣ ପାଇଁ ଯେପରି ତିନୋଟି ମୌଳିକ ଆବଶ୍ୟକତା, ଠିକ୍ ସେହିପରି ବର୍ତ୍ତମାନ ସମୟରେ ସୁଶିକ୍ଷା, ସୁସ୍ୱାସ୍ଥ୍ୟ ଓ ସୁଚିନ୍ତିତ ଆର୍ଥିକ ସଞ୍ଚୟ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅନିଶ୍ଚିତ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ନିୟମିତ ଓ ଯୋଜନାବଦ୍ଧ ସଞ୍ଚୟ ଏକାନ୍ତ ଜରୁରୀ ।

ଅପବ୍ୟୟ ଓ ଅପଚୟକୁ ପରିତ୍ୟାଗ କରି ନିଜସ୍ୱ ସମ୍ବଳର ମିତବ୍ୟୟିତା ପୂର୍ବକ ସୁବିନିଯୋଗ, ନିୟମିତ ସଞ୍ଚୟକୁ ସହଜସାଧ୍ୟ କରିଥାଏ । ଏହି ସଞ୍ଚିତ ଜମାରାଶି ହିଁ ବ୍ୟକ୍ତିଙ୍କୁ ଭବିଷ୍ୟତର କୌଣସି ଆକସ୍ମିକ ଜରୁରୀ ପରିସ୍ଥିତି ପାଇଁ ଅତ୍ୟନ୍ତ ସହାୟକ ହୋଇଥାଏ ଓ ଆବଶ୍ୟକୀୟ ଅର୍ଥରାଶି ଯୋଗାଇ ଦେଇଥାଏ । ଅନାବଶ୍ୟକ ଖର୍ଚ୍ଚରୁ ଦୁରେଇ ରହି ମିତବ୍ୟୟୀ ହେବା, ଆଜିର ଦିବସରେ ସମସ୍ତଙ୍କର ସଂକଳ୍ପ ହେଉ । ଏହା ବ୍ୟକ୍ତିଗତ ତଥା ରାଷ୍ଟ୍ରୀୟ ସ୍ୱାର୍ଥ ସାଧନରେ ଅତ୍ୟନ୍ତ ଉପଯୋଗୀ ।

ରାଜ୍ୟବାସୀଙ୍କ ହିତଦୃଷ୍ଟିରୁ ସରକାର ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଅଗ୍ରାଧିକାର ଦେଉଛନ୍ତି । କୌଣସି ସନ୍ଦିଗ୍ଧ, ଅଣ ସ୍ୱୀକୃତିପ୍ରାପ୍ତ ବେସରକାରୀ ଅର୍ଥ ଲଗାଣକାରୀ ସଂସ୍ଥାର ମିଥ୍ୟା ପ୍ରତିଶୃତିରେ ପ୍ରଲୋଭିତ ହୋଇ ସର୍ବସ୍ୱାନ୍ତ ନ ହେବା ପାଇଁ ସମସ୍ତଙ୍କୁ ମୋର ନିବେଦନ ।

ଡାକଘର ଓ ବ୍ୟାଙ୍କ ଭଳି ବିଶ୍ୱସନୀୟ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ବ୍ୟାଙ୍କିଙ୍ଗ୍ ସେବା ଓ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାର ଉପଯୋଗ କରି ନିଜର ତଥା ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ସହିତ ରାଷ୍ଟ୍ରୀୟ ପ୍ରଗତିରେ ଭାଗୀଦାର ହେବା ପାଇଁ ମୋର ସମସ୍ତଙ୍କୁ ଅନୁରୋଧ ।

ଏହି ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କ ସ୍ୱଚ୍ଛଳ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-05001/13/0013/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବାର୍ଷିକ ଗୋଷ୍ଠାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ବାଲିଅନ୍ତା ବ୍ଲକ ଭୁବନପୁର ଗ୍ରାମର ଶ୍ରୀ ଲକ୍ଷ୍ମୀ ନୃସିଂହ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ନବୀନ ବରଣ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା ' ପଞ୍ଚବଟୀ ତାରିଣୀଙ୍କ ୨୩ ତମ ବାର୍ଷିକ ଜନ୍ମୋତ୍ସବ ପାଳନ ଉପଲକ୍ଷେ କଳସ ଯାତ୍ରା ଓ ଅଙ୍କୁରରୋପଣ, ସ୍ଥାନ: ବାଲିଅନ୍ତାସ୍ଥିତ ମା' ଙ୍କ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ସଂସ୍କୃତିଚର୍ଚ୍ଚା ପକ୍ଷରୁ ୮୮ତମ ସଂସ୍କୃତିଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୫ଟା ୩୦।
- ୨୮ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ ରାବଣ ବଧ ଓ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ସ୍ଥାନ: ବାଲିଅନ୍ତାସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## କଟକ
- ଏଆଇଡିଏସଓ ସର୍ବଭାରତୀୟ ସ୍ତରୀୟ ନେତୃବୃନ୍ଦଙ୍କ ଦ୍ୱାରା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗୋପବନ୍ଧୁ ବାଗ, ବକ୍ସିବଜାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଆଇଡିଏସଓ ସର୍ବଭାରତୀୟ ପରିଷଦ ପକ୍ଷରୁ ଛାତ୍ର ସମାବେଶ, ସ୍ଥାନ: କଳା ବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି ଆନୁକୂଲ୍ୟରେ ବିଶ୍ୱଶାନ୍ତି ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଶ୍ରୀଚୈତନ୍ୟ ମଠ, ରାୟ ରାମାନନ୍ଦ ଉଦ୍ୟାନ, ସମୟ: ଅପରାହ୍ନ ୫ଟା।

## ପୁରୀ
- ନିମାପଡ଼ା ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ, ସୁରଭି –୨୦୨୫, ସ୍ଥାନ: ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ମିନି ମାରାଥନ୍, ସ୍ଥାନ: ମଥାନୀ ବାଇପାସ୍, ବସ୍ତା, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ପ୍ରାଣୀ ଚିକିତ୍ସାଳୟ ପଡ଼ିଆ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଜଗଦ୍ଧାତ୍ରୀ ପୂଜା ଓ ଗ୍ରାମୀଣ ମେଳା, ସ୍ଥାନ: ସାତଗୋହଳିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଷ୍ଟେଶନ କ୍ଲବ ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଗଦ୍ଧାତ୍ରୀ ପୂଜୋତ୍ସବ ଓ ସ୍ଥାନୀୟ ମେଳା, ସ୍ଥାନ: ବାଗରୁଖୀ ହାଇସ୍କୁଲ ଖେଳ ପଡ଼ିଆ, ଭୋଗରାଇ, ସମୟ: ଅପରାହ୍ନ ୧ଟା।
- ବାର୍ଷିକ ଭାଗବତ କଥାମୃତ ପ୍ରବଚନ ସଭା ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଏକାଦଶ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିମୁଳିଆ ଫାଷ୍ଟ ଫୁଡ୍ ମାର୍କେଟ, ବାଲିଆପାଳ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଚକ୍ଷୁ ଚିକିତ୍ସା ଶିବିର , ସ୍ଥାନ : ମରିଗାଁ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ଟା
- ଭଜନ ମଣ୍ଡଳୀ ତରଫରୁ ଭଜନ ସମ୍ମିଳନୀ ଏବଂ ନାମ ସଂକୀର୍ତ୍ତନ : ହାଟଡିହୀ ତହସିଲ ସାମ୍ନା , ହାଟଡିହୀ, ସମୟ : ସନ୍ଧ୍ୟା ୬ଟା

## ମୟୂରଭଞ୍ଜ
- ଜଗଧାତ୍ରୀ ପୂଜା ଲାଗି ଘଟଉତ୍ତୋଳନ,ସ୍ଥାନ: ଭଞ୍ଜପୁର, ବାରିପଦା,ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- ଗୌରୀଆମ୍ମା ଯାତ୍ରାରେ ମଞ୍ଚସ୍ଥ ହେବ ନାଟକ, ସ୍ଥାନ: ଲାଞ୍ଜିପଲ୍ଲୀ ରେଡିକା ସାହି, ସମୟ: ରାତି ୮ଟା।

## କନ୍ଧମାଳ
- ବିଶ୍ୱ ସଞ୍ଚୟ ଦିବସ ପାଳନ, ସ୍ଥାନ: ଫୁଲବାଣୀ ବ୍ଲକ ସଭାଗୃହ, ସମୟ: ସକାଳ ୯ଟା ୩୦।

## ଗଜପତି
- ଆଇନ ଓ ପୂର୍ତ୍ତମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ସର୍କିଟ ହାଉସ୍, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ
- ଗୋପାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ରନ୍ତଲେଇ ଶ୍ରୀଗୋପାଳ ଗୋଶାଳା, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ପିସି ଓ ପିଏନ୍‌ଡିଟି ଉପରେ ଜିଲାସ୍ତରୀୟ ଉପଦେଷ୍ଟା ସମିତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷା ଉପରେ ମାସିକିଆ ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା
- ଶ୍ରୀ ସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ:ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡା ସହର, ସମୟ:ପ୍ରାତଃ ୫ଟା ।
- ସାଇବର ଅପରାଧ ସମ୍ପର୍କରେ ଜିଲା ପୋଲିସର ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୧ଟା ।

## ଯାଜପୁର
- ଧର୍ମଶାଳା ଗୋମାତା ସେବା ସଙ୍ଗଠନ ଜାରକା ଶାଖା ପକ୍ଷରୁ ଗୋମାତା ପୂଜା, ସ୍ଥାନ: ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ ସକାଳ: ୯ଟା।

## ନୟାଗଡ଼
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣର ଅଷ୍ଟମ ଦିବସରେ ସୂର୍ଯ୍ୟପୂଜା ଓ ନଗର କୀର୍ତ୍ତନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ପ୍ରାତଃ ୫ଟା ।
- ଜୀବନଜ୍ୟୋତି ପରିଷଦ ଦ୍ୱାରା ଗୋଷ୍ଠାଷ୍ଟମୀ ମହୋତ୍ସବ, ସ୍ଥାନ: ନୂଆଗାଁ ବ୍ଲକ ଜଗନ୍ନାଥପ୍ରସାଦ ଗୋଶାଳା, ସମୟ: ପ୍ରାତଃ ୫ଟାରୁ ପୂର୍ବାହ୍ନ ୧୦ଟା।
- ପଞ୍ଚଦଶ ଭାଗବତ ପାରାୟଣ, ସ୍ଥାନ: ନୟାଗଡ ବେଗୁନିଆପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା।
- ସପ୍ତାଙ୍ଗ କାର୍ଯ୍ୟକ୍ରମର ୨ୟ ଦିବସ, ସ୍ଥାନ, ଖଣ୍ଡପଡା ବ୍ଲକ ମୁଣ୍ଡିଆ ହନୁମାନ ପୀଠ, ମର୍ଦ୍ଦରାଜପୁର, ସମୟ: ସକାଳ ୮ଟା ।
- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ, ମର୍ଦ୍ଦରାଜପୁର, ସମୟ:ସକାଳ ୯ଟା ।
- ଗୋଷ୍ଠାଷ୍ଟମୀ ପର୍ବ, ସ୍ଥାନ: କଣ୍ଟିଲୋ ରାଧାମୋହନ ଜୀଉ ମଠ, ସମୟ: ଅପରାହ୍ନ ୪ଟା ।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣରେ କଥାଯଜ୍ଞର ଅଷ୍ଟମ ଦିବସରେ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସନ୍ଧ୍ୟା ୬ଟା ।

## ନବରଙ୍ଗପୁର
- ନୋଡାଲସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଘରୋଇ ହିଂସାରୁ ସୁରକ୍ଷା ସମ୍ପର୍କିତ ଜିଲାସ୍ତରୀୟ ତାଲିମ୍, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଗୋ ଅଷ୍ଟମୀ ପୂଜା, ସ୍ଥାନ: ଉମରକୋଟ ବ୍ଲକ ଏକମ୍ବା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଆନ୍ତଜିଲା କ୍ରିକେଟ ଟୁର୍ନାମେଣ୍ଟ ନେଇ ବୈଠକ, ସ୍ଥାନ: କୋରାପୁଟ ବାର ଆସୋସିଏସନ ସଭାଗୃହ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ପରବ ପ୍ରସ୍ତୁତି ବୈଠକ, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଏକ ଭାରତ ଆତ୍ମନିର୍ଭରଶୀଳ ଭାରତ କାର୍ଯ୍ୟକ୍ରମ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।

## ସମ୍ବଲପୁର
- ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ବାମରା ବ୍ଲକ ଗୋବିନ୍ଦପୁର, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : କବରିବାହାଲ ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟା ୩୦ରୁ ରାତି ୧୦ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳ ଆୟୋଜିତ ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା।
- ସମ୍ବଲପୁର ରେଳ ମଣ୍ଡଳ ଆୟୋଜନରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ, ମାଷ୍ଟର, ମିସ ଟିନ ଓ ମାଷ୍ଟର ଟିନ–୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ କଲୋନୀସ୍ଥିତ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଲୋଇସିଂହା ବ୍ଲକ କଳାକାର ସଂଘ ସମାବେଶ, ସ୍ଥାନ: କଲ୍ୟାଣ ମଣ୍ଡପ,ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- କାହାଣୀ ଲିଖନ ପ୍ରତିଯୋଗିତା, ସ୍ଥାନ: ସେକ୍ଟର–୧୪ ଡିପିଏସ୍ ସ୍କୁଲ, ସମୟ: ସକାଳ ୮ଟା।
- ନୃତ୍ୟ ଅନୁରାଗ ପକ୍ଷରୁ ନାଟ୍ୟ କର୍ମଶାଳା, ସ୍ଥାନ: ସେକ୍ଟର–୨୦ ଏକତା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଇନ୍ଦିରା ମହିଳା ସମିତି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ହୋଟେଲ ସୋଲେସ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଶ୍ରୀ ଶ୍ରୀ ସୁରଭି ଯଜ୍ଞ ଓ ଗୋପାଷ୍ଟମୀ ମହୋତ୍ସବ,ସ୍ଥାନ: ଆନନ୍ଦକୁଞ୍ଜ ଆଶ୍ରମ, ଭୁଦୁବାହାଲ, ଗାଇସିଲେଟ,ସମୟ: ସକାଳ ୯ଟା।
- ପୁରାତନ ଛାତ୍ରୀଛାତ୍ରଙ୍କ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ,ସମୟ:ସନ୍ଧ୍ୟା ୬ଟା।
- ନାଟକ ଜୀବନ ତାକର୍, ସ୍ୱାଧୀନତା ଆମର୍ (ମାଧୋ ସିଂ) ମଞ୍ଚସ୍ଥ,ସ୍ଥାନ:ସମଲେଶ୍ୱରୀ ମଣ୍ଡପ, ତଳିପଡ଼ା, ବରଗଡ଼,ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ସାଇବର ଅପରାଧ ଉପରେ କର୍ମଶାଳା, ସ୍ଥାନ:ଭବାନୀପାଟଣା ସ୍ଥିତ ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୧ଟା।
- ମା' ମାଣିକେଶ୍ୱରୀଙ୍କ ବିଶ୍ୱ ବିଦ୍ୟାଳୟରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀଙ୍କ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ଥାନ: ରୁଣ୍ଡିମହୁଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, କଣ୍ଟାମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଶିଶୁ ଉତ୍ସବ ମହକ–୨୦୨୫, ସ୍ଥାନ: ଦେବଗଡ଼ସ୍ଥିତ ସେଣ୍ଟର୍ ଫର୍ କଲଚର୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟେ ଷଷ୍ଠ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ସନ୍ତୁଳନ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଅଲେଖ ମହିମା ଅଷ୍ଟପ୍ରହର ଭଜନ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ବିନିକା ମହିମା ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଦିବସ ଅବସରରେ ଏକତା ପାଇଁ ଗଣଦୌଡ, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୬ଟା ୩୦।
- ବଜରଙ୍ଗ ଦଳ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶିଶୁ ଓ ପ୍ରସୂତି ମା' ବିଭାଗ ପରିସର, ସମୟ: ସକାଳ ୯ଟା୩୦।
- ତରଭା ବ୍ଲକ ପୁଆର ପ୍ରସିଦ୍ଧ କଳାସୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପୁଆ ବନ୍ଧ ନିକଟସ୍ଥ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ହଠାତ୍ ସକାଳୁ ସକାଳୁ ବିଗିଡ଼ିଯାଇଥିବା ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କରେ ଚିନ୍ତା କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। ଅଭାବ ଦୂରେଇବା କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କ, ବନ୍ଧୁପ୍ରୀତି, ଅର୍ଥପ୍ରାପ୍ତି , ଯାତ୍ରା ଓ ଆଲୋଚନା ବାଧାପ୍ରାପ୍ତ ହେବ।

**ବୃଷ** – ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ଚେଷ୍ଟା କରିବେ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିପାରେ।

**ମିଥୁନ** – ଆଜି ଯେମିତି ଯାହା ଆଶା କରୁଛନ୍ତି ସେହିପରି ପାଇବାରେ ଅସୁବିଧା ରହିବ ନାହିଁ। ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**କର୍କଟ** – କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହ କିମ୍ବା ମନାନ୍ତର ଘଟିପାରେ। ଟିକିଏ ଟିକିଏ କଥାରେ ବିରକ୍ତ ହେଲେ ପାରିବାରିକ ସମସ୍ୟା ବଢ଼ିଯାଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇବାର ଆଶା ରହିଛି।

**ସିଂହ** – ପୂର୍ବର କଳହକୁ ନେଇ ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ବିଭିନ୍ନ ପ୍ରତିବନ୍ଧକଜନିତ ବିଳମ୍ବରେ କାମ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରିବ। ଆଶା କରୁଥିବା ଦିଗରୁ କିଛି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

**କନ୍ୟା** – ଦିନଟି ବହୁତ ଭଲ ମାତ୍ର କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିବ। ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଓ ସାହାଯ୍ୟ ସହଯୋଗ ପାଇପାରନ୍ତି। ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ ପଛରେ ସମାଲୋଚନା କରିପାରନ୍ତି।

**ତୁଳା** – କେତେକ କଥାରେ ମନ ଚାହୁଁ ନ ଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ଚଳିବାକୁ ପଡ଼ିବ। ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହେବାର ଆଶା ରହିଛି।

**ବିଛା** – କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ହୋଇଯିବ।

**ଧନୁ** – ଆଜିର ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁମିଳନ ସାଙ୍ଗକୁ ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି। ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଦ୍ୱାରା ସୁଫଳ ମିଳିବ। ଅତିରିକ୍ତ ଭ୍ରମଣ ହେତୁ କ୍ଳାନ୍ତି ଅନୁଭବ କରିପାରନ୍ତି। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି।

**ମକର** – ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବେ। ବାଣିଜ୍ୟ କ୍ଷେତ୍ରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇ ପାରେ।

**କୁମ୍ଭ** – ପରିବାରରେ ଅଭାବ ଅସୁବିଧା ଅସ୍ଥିରତାର ମୁଖ୍ୟ କାରଣ ହୋଇପାରେ। ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂଆ ଯୋଜନାରୁ ଖୁସି ରହିବେ। ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ।

**ମୀନ** – ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା ବିଚଳିତ କରିପାରେ ତଥାପି ଅନ୍ୟର ସେବା କରି ଖୁସି ରହିବେ।

ଆଜି ଅକ୍ଟୋବର ୩୦ ତାରିଖ, ବିଶ୍ୱ ମିତବ୍ୟୟିତା ଦିବସ, ଜଗମୋହନ ଭୋଗ, ଭାଗବତ ସପ୍ତାହ ଆରମ୍ଭ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, କାର୍ତ୍ତିକ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ଗୁରୁବାର, ରାଶିନକ୍ଷତ୍ର–ଶ୍ରବଣା/ମକର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୨୫ ଗତେ ଘ.୦୭।୧୧ ମଧ୍ୟେ, ଘ.୦୬।୦୦ ଗତେ ଘ.୦୯।୨୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୫୫ ଗତେ ଘ.୦୨।୨୦ ମଧ୍ୟେ ରାହୁ କାଳ।

# ବନ୍ଧୁକ ସହ ୭୨ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୯।୧୦(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦୁଇଟି ସ୍ଥାନରେ ବୁଧବାର ୭୨ ଜଣ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ର ବିଜାପୁର ଜିଲା ପୋଲିସ ନିକଟରେ ଦକ୍ଷିଣ ବସ୍ତର ଡିଭିଜନର ୫୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୯ଜଣ ମହିଳା ଓ ୪୨ ଜଣ ପୁରୁଷ ମାଓବାଦୀ ରହିଛନ୍ତି। ସେହିପରି କାଙ୍କେର ଜିଲା ପୋଲିସ ନିକଟରେ ମଧ ୨୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତେବେ ଏହି ସମସ୍ତ ମାଓବାଦୀ ଜଙ୍ଗଲ ଛାଡି ସହରମୁହାଁ ହେଉଥିବା ବେଳେ ସମସ୍ତେ ବନ୍ଧୁକ ସହ ଆତ୍ମସମର୍ପଣକରି ଅସ୍ତ୍ର ତ୍ୟାଗ କରିଥିବା କହିଛନ୍ତି। ମାଓବାଦୀ ସଂଗଠନ ଦିନକୁ ଦିନ ଭୁଶୁଡିବାରେ ଲାଗିଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଜାପୁର ପୋଲିସ ନିକଟରେ ମୋଟ ୪୬୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ୧୩୮ ଜଣ ମାଓବାଦୀ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ସେହିପରି ୪୮୫ ଜଣ ମାଓବାଦୀଙ୍କୁ ପୋଲିସ ଗିରଫ କରିଥିବା ବିଜାପୁର ଏସ୍‌ପି. ସୂଚନା ଦେଇଛନ୍ତି।



ବିଜାପୁର ଜିଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓଷକା କଡ଼ି**
**ମନେ ପଡୁଥିବ ଘଡ଼ିକି ଘଡ଼ି।**

ସମବୟସ୍କା ଦୁଇ ତରୁଣୀ ପରସ୍ପର ମଧ୍ୟରେ ମିତ୍ରତା ଗଢ଼ିବାକୁ ଯାଇ ଓଷକା ବସିଥାନ୍ତି। ଏହା ସଙ୍ଗାତ, ସହୀ ଓ ମିତର ଅନ୍ୟରୂପ ହୋଇଥାଏ। ଏହି ଭାବରେ ଦୁହେଁ ପରସ୍ପରକୁ ସ୍ମରଣ କରିଥାନ୍ତି। ଦୁଇ ବାନ୍ଧବୀଙ୍କ ମଧ୍ୟରେ ବନ୍ଧୁତାକୁ ବାନ୍ଧି ରଖିବା ନେଇ ଦୃଢ଼ ପ୍ରତିଶ୍ରୁତି ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଧ ଖାଇଗଲା ପାଣି କଖାରୁ,**
**ଗେଧ ଖାଇଗଲା ପାନ**
**ଭୁଆଁ ଖାଇଗଲା କୋଡ଼ି କୋଦାଳ,**
**କାଉ ନେଇଗଲା କାନ।**

ଅବିଶ୍ୱସନୀୟ ଘଟଣା ବେଳେବେଳେ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ସତର୍କତାରେ ଯିଏ ଯାହା ମାରିନିଏ, ଅସତର୍କ ରହିଲେ ନିଜର କିଛି ହରାଇବାକୁ ପଡ଼େ, ଯାହାକି ଜୀବଜନ୍ତୁଙ୍କ ଛଳରେ ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ନେତା ଏପଟସେପଟ,...

ପୂର୍ବତନ ମନ୍ତ୍ରୀ ତଥା ବରଗଡ ଜିଲା ଅତାବିରା ଅଞ୍ଚଳର ନାରୀ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ନେଇ ମଧ ଭୋଟର ଦ୍ୱନ୍ଦ୍ୱରେ ରହିଛନ୍ତି। ସ୍ନେହାଙ୍ଗିନୀ ଅତାବିରା ଅଞ୍ଚଳରେ ଲୋକପ୍ରିୟ ନେତ୍ରୀ ହୋଇଥିଲେ ମଧ ନୂଆପଡା ନିର୍ବାଚନମଣ୍ଡଳୀରେ ତାଙ୍କର ସେପରି ଲୋକପ୍ରିୟତା ନାହିଁ। ତାଙ୍କୁ ବାହାର ଜିଲାର ପ୍ରାର୍ଥୀ ବୋଲି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନେ ଟାର୍ଗେଟ କରୁଥିବାରୁ ନିର୍ବାଚନ ପ୍ରଚାରବେଳେ ବିଜେଡି ନେତା ଓ କର୍ମୀମାନେ ଅଡୁଆର ସମ୍ମୁଖୀନ ହେଉଛନ୍ତି। ଲୋକେ ଶଙ୍ଖଚିହ୍ନକୁ ଆଦର କରୁଥିଲେ ମଧ ଦଳୀୟ ପ୍ରାର୍ଥୀ ବଦଳକୁ ନେଇ ଅଡୁଆ ଦେଖାଦେଇଛି। ବିଶେଷକରି ଗ୍ରାମୀଣ ଅଞ୍ଚଳରେ ବିଜେଡିର ଚିହ୍ନ ଠିକ୍ ଥିଲେ ମଧ ପ୍ରାର୍ଥୀତ୍ୱକୁ ନେଇ ଅଡୁଆ ବଢ଼ିଛି। ବୁଧବାର ସ୍ନେହାଙ୍ଗିନୀ ନିର୍ବାଚନ ମଣ୍ଡଳୀର ସୁନାବେଡା ଅଞ୍ଚଳରେ ଗାଁକୁ ଗାଁ ଯାଇ ଭୋଟ ପ୍ରଚାର କରିଥିଲେ। କିଛି ଗାଁରେ ଭୋଟରମାନେ ଯେଭଳି ଶଙ୍ଖଚିହ୍ନକୁ ନେଇ ଆଗ୍ରହ ଦେଖାଇଥିଲେ ପ୍ରାର୍ଥୀଙ୍କୁ ଦେଖିବା ପରେ ନକାରାତ୍ମକ ମନ୍ତବ୍ୟ ଦେଉଥିବା ଶୁଣିବାକୁ ମିଳିଛି।

ଅନ୍ୟପଟେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଘାସିରାମ ମାଝି ୨୦୨୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ 'ଫୁଟ୍‌ବଲ ଖେଳାଳି' ଚିହ୍ନରେ ନିର୍ବାଚନ ଲଢ଼ି ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲେ। ସେତେବେଳେ ଘାସିରାମଙ୍କ ସମର୍ଥକମାନେ କଂଗ୍ରେସର ଟିକେଟ ବଣ୍ଟନ ନୀତିକୁ ଜୋରଦାର ସମାଲୋଚନା କରି ତାଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ପରାମର୍ଶ ଦେଇଥିଲେ। ଘାସିରାମ ମଧ ସମର୍ଥକଙ୍କ କଥା ମାନି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ଶକ୍ତି ପ୍ରଦର୍ଶନ କରିଥିଲେ। ତେବେ ଗତ ନିର୍ବାଚନର ପ୍ରାୟ ୧୭ ମାସ ପରେ ଏବେ ଘାସିରାମ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ଚିହ୍ନ ବି ବଦଳି ଯାଇ ହାତଚିହ୍ନ ହୋଇଯାଇଛି। ତାଙ୍କର ସବୁଠୁ ବେଶୀ ସମର୍ଥକ ଆଦିବାସୀ ସମ୍ପ୍ରଦାୟର ରହିଛନ୍ତି ବୋଲି କୁହାଯାଉଛି। ସେ ଏବେ କଂଗ୍ରେସ ପ୍ରାର୍ଥୀ ହୋଇଥିବାରୁ ଭୋଟର ଏବଂ ତାଙ୍କ ସମର୍ଥକମାନେ ଏହାକୁ କିପରି ଗ୍ରହଣ କରିବେ ତାହା ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ନୂଆପଡା ନିର୍ବାଚନ ମଣ୍ଡଳୀର ଭୋଟରମାନେ ତିନି ପ୍ରମୁଖ ଦଳର ପ୍ରାର୍ଥୀ ଏପଟସେପଟକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସେମାନଙ୍କ ଦଳୀୟ ନିର୍ବାଚନ ଚିହ୍ନ ମଧ ଅଡୁଆ ବଢ଼ାଇଛି। ଅନେକଙ୍କ ନିର୍ବାଚନୀ ପ୍ରଚାର ସଭାରେ ଏହି ଆଭାସ ମିଳିଲାଣି। ଚଳିତ ଉପନିର୍ବାଚନରେ ନେତାମାନେ ନିଜ ସ୍ୱାର୍ଥ ପାଇଁ ଏପଟସେପଟ ହୋଇଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରାର୍ଥୀମାନଙ୍କ ଏପଟସେପଟ ହେବା ଏବଂ ସେମାନଙ୍କ ଦଳୀୟ ଚିହ୍ନ ବଦଳିଯିବା ଏଠାକାର ଭୋଟରମାନଙ୍କୁ ଯେ ଅଡୁଆରେ ପକାଇବ ଏହା ଜଳ ଜଳ ଦେଖାଗଲାଣି।

## କମ୍ପାନୀ ମିଥ୍ୟାରେ ...

ପ୍ରଦାନ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ, ଡିଙ୍ଗିଆ, ନୂଆଗାଁ, ଗଡ଼କୁଞ୍ଜଙ୍ଗ, ବାଲିତୁଠ, ବାମଦେଇପୁର, ଛଡୁଆ ପଞ୍ଚାୟତରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିଃ. ବେଆଇନ ନିର୍ମାଣ କାର୍ଯ୍ୟ କରୁଛି। ସେଠାରେ ଦଶନ୍ଧି ଦଶନ୍ଧି ଧରି ଚାଷ ଉପରେ ନିର୍ଭର କରୁଥିବା ଏହିସବୁ ଗ୍ରାମବାସୀଙ୍କ କ୍ଷେତ ଉଜୁଡ଼ିଯାଇଛି। ଜୀବନଜୀବିକା ଦୁର୍ବିସହ ହୋଇପଡୁଛି। କମ୍ପାନୀ ପକ୍ଷରୁ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳି ନ ଥିବାବେଳେ ଥଇଥାନ ନୀତି ପାଳନ ହୋଇନାହିଁ। ଯେଉଁମାନେ କମ୍ପାନୀର ଏଭଳି ବେଆଇନ କାର୍ଯ୍ୟକୁ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରୁଛନ୍ତି, ସେମାନଙ୍କ ନାଁରେ ମିଥ୍ୟା ମାମଲା ରୁଜୁ କରାଯିବା ସହ ଅପରାଧୀ ସଜାଇ ଦିଆଯାଉଛି, ଯଦ୍ୱାରା ଲୋକଙ୍କ ମୌଳିକ ଅଧିକାର ୧୯(୧)(ଏ) ଏବଂ ୧୯(୧)(ବି) କ୍ଷୁଣ୍ଣ ହେଉଛି।

ପିନାକୀ ପୁଣି ଅଭିଯୋଗରେ ଦର୍ଶାଇଛନ୍ତି, କମ୍ପାନୀ ସରକାରଙ୍କୁ କହିଛି ଯେ ଗୋଟିଏ ବି ଗଛ ସେ ଅଞ୍ଚଳରୁ କଟାଯାଇନାହିଁ। କିନ୍ତୁ ବାସ୍ତବରେ ଉକ୍ତ ଅଞ୍ଚଳରୁ ୧୦ ଲକ୍ଷ ଗଛ କଟାଯାଇଛି। ଏଥିପାଇଁ ବନ୍ୟପ୍ରାଣୀମାନେ ବାସଚ୍ୟୁତ୍ ହୋଇପଡ଼ିଛନ୍ତି, ଯାହା ବନ୍ୟପ୍ରାଣୀ ସୁରକ୍ଷା ଆଇନ–୧୯୭୨ର ଖୋଲାଖୋଲି ଉଲ୍ଲଂଘନ। ଏହାବାଦ୍ କମ୍ପାନୀ କର୍ତ୍ତୃପକ୍ଷ କିଭଳି ବିଭିନ୍ନ ପ୍ରକାର ମିଥ୍ୟା ତଥ୍ୟ ସରକାରଙ୍କୁ ଦେଇ ନିର୍ମାଣ କାର୍ଯ୍ୟ କରୁଛି ସେ ସମ୍ପର୍କରେ ପିନାକୀ ଟିକିନିଖି ଦର୍ଶାଇଛନ୍ତି।

## ବେଆଇନ ଉତ୍ତୋଳନ ...

ବୋଲି କହିଥିଲେ। ସତ୍ୟାଗ୍ରହରେ ପୂର୍ବତନ ସରପଞ୍ଚ ଗୋପାଳ ସେଠୀ, ସତ୍ୟବ୍ରତ ଜେନା, ଆଲୋକ ବେହେରା, ବିଜୟ ସାହୁ, ସୁଲି ଜେନା, ଅହଲ୍ୟା ସାହୁ, ରିତାଞ୍ଜଳି ସାହୁ, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନାଙ୍କ ସମେତ ୩ଶହରୁ ଅଧିକ ସତ୍ୟଗ୍ରହୀ ସାମିଲ ହୋଇଥିଲେ। ଉପଜିଲାପାଳ ନୀଳମାଧବ ସୁନା ସତ୍ୟାଗ୍ରହୀଙ୍କ ସହ ଆଲୋଚନା କରିଥିଲେ ମଧ ନିଷ୍କର୍ଷ ବାହାରିପାରିନାହିଁ।

## ଓଡ଼ିଶା ସରକାରଙ୍କ ...

ନିର୍ଦ୍ଦେଶ ଦେବା ସହ ଅନେକ ରାୟ ପ୍ରକାଶ କରିଛନ୍ତି। ତେବେ ଖଣି ଖନନକାରୀ ସଂସ୍ଥାଗୁଡ଼ିକ ଟାଳଟୁଳ ନୀତି ଆପଣାଇଥିବା ସମ୍ପର୍କରେ ରାଜ୍ୟ ସରକାର ନିକଟରେ ଏନେଇ ଦାଖଲ କରିଥିବା ଷ୍ଟାଟସ୍ ରିପୋର୍ଟରୁ ପ୍ରଘଟ ହୋଇଛି। ୨୦୧୭ ଡିସେମ୍ବର ୩୧ ସୁଦ୍ଧା ୨,୭୪୫ କୋଟି ଟଙ୍କାର ବକେୟା (ସୁଧକୁ ବାଦ୍ ଦେଇ) ପଇଠ ହୋଇଯିବା ଉଚିତ ଥିଲା। ସୁଧକୁ ମିଶାଇଲେ ଏହା ପ୍ରାୟ ଦୁଇଗୁଣା ହୋଇଯିବ ବୋଲି ପ୍ରଶାନ୍ତ ଭୂଷଣ କହିଥିଲେ। ଅନ୍ୟପକ୍ଷେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଆଡଭୋକେଟ ଜେନେରାଲ ଖଣ୍ଡପୀଠଙ୍କୁ ସମୟ ମାଗିଛନ୍ତି। ଯାହା ଆଇନଗତ ପଦକ୍ଷେପ ନିଆଯିବା ଆବଶ୍ୟକ, ସେସବୁ ନିଆଯିବ ବୋଲି ଏଜି କହିଛନ୍ତି। ତେବେ ଖିଲାପକାରୀଙ୍କଠାରୁ ବକେୟା ଆଦାୟ ନେଇ ବ୍ୟକ୍ତିଗତ ଭାବେ ଏଜି ଉପଯୁକ୍ତ ପଦକ୍ଷେପ ନେବେ ବୋଲି କହିଥିବା ଖଣ୍ଡପୀଠ ପ୍ରକାଶ କରିଛନ୍ତି। ଓଡ଼ିଶା ସରକାର ଖିଲାପକାରୀ ଲିଜ୍‌ଧାରୀଙ୍କଠାରୁ ବକେୟା ଆଦାୟ ନେଇ ଯେଉଁ ପଦ୍ଧତି ଆପଣାଇଛନ୍ତି ତାକୁ ନେଇ ଆମେ ଅସନ୍ତୁଷ୍ଟ ବୋଲି ଖଣ୍ଡପୀଠ କହିଛନ୍ତି। ଏହା ଉପରେ ଡିସେମ୍ବର ୧ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପାଇଁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ସମୟ ଦେଇଛନ୍ତି। ଏହି ପ୍ରସଙ୍ଗରେ ୮ ସପ୍ତାହ ପରେ ଅର୍ଥାତ୍ ଡିସେମ୍ବର ୩ରେ ପରବର୍ତ୍ତୀ ଶୁଣାଣି କରାଯିବ।

# ମହିଳା ମତଦାତାଙ୍କ ଉପରେ ୩ ଦଳର ନଜର

## ନୂଆପଡ଼ା ଉପନିର୍ବାଚନ

### ପୁରୁଷଙ୍କଠୁ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ

ନୂଆପଡ଼ା,୨୯।୧୦ (ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବାବେଳେ ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରଚାରକୁ ଜୋରଦାର କରିଦେଲେଣି। ଏବେ ଏଠାରେ ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ ବିଭିନ୍ନ ଦଳର ହେଭିୱେଟ ନେତା ଡେରା ପକାଇ ପ୍ରଚାରରେ ଲାଗି ପଡିଛନ୍ତି। ଚଳିତ ଉପନିର୍ବାଚନରେ ୩୫୮ଟି ବୁଥ୍‌ରେ ସମୁଦାୟ ୨ଲକ୍ଷ ୫୩ହଜାର ୬୪୪ ଜଣ ମତଦାତା ମତ ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ୧ଲକ୍ଷ ୨୪ ହଜାର ୧୦୮ ଜଣ ପୁରୁଷ, ୧ଲକ୍ଷ ୨୯ ହଜାର ୪୯୫ ଜଣ ମହିଳା ଓ ୨୧ ଜଣ ତୃତୀୟଲିଙ୍ଗୀ ମତଦାତା ଅଛନ୍ତି। ନୂଆପଡ଼ା ଏନ୍‌ଏସିରେ ୧୩ ହଜାର ୮୨୮ ଜଣ ମତଦାତାଙ୍କ ମଧ୍ୟରୁ ୬ ହଜାର ୭୦୩ ଜଣ ପୁରୁଷ ଓ ୭ ହଜାର ୧୨୪ ଜଣ ମହିଳା ଭୋଟର ଅଛନ୍ତି। ଏଠାରେ ଜଣେ ତୃତୀୟଲିଙ୍ଗୀ ମତଦାତା ଅଛନ୍ତି। ସେହିପରି ଖରିଆର ରୋଡ ଏନ୍‌ଏସିରେ ୭ ହଜାର ୩୮୩ ଜଣ ପୁରୁଷ, ୮ ହଜାର ୩ ଜଣ ମହିଳା ଓ ଜଣେ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ନୂଆପଡ଼ା ବ୍ଲକରେ ୩୧ ପଞ୍ଚାୟତ ଓ ୩ ଜିଲା ପରିଷଦ ଜୋନ ରହିଥିବା ବେଳେ ୫୩ ହଜାର ୫୧୮ ଜଣ ପୁରୁଷ, ୫୫ ହଜାର ୩୮ ଜଣ ମହିଳା ଓ ୧୩ ଜଣ ତୃତୀୟ ଲିଙ୍ଗୀ ମତଦାତା ରହିଛନ୍ତି। ସେହିପରି କୋମନା ବ୍ଲକରେ ୩୨ ଗ୍ରାମ ପଞ୍ଚାୟତ, ୩ ଜିଲା ପରିଷଦ ଜୋନ ରହିଥିବା ବେଳେ ୫୬ ହଜାର ୫୦୪ ଜଣ ପୁରୁଷ, ୫୮ ହଜାର ୯୮୦ ଜଣ ମହିଳା ଓ ୬ ଜଣ ତୃତୀୟ ଲିଙ୍ଗୀ ମତଦାତା ରହିଛନ୍ତି। ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ଲକ ଓ ଏନ୍‌ଏସି ସବୁଠି ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷ ଭୋଟରଙ୍କଠୁ ଅଧିକ ଅଛନ୍ତି। ତେଣୁ ଚଳିତ ଉପନିର୍ବାଚନରେ ମହିଳା ଭୋଟର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆକଳନ କରାଯାଉଛି। ମହିଳା ଭୋଟରଙ୍କୁ ଆକୃଷ୍ଟ କରି ନିଜ ସପକ୍ଷକୁ ଆଣିବା ପାଇଁ ତିନି ପ୍ରମୁଖ ଦଳ ଜୋରଦାର ପ୍ରୟାସ କରୁଛନ୍ତି। ତିନିପ୍ରମୁଖ ଦଳ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ମହିଳା ସମାବେଶ କରାଯାଉଛି। ଭାଜପା ସୁଭଦ୍ରା ଯୋଜନା ଉପରେ ଫୋକସ କରୁଥିବା ବେଳେ ବିଜେଡ଼ି ସରକାରରେ ଥିବା ସମୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି ଗଠନ କରି ମହିଳାଙ୍କୁ ଆତ୍ମ ନିର୍ଭରଶୀଳ କରିଥିବା କହି ପ୍ରଚାର କରୁଛି। ଏହା ସହିତ ବିଜେଡି ମହିଳା ଭୋଟରଙ୍କୁ ହାତେଇବା ପାଇଁ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରି ମହିଳା କାର୍ଡ ଖେଳିଛି। ସେହିପରି କଂଗ୍ରେସ ମହିଳାଙ୍କୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିବା କହି ପ୍ରଚାର ଚଳାଇଛି।

# ମାଲବାହୀ ଟ୍ରେନ୍‌ର ୧୦ ବଗି ଲାଇନଚ୍ୟୁତ

## ରାଉରକେଲା-ରାଞ୍ଚି ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

ରାଉରକେଲା,୨୯।୧୦ (ସଙ୍ଗୀତା ଜେନା)



ବୁଧବାର ସକାଳେ ରାଉରକେଲା-ରାଞ୍ଚି ମୁଖ୍ୟ ରେଳ ଲାଇନ୍‌ରେ ଏକ ମାଲବାହୀ ଟ୍ରେନ୍‌ର ବଗିଗୁଡିକ ଲାଇନ୍‌ଚ୍ୟୁତ ହୋଇଛି।

ରାଉରକେଲା-ରାଞ୍ଚି ମୁଖ୍ୟ ରେଳ ଲାଇନରେ ବୁଧବାର ସକାଳେ ଏକ ମାଲବାହୀ ଟ୍ରେନ୍‌ର ପ୍ରାୟ ୧୦ଟି ବଗି ଲାଇନଚ୍ୟୁତ ହୋଇଛି। ଫଳରେ ଉକ୍ତ ମାର୍ଗରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏକାଧିକ ଟ୍ରେନ ବାତିଲ ଯୋଗୁ ରାଉରକେଲା ଷ୍ଟେଶନରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅପରପକ୍ଷେ ହାଟିଆ ଓ ବନ୍ଧମୁଣ୍ଡା ରେଲୱେ ରିଲିଫ୍ ଏବଂ ଉଦ୍ଧାରକାରୀ ଦଳକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଛି। ଏହି ଦୁର୍ଘଟଣାରେ ସେଭଳି ବଡ଼ଧରଣର କ୍ଷୟକ୍ଷତି ହୋଇ ନ ଥିବାବେଳେ ରେଲୱେ ପକ୍ଷରୁ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନ ୧୦ଟାରେ ବନ୍ଧମୁଣ୍ଡାରୁ ହାଟିଆ ଯାଉଥିବା ଏକ ବିଏସ୍‌ସିଏସ୍ ମାଲବାହୀ ଟ୍ରେନ୍‌ର ୧୦ଟି ବଗି ବାନୋ ଓ କନରୱା ଷ୍ଟେଶନ ମଧ୍ୟରେ ଲାଇନଚ୍ୟୁତ ହୋଇଥିଲା। ଦୁର୍ଘଟଣା ଏତେ ଅଧିକ ଥିଲା ଯେ, ଏଥିରେ ୨ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଓଭରହେଡ୍ ତାର କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଅପ୍ ଓ ଡାଉନ୍ ଲାଇନ୍‌ରେ ରେଳସେବା ବ୍ୟାହତ ହୋଇଥିଲା। ସୂଚନା ପାଇ ରେଲୱେ ସୁରକ୍ଷା ବାହିନୀ, ବାନୋ ପୋଲିସ ଷ୍ଟେଶନ ଅଧିକାରୀ ଏବଂ ରେଳ ବୈଷୟିକ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ସମୟରେ ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସକୁ ତାଟି ରେଳ ଷ୍ଟେଶନରେ ଅଟକାଯାଇ ରୁଟ୍ ପରିବର୍ତ୍ତନ କରାଯାଇଥିଲା। ସେହିପରି ଅନ୍ୟ ଏକାଧିକ ଟ୍ରେନର ରୁଟ୍ ପରିବର୍ତ୍ତନ କରାଯାଇଛି। ଚକ୍ରଧରପୁର ରେଳ ଡିଭିଜନରେ ଅନେକ ଟ୍ରେନକୁ ବାତିଲ ମଧ୍ୟ କରାଯାଇଛି। ହାଟିଆରୁ ପୁରୀ ଯାଉଥିବା ତପସ୍ୱିନୀ ଏକ୍ସପ୍ରେସ (ଉଭୟ ଅପ୍ ଆଣ୍ଡ ଡାଉନ୍) ବୁଧବାର ପାଇଁ ବାତିଲ କରାଯାଇଛି। ସମ୍ବଲପୁର-ଗୋରଖପୁର ଦେଇ ମୁରି ଅଭିମୁଖେ ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ କରାଯାଇଛି। ବିଶାଖାପାଟଣା-ବନାରସ ଏବଂ ବନାରସ-ବିଶାଖାପାଟଣା ରୁଟ୍‌ରେ ଟ୍ରେନଗୁଡ଼ିକୁ ମଧ୍ୟ ଅପରାହ୍ନ ସାଢ଼େ ୩ଟାରେ ମୁରି ଓ ଚକ୍ରଧରପୁର ଷ୍ଟେଶନ ଦେଇ ଛଡାଯାଇଛି। ଯଥାଶୀଘ୍ର ଅପ୍ ଏବଂ ଡାଉନ ଲାଇନ୍‌ରେ ରେଳ ଚଳାଚଳ ସ୍ୱାଭାବିକ କରାଯିବ। ସେହିପରି କ୍ଷତିଗ୍ରସ୍ତ ଟ୍ରାକ୍‌ଗୁଡ଼ିକର ଯାଞ୍ଚ କରାଯାଉଛି ଏବଂ ଶୀଘ୍ର ଯାତାୟାତ ପୁନଃ ସ୍ଥାପିତ କରିବା ପାଇଁ ପ୍ରୟାସ କରାଯାଉଛି ବୋଲି ରେଲୱେ ସୂତ୍ରରୁ ସୂଚନା ମିଳିଛି।

# କଂଗ୍ରେସ କାର୍ଯ୍ୟାଳୟରେ ପଶିଲା ପୋଲିସ



ଦଳୀୟ କର୍ମୀ ଓ ପୋଲିସ କଥା କଟାକଟି ହେଉଛନ୍ତି।

ନୂଆପଡ଼ା,୨୯।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନକୁ ନେଇ ସ୍ଥାନୀୟ ଖୁଣ୍ଟିଆ ଭବନରେ କଂଗ୍ରେସ ପକ୍ଷରୁ କାର୍ଯ୍ୟାଳୟ ଖୋଲାଯାଇଛି। ବୁଧବାର ପୂର୍ବାହ୍ନରେ ଏହି କାର୍ଯ୍ୟାଳୟରେ ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ ଚାଲିଥିଲା। ଏହି ସମୟରେ କଂଗ୍ରେସ ପକ୍ଷରୁ ଟଙ୍କା ବଣ୍ଟାଯାଉଛି ବୋଲି ଖବର ପାଇ ପୋଲିସ କାର୍ଯ୍ୟାଳୟ ଭିତରକୁ ପଶିଥିଲା। ସେ ସମୟରେ କଂଗ୍ରେସ ମୁଖପାତ୍ର ଓ ଅନ୍ୟ କର୍ମକର୍ତ୍ତା ପୋଲିସକୁ ପ୍ରଶ୍ନ କରିଥିଲେ। ଏଠାରେ ଖବରଦାତା ସମ୍ମିଳନୀ ଚାଲିଛି, ଆପଣ କାହିଁକି ଆସିଲେ ବୋଲି ପଚାରିଥିଲେ। ପୋଲିସ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ଟଙ୍କା ବଣ୍ଟାଯାଉଛି ବୋଲି ଅଭିଯୋଗ ପାଇ ତଦନ୍ତରେ ଆସିଥିଲୁ ବୋଲି କହିଥିଲା। ଏହାକୁ ନେଇ କାର୍ଯ୍ୟାଳୟ ବାହାରେ ପୋଲିସ ଓ ଦଳୀୟ କର୍ମୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ପୋଲିସ କାର୍ଯ୍ୟାଳୟ ଛାଡି ଚାଲିଯାଇଥିଲା।

# ଡ. ପବିତ୍ର ସାମଲ ଆଇନ ବିଭାଗ ସଚିବ ନିଯୁକ୍ତ

ଭୁବନେଶ୍ୱର,୨୯।୧୦ (ରବିନାରାୟଣ ଜେନା)

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ମଙ୍ଗଳବାର ରାଜ୍ୟ ଆଇନ ବିଭାଗ ସଚିବଙ୍କ ସହ ଅନ୍ୟ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶନାମା ଜାରି ହୋଇଛି। ହାଇକୋର୍ଟଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ଡ. ପବିତ୍ର ମୋହନ ସାମଲଙ୍କୁ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଅଶାନ୍ତ କୁମାର ଦାସଙ୍କୁ ଗଞ୍ଜାମର ବ୍ରହ୍ମପୁରସ୍ଥିତ ଜିଲା ସେସନ୍ସ ଜଜ୍ ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଜଗତ୍‌ସିଂହପୁର ଜିଲା ସେସନ୍ସ ଜଜ୍ ଭାବେ ଅବସ୍ଥାପିତ କରାଯାଇଛି।

# ମହୁମାଛି ଆକ୍ରମଣରେ ଜଣେ ମୃତ, ୨ ଗୁରୁତର



ମହୁମାଛି ଆକ୍ରମଣରେ ଗୁରୁତର ମାର୍କଣ୍ଡ ଓ ରାଜା।

ଚମ୍ପୁଆ,୨୯।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ବୁଧବାର ମହୁମାଛି ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ଏଥିସହ ୨ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାମଚନ୍ଦ୍ରପୁର ଗ୍ରାମର ମଝିସାହିର ନିରାଶ ମୁଣ୍ଡା (୭୦)। ଗୁରୁତ୍ୱର ଦ୍ୱୟ ମାର୍କଣ୍ଡ ମୁଣ୍ଡା (୫୦), ରାଜା ମୁଣ୍ଡା(୧୪)। ଉଭୟଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ନିରାଶ, ମାର୍କଣ୍ଡ, ରାଜାଙ୍କ ସମେତ ଗ୍ରମାର ଫୁଲମତି ମୁଣ୍ଡା ଓ ଅନ୍ୟ ଜଣେ ମହିଳା ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଛେଳି ଚରାଇବା ସମୟରେ ବଣୁଆ ମହୁମାଛି ପ୍ରଥମେ ରାଜାଙ୍କୁ ଆକ୍ରମଣ କରିଥିଲେ। ପରେ ମାର୍କଣ୍ଡ ମୁଣ୍ଡାଙ୍କୁ ଆକ୍ରମଣ କରିବାରୁ ସମସ୍ତେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଦୌଡ଼ି ପଳାଇବା ସମୟରେ ନିରାଶ ମଧ ଆକ୍ରମଣର ଶିକାର ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରେ ଉପସ୍ଥିତ ଲୋକେ ତୁରନ୍ତ ୩ ଜଣଙ୍କୁ ଚମ୍ପୁଆ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ନିରାଶଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ରାଜା ଓ ମାର୍କଣ୍ଡଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

# ଲୌହ ପଥର ଖଣିରେ ଖଣି ବିଭାଗର ଯାଞ୍ଚ

ଟେନ୍‌ସା, ୨୯।୧୦ (ସମୀର କୁମାର ପାଢୀ)

ସୁନ୍ଦରଗଡ଼ ଜିଲା କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ନୂଆଗାଁରେ ଥିବା ଜିଭିପିଆର୍ ସଂସ୍ଥାର ଲୌହ ପଥର ଖଣିରେ ବୁଧବାର ଖଣିବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। କୋଇଡା ଖଣି ବିଭାଗର ୩ଜଣ ଅଧିକାରୀ ଖଣି ନିକଟରେ ପହଞ୍ଚି ଯାଞ୍ଚ କରିଥିଲେ। ପୂର୍ବାହ୍ନ ୧୧ଟାରେ ଖଣିରେ ପହଞ୍ଚି ଗଚ୍ଛିତ ରହିଥିବା ଲୌହ ପଥର ବା ଚାଟା (ଷ୍ଟାକ)ଗୁଡିକୁ ୧ଘଣ୍ଟା ପର୍ଯ୍ୟନ୍ତ ଯାଞ୍ଚ କରିବା ପରେ ଫେରି ଯାଇଥିଲେ। ଗତ କିଛି ଦିନ ତଳେ ଜିଭିପିଆର୍ ସଂସ୍ଥା ନୂଆଗାଁ ଲୌହ ଖଣିକୁ ଅକ୍ସନରେ ପାଇଥିଲା। ନିମ୍ନମାନର ଲୌହପଥର ପରିବହନ ଲାଗି ଅନୁମତି ପାଇ ଉଚ୍ଚମାନର ଲୌହ ଖଣିଜ ପଥର ପରିବହନ କରୁଥିବା ନେଇ ଖଣି ବିଭାଗରେ ଅଭିଯୋଗ ହେବା ପରେ ଯାଞ୍ଚ କରାଯାଇଥିଲା। ଏ ନେଇ କୋଇଡା ଖଣି ବିଭାଗର ଉପନିର୍ଦ୍ଦେଶକ ଅସୀତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ପାଇବା ପରେ ୩ଜଣ ଅଫିସରଙ୍କୁ ଜିଭିପିଆର୍ ଖଣି ଖନନ କରୁଥିବା ସ୍ଥାନକୁ ଯାଞ୍ଚ ପାଇଁ ପଠାଇଥିଲୁ। ସେମିତି କିଛି ଅନିୟମିତତା ହୋଇନାହିଁ ବୋଲି ପ୍ରକାଶ କରିଥିଲେ।

# ୬୦ ସ୍ଥାନରେ ଗଛ କାଟି ସଫା କଲା ଅଗ୍ନିଶମ ଟିମ୍





## ବାତ୍ୟା 'ମୋନ୍ଥା' ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ଜାରି

ଭୁବନେଶ୍ୱର,୨୯।୧୦ (ସତ୍ୟଜିତ ରାଉତ)

ବାତ୍ୟା 'ମୋନ୍ଥା' ଦ୍ୱାରା ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲା ଅଧିକ ପ୍ରଭାବିତ ହୋଇଛି। ସେସବୁ ଜିଲାରେ ଅଗ୍ନିଶମ ସେବା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତେବେ ଏଯାଏ ଅଗ୍ନିଶମ ବାହିନୀ ମୋଟ ୬୦ ସ୍ଥାନରେ ଗଛ କାଟି ରାସ୍ତା ସଫା କରିଥିବାବେଳେ ଅନ୍ୟାନ୍ୟ ଉଦ୍ଧାର କାର୍ଯ୍ୟ କରାଯାଉଥିବା ବୁଧବାର ସୂଚନା ଦିଆଯାଇଛି। ଗଜପତି ଜିଲାର ଗୁମ୍ମା ବ୍ଲକ ଅନ୍ତର୍ଗତ ରୁଙ୍ଗୁରୁଙ୍ଗୁବାଠାରେ ଏକ ଗଛ ଉପୁଡ଼ିପଡ଼ିବାରୁ ଜଣେ ବ୍ୟକ୍ତିଙ୍କ ଗୁହାଳ କ୍ଷତିଗ୍ରସ୍ତ ହୋଇଥିଲା। ସେଥିରେ ଥିବା ଦୁଇଟି ଗାଈ ଗୁରୁତର ଆହତ ହୋଇଥିଲେ। ଗୁମ୍ମା ଅଗ୍ନିଶମ କେନ୍ଦ୍ରର ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଗାଈକୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନାନ୍ତର କରିଥିଲେ। ଅନ୍ୟ ଏକ ଘଟଣାରେ ଗଜପତି ଜିଲା ମୁନିସିଂ ହାଇସ୍କୁଲ ନିକଟରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିବାରୁ ରାସ୍ତା ଅବରୋଧ ହୋଇଥିଲା। ଗୁମ୍ମା ଅଗ୍ନିଶମ ଟିମ୍ ଗଛ କାଟିରାସ୍ତା ସଫା କରିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେପଟେ କୋରାପୁଟ ଜିଲା ନନ୍ଦପୁର ଅଗ୍ନିଶମ ଟିମ୍ ଭଣ୍ଡାରୀସାହିସ୍ଥିତ ଏକ ଘର ଛାତ ଉପରେ ପଡ଼ିଥିବା ବଡ଼ ଗଛକୁ ସଫା କରିବାରୁ ବଡ଼ ଦୁର୍ଘଟଣାରୁ ପରିବାର ବର୍ତ୍ତି ଯାଇଥିବା ସୂଚନା ଦିଆଯାଇଛି। ଗଜପତି ଜିଲାରେ ସର୍ବାଧିକ ୧୬ ସ୍ଥାନ ଓ ଗଞ୍ଜାମ ଜିଲାର ୯ଟି ଅଞ୍ଚଳରେ ଗଛ କଟାଯାଇ ରାସ୍ତା ସଫା କରାଯାଇଛି। ସେହିପରି କୋରାପୁଟ ଜିଲାରେ ୧୪ଟି ଘଟଣାରେ ଉଦ୍ଧାର କାର୍ଯ୍ୟ କରାଯାଇଛି। ରାୟଗଡା ଜିଲାରେ ୭ଟି ସ୍ଥାନ, କନ୍ଧମାଳରେ ୩, ମାଲକାନଗିରିରେ ୨, ବଲାଙ୍ଗୀରରେ ୨ଟି ସ୍ଥାନରେ ଗଛ ହଟାଯାଇଛି। ସେହିପରି ମୟୂରଭଞ୍ଜର କପ୍ତିପଦାର ପେଡ଼ାଗଡ଼ି, କଟକ ଏବଂ କେନ୍ଦୁଝର ଚମ୍ପୁଆ ନୋଡାଲ୍ ଗାର୍ଲ୍ସ ହାଇସ୍କୁଲ୍ ଅଞ୍ଚଳରେ ପଡ଼ିଥିବା ଗଛ ହଟାଯାଇଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲାରେ ୪ଟି ଏବଂ ପୁରୀ ଜିଲାରେ ୪ଟି ସ୍ଥାନରେ ଜଳ ନିଷ୍କାସନ କରାଯାଇଛି। ଗଜପତି ଜିଲା ରାମଗିରି ଓ ଗର୍ଭାରେ ୨ଟି ଭୂସ୍ଖଳନ ଘଟଣା ଏବଂ କୋରାପୁଟ ଜିଲାର ବରିପୁର ଘାଟିରେ ଗୋଟିଏ ଭୂସ୍ଖଳନ ଘଟଣାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏନେଇ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଭୁବନେଶ୍ୱରରେ ୨୪ ଘଣ୍ଟିଆ ରାଜ୍ୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ଆମେ ବିପର୍ଯ୍ୟୟ ପରର ସ୍ଥିତିକୁ ପୂର୍ବବସ୍ଥାକୁ ଫେରିଆଣିବାକୁ ଚେଷ୍ଟା କରୁଛୁ ବୋଲି ଡିଜି କହିଛନ୍ତି।

# ସ୍କୁଟି ଡିକି ଭାଙ୍ଗି ୧୦ ଲକ୍ଷ ଲୁଟ୍

ମଙ୍ଗୁଳି-ଜଗତପୁର, ୨୯।୧୦ (ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ୪ଜଣ ଦୁର୍ବୃତ୍ତ ସ୍କୁଟି ଡିକି ଭାଙ୍ଗି ୧୦ ଲକ୍ଷ ଟଙ୍କା ଲୁଟ କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ବୁଧବାର ଅପରାହ୍ନରେ ଟାଙ୍ଗୀ ଥାନା ଅଧୀନ ନପଙ୍ଗ ପଞ୍ଚାୟତ କୋରକୋର ଗ୍ରାମର ରବୀନ୍ଦ୍ର ତ୍ରିପାଠୀ ଟାଙ୍ଗୀସ୍ଥିତ ତ୍ରିମ୍‌ସ ଛକ ନିକଟ ଏକ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ପରେ ସେ ଆସି ଘର ସମ୍ମୁଖରେ ସ୍କୁଟିକୁ ଛିଡା କରିଥିଲେ। ଏହି ସମୟରେ ରବୀନ୍ଦ୍ରଙ୍କ ମୋବାଇଲକୁ ଏକ ଫୋନ କଲ ଆସିଥିଲା। ରବୀନ୍ଦ୍ର ମୋବାଇଲରେ କଥାହୋଇ ଅନ୍ୟ ମନସ୍କରେ ଡିକିରୁ ଟଙ୍କା ବାହାର ନ କରି ଘର ଭିତରକୁ ଚାଲି ଯାଇଥିଲେ। ହଠାତ୍ ଦୁଇଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ସ୍କୁଟି ଡିକି ଭାଙ୍ଗି ଟଙ୍କା ନେଇ ବାଇକ୍‌ରେ ଫେରାର ହୋଇଯାଇଥିଲେ। ରବୀନ୍ଦ୍ର ତୁରନ୍ତ ଏ ସମ୍ପର୍କରେ ଟାଙ୍ଗୀ ଥାନାକୁ ଖବର ଦେବା ପରେ ଟାଙ୍ଗୀ ଥାନା ଅଧିକାରୀମାନେ ବ୍ୟାଙ୍କର ଲାଗିଥିବା ସିସିଟିଭି ଯାଞ୍ଚ କରୁଛି। ଟାଙ୍ଗୀ ଥାନା ଇନଚାର୍ଜଙ୍କୁ ପଚାରିବାରୁ ୧୦ ଲକ୍ଷ ଟଙ୍କା ଲୁଟ ଅଭିଯୋଗ ଆସିଛି, କିନ୍ତୁ କେସ୍ ହୋଇନି। କେତେ ଟଙ୍କା ଚୋରି ହୋଇଛି, ବ୍ୟାଙ୍କର ସିସିଟିଭି ଯାଞ୍ଚ ଚାଲିଛି। ଯାଞ୍ଚ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି କହିଥିଲେ।

# ଆସନ୍ତାକାଲିକୁ ଜୟ କରନ୍ତୁ

## ବିଶ୍ୱ ସଞ୍ଚୟ ଦିବସ



ଟଙ୍କା ସଞ୍ଚୟର ଗୁରୁତ୍ୱ ବିଷୟରେ ସଚେତନ କରାଇବା ଲାଗି ପାଳିତ ହୋଇଆସୁଛି ବିଶ୍ୱ ସଞ୍ଚୟ(ବଚତ୍) ଦିବସ। ଏହି ଦିବସ ଆମ ଦେଶରେ ଅକ୍ଟୋବର ୩୦ ଏବଂ ବିଶ୍ୱ ସ୍ତରରେ ଅକ୍ଟୋବର ୩୧ରେ ପାଳନ କରାଯାଏ। ଟଙ୍କା ଘରେ ରଖିବା ପରିବର୍ତ୍ତେ ବ୍ୟାଙ୍କରେ ସଞ୍ଚୟ କରିବାର ଧାରଣା ବିଷୟରେ ସୂଚନା ଦେବା ନିମନ୍ତେ 'ବିଶ୍ୱ ସଞ୍ଚୟ ଦିବସ' ୧୯୨୪ ମସିହାରେ ପ୍ରଥମେ ଇଟାଲୀରେ ଆରମ୍ଭ ହୋଇଥିଲା। ଏହାର ସୂତ୍ରଧର ଥିଲେ ଇଟାଲୀୟ ପ୍ରଫେସର ଫିଲିପୋ ରବିଜା। ଚଳିତବର୍ଷ ଏହି ଦିବସଲାଗି ବିଷୟବସ୍ତୁ ରହିଛି 'ଆପଣଙ୍କର ଆସନ୍ତାକାଲିକୁ ଜୟ କରନ୍ତୁ'। ଯାହା ବିଶ୍ୱ ସଞ୍ଚୟ ଏବଂ ଖୁଚୁରା ବ୍ୟାଙ୍କିଂ ପ୍ରତିଷ୍ଠାନ (ଡବ୍ଲ୍ୟୁଏସ୍‌ବିଆଇ) ଦ୍ୱାରା ଆରମ୍ଭ କରାଯାଇଛି। ଏଥି ସହ ଜଡିତ ଏକ ଅଭିଯାନ 'ଏହା ଏକ ସଞ୍ଚୟ ଆକାଉଣ୍ଟ ନୁହେଁ' ବାର୍ତ୍ତା ବହନ କରେ। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଲୋକେ ସଞ୍ଚୟକୁ କେବଳ ବ୍ୟାଙ୍କରେ ଟଙ୍କା ରଖିବା ଅପେକ୍ଷା ଅଧିକ କିଛି ଦେଖାଇ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା। ଏହା ସୂଚିତ କରେ ଯେ, ସଞ୍ଚୟ କିପରି ବ୍ୟକ୍ତି, ପରିବାର ଏବଂ ସମ୍ପ୍ରଦାୟ ସକାଶେ ଆର୍ଥିକ ସ୍ଥିରତା, ସୁରକ୍ଷା ଏବଂ ଏକ ସ୍ଥିର ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରେ। ଏଥିସହିତ ଆସନ୍ତା କାଲିକୁ ସୁରକ୍ଷିତ କରିବା ପାଇଁ ଆଜି ପ୍ରସ୍ତୁତ ହେବାର ଧାରଣାକୁ ପ୍ରୋତ୍ସାହିତ କରେ।


# ଝୋଟ ପାଇଁ ଭାରତ ସରକାରଙ୍କ ତରଫରୁ ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ର ଘୋଷଣା

ଭାରତ ସରକାର ଛଅଗୋଟି ଝୋଟ ଉତ୍ପାଦନକାରୀ ରାଜ୍ୟରେ ଭାରତୀୟ ଝୋଟ ନିଗମ ଲିମିଟେଡ୍ (ଜେସିଆଇ)ର ୧୧୦ଟି କ୍ରୟ କେନ୍ଦ୍ର ଓ ୧୪ଟି ଆଞ୍ଚଳିକ କାର୍ଯ୍ୟାଳୟ ମାଧ୍ୟମରେ ଚାଷୀମାନଙ୍କୁ ଏମ୍‌ଏସ୍‌ପି ସହାୟତା ପ୍ରଦାନ କରୁଛନ୍ତି

JCI ଭାରତୀୟ ଝୋଟ ନିଗମ ଲିମିଟେଡ୍ (ଜେସିଆଇ) କଞ୍ଚା ଝୋଟ ପାଇଁ କେନ୍ଦ୍ରୀୟ ନୋଡାଲ ଏଜେନ୍ସି ଅଟେ

ଏମ୍‌ଏସ୍‌ପି ଦର : ୨୦୨୫-୨୬

ସାରା ଭାରତରେ ୨୦୨୫-୨୦୨୬ ଫସଲ ଋତୁ ପାଇଁ କଞ୍ଚା ଝୋଟ ମେସ୍ତା ଓ ବିମ୍‌ଲିର ବିଭିନ୍ନ କିସମ ଓ ଗ୍ରେଡ୍ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନିମ୍ନ ଅନୁଯାୟୀ ସ୍ଥିର କରାଯାଇଛି:

ସମଗ୍ର ଭାରତ

| କିସମ | ଗ୍ରେଡ୍ ⇨ | ଟିଡି-୧/ଡବ୍ଲ୍ୟୁ୧ | ଟିଡି-୨/ଡବ୍ଲ୍ୟୁ୨ | ଟିଡି-୩/ଡବ୍ଲ୍ୟୁ୩ | ଟିଡି-୪/ଡବ୍ଲ୍ୟୁ୪ | ଟିଡି-୫/ଡବ୍ଲ୍ୟୁ୫ | |
|---|---|---|---|---|---|---|---|
| ଟୋସ୍ସା/ହ୍ୱାଇଟ୍ | ₹ / କୁଇଣ୍ଟାଲ | ୬୩୫୦ | ୬୧୫୦ | ୫୬୫୦ | ୫୧୨୫ | ୪୮୭୫ | |
| | | | | | | | |
| କିସମ | ଗ୍ରେଡ୍ ⇨ | ଏମ୍୧ / ଓ.ଟିଓପି | ଏମ୍୨ / ଏସ୍.ଏମ୍‌ଆଇଡି | ଏମ୍୩ / ଏମ୍‌ଆଇଡି | ଏମ୍୪ / ବିଓଟି | ଏମ୍୫ / ବି.ବିଓଟି | ଏମ୍୬ / ଏକ୍ସ.ବିଓଟି |
| ମେସ୍ତା / ବିମ୍‌ଲି | ₹ / କୁଇଣ୍ଟାଲ | ୪୧୩୫ | ୩୯୮୫ | ୩୮୬୦ | ୩୭୬୦ | ୩୬୬୦ | ୩୫୬୦ |

ଭାରତୀୟ ଝୋଟ ନିଗମ ଲିମିଟେଡ୍ (ଜେସିଆଇ) ୧୯୭୧ରେ ଏହାର ଗଠନ ପରଠାରୁ ଝୋଟ ଚାଷୀମାନଙ୍କୁ ସହାୟତା କରିଆସିଛି

- ୧୦ ବର୍ଷରେ ଏମ୍‌ଏସ୍‌ପି ୧୩୫% ବୃଦ୍ଧି - ସିୱାଇ ୨୦୧୪-୧୫ରେ ଥିବା ₹୨୪୦୦/କୁଇଣ୍ଟାଲ ସିୱାଇ ୨୦୨୫-୨୬ରେ ₹୫୬୫୦/କୁଇଣ୍ଟାଲକୁ ବୃଦ୍ଧି ପାଇଛି
- ନୂଆ ରାଜ୍ୟରେ ଏମ୍‌ଏସ୍‌ପି କାର୍ଯ୍ୟ ଆରମ୍ଭ - ନାଗାଲାଣ୍ଡ, ମେଘାଳୟ, ଝାଡ଼ଖଣ୍ଡ
- ୩ କାର୍ଯ୍ୟଦିବସ ମଧ୍ୟରେ ଚାଷୀଙ୍କୁ ଦେୟରାଶି ବିତରଣ
- ବାସ୍ତବ ସମୟ ଭିତ୍ତିରେ ସ୍ୱଚ୍ଛତା ଆଣିବା, ଅନୁସନ୍ଧାନଯୋଗ୍ୟତା, ମୂଲ୍ୟ ଆବିଷ୍କାର ତଥା ଦ୍ରବ୍ୟ ତାଲିକା ପରିଚାଳନା ପାଇଁ ବ୍ଲକ୍ ଚେନ୍ ଟେକ୍ନୋଲୋଜି ଭିତ୍ତିରେ ଇ-ଯୋଗାଣ ଶୃଙ୍ଖଳ ତଥା ଇ-ନିଲାମ ପ୍ଲାଟ୍‌ଫର୍ମ ଯୋଜନା ପଥରେ
- କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କଠାରୁ ତ୍ୱରିତ ଭାବେ ଉତ୍ପାଦ କିଣିବା ପାଇଁ ପରିଚାଳନା କାର୍ଯ୍ୟର ଡିଜିଟାଲାଇଜେଶନ୍
- ଜେସିଆଇ "ଏକ କାର୍ଯ୍ୟାନ୍ୱୟନକାରୀ ଏଜେନ୍ସି ଭାବେ" ୧୧ ବର୍ଷ ଧରି ଜ୍ୟୁଟ୍ ଏଗ୍ରୋନୋମି ଡେଭଲପମେଣ୍ଟ ପ୍ରୋଜେକ୍ଟ ଆଇ-କେୟାର୍‌ର ପରିଚାଳନା କରିଆସୁଛି
- ସବ୍‌ସିଡିଯୁକ୍ତ (୫୦%) ଉଚ୍ଚ ଅମଳକ୍ଷମ ପ୍ରମାଣିତ ବିହନ ବିତରଣ
- ଚାଷୀମାନଙ୍କ ପାଇଁ ଆଧୁନିକ କୃଷିବିଜ୍ଞାନ ଯନ୍ତ୍ରପାତି ନିଃଶୁଳ୍କରେ ବିତରଣ
- ନିଃଶୁଳ୍କ ରେଟିଂ ଆକ୍ସିଲିରେଟର୍ସ ବିତରଣ
- ନିଃଶୁଳ୍କ ପ୍ରଦର୍ଶନ ଓ ସଚେତନାତା କାର୍ଯ୍ୟକ୍ରମ
- ୨୦୧୫ଠାରୁ ୨.୧୫ ଲକ୍ଷ ହେକ୍ଟର ଜମିରେ ୫.୬ ଲକ୍ଷ ଚାଷୀମାନଙ୍କୁ ଲାଭାନ୍ୱିତ କରୁଛି






ଜେସିଆଇ ଶୁଭାରମ୍ଭ କରିଛି ପିଏଟି ମିତ୍ରୋ ଆପ୍ ଯାହା ଯୋଗାଉଛି:
- ଏମ୍‌ଏସ୍‌ପି ଦର ଏବଂ କ୍ରୟ କେନ୍ଦ୍ରର ସୂଚନା।
- କୃଷିବିଜ୍ଞାନ ପରାମର୍ଶ।
- ପାଣିପାଗର ସୂଚନା।
- ଝୋଟର ଗୁଣବତ୍ତା ମାନଦଣ୍ଡ।
- ସଂଗ୍ରହଣ ପରେ ଦେୟ ପରିଶୋଧ ସ୍ଥିତି।

ବିଗତ ଦୁଇ ଦଶନ୍ଧିରେ ଭାରତ ସରକାରଙ୍କ ଦ୍ୱାରା ଏମ୍‌ଏସ୍‌ପି ଜରିଆରେ କରାଯାଇଥିବା କ୍ରୟଗୁଡ଼ିକର ତୁଳନା (୨୦୦୪-୨୦୧୪ : ୨୦୧୫ - ୨୦୨୪)

| ୨୦୦୫-୨୦୧୪ | | ୨୦୧୫ - ୨୦୨୪ | |
|---|---|---|---|
| ପରିମାଣ (ଆନୁମାନିକ ଲକ୍ଷ ବେଲ୍‌ସରେ) | ମୂଲ୍ୟ (କୋଟି ₹ ରେ) | ପରିମାଣ (ଆନୁମାନିକ ଲକ୍ଷ ବେଲ୍‌ସରେ) | ମୂଲ୍ୟ (କୋଟି ₹ ରେ) |
| ୧୫ | ୩୮୦ | ୧୮ | ୧୩୪୫ |

JCI ଦ୍ୟ ଜୁଟ କର୍ପୋରେଶନ ଅଫ ଇଣ୍ଡିଆ ଲିମିଟେଡ
ଭାରତୀୟ ପଟସନ ନିଗମ ଲିମିଟେଡ
The Jute Corporation of India Limited
A Government of India CPSE under Ministry of Textiles
ମୁଖ୍ୟ କାର୍ଯ୍ୟାଳୟ: ପଟସାନ ଭବନ, ୩ୟ ଓ ୪ର୍ଥ ମହଲା, ବ୍ଲକ୍-ସିଏଫ୍, ଆକ୍ସନ୍ ଏରିଆ-୧ ନ୍ୟୁ ଟାଉନ୍, କୋଲକାତା-୭୦୦୧୫୬, ଫୋନ୍: (୦୩୩) ୨୨୫୨ ୧୧୦୦ / ୬୬୨୦ / ୬୬୬୦ / ୭୧୦୬ / ୭୧୦୯ ଫାକ୍ସ: (୦୩୩) ୨୨୫୨ ୧୬୭୧ | ଇମେଲ୍: jci@jcimail.in. www.jutecorp.in

ପଶ୍ଚିମବଙ୍ଗ: ଆଞ୍ଚଳିକ କାର୍ଯ୍ୟାଳୟ (ଆରଓ): କୋଲକାତା ଆରଓ, କ୍ରୀଶନଗର ଆରଓ, ବେଥୁଆଦାହାରି ଆରଓ, ବ୍ରହ୍ମପୁର ଆରଓ, ସିଲିଗୁଡ଼ି ଆରଓ, କୁଚ୍‌ବିହାର ଆରଓ, ମାଲ୍‌ଦା ଆରଓ

ଆସାମ: ଆରଓ: ଗୁଆହାଟି ଆରଓ, ଗୌରିପୁର ଆରଓ, ନାଗାଓଁ ଆରଓ
ବିହାର: ଆରଓ: ଫୋର୍ବସ୍‌ଗଞ୍ଜ ପର୍ଚେଜ୍ ସେଣ୍ଟର୍ସ
ଓଡ଼ିଶା: ଆରଓ: ଭଦ୍ରକ ଆରଓ ପର୍ଚେଜ୍ ସେଣ୍ଟର୍ସ (ଡିପିସି): ଧାମନଗର, ଭଦ୍ରକ, କେନ୍ଦୁପାଟଣା, ସାଲେପୁର, ଦାନପୁର, ମାର୍ଶାଘାଇ
ଆନ୍ଧ୍ରପ୍ରଦେଶ: ଆରଓ: ପାର୍ବତୀପୁରମ୍ ଆରଓ ପର୍ଚେଜ୍ ସେଣ୍ଟର୍ସ (ଡିପିସି): ବୋବିଲୀ, ପାର୍ବତୀପୁରମ୍, ଉଦୟପୁର, ତେଲିଆମୋରା
ତ୍ରିପୁରା: ଆରଓ: ଉଦୟପୁର ଆରଓ ପର୍ଚେଜ୍ ସେଣ୍ଟର୍ସ (ଡିପିସି): ଉଦୟପୁର, ତେଲିଆମୁରା

CBC 41122/15/0035/2526

କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା



# ସନ୍ଥଙ୍କ ରହସ୍ୟମୟ ମୃତ୍ୟୁ



ଦେବଦତ୍ତ ପଟ୍ଟନାୟକ

ଦ୍ୱାଦଶ ଶତାବ୍ଦୀରେ ଗୁଜରାଟ ଓ ମହାରାଷ୍ଟ୍ରରେ ଚକ୍ରଧର ସ୍ୱାମୀ ନାମକ ଜଣେ ବ୍ୟକ୍ତି ଥିଲେ। ସେ କୃଷ୍ଣଙ୍କ ଭକ୍ତି ବାଣୀ ପ୍ରଚାର କରୁଥିଲେ। ତାଙ୍କ କୃଷ୍ଣ ଭକ୍ତିରେ ରାଧାଙ୍କୁ ସେ ସମିଲକରି ନ ଥିଲେ। ତାଙ୍କ ଭକ୍ତି ଥିଲା ଅଦ୍ୱୈତ ଅର୍ଥାତ୍ ପରମେଶ୍ୱର କୃଷ୍ଣ ହିଁ ଏକ। ଏହି ଭକ୍ତି ପବିତ୍ରତା ଓ ବ୍ରହ୍ମଚର୍ଯ୍ୟ ଉପରେ ଆଧାରିତ ଥିଲା। ତେବେ ଜଣେ ଉଚ୍ଚ ଖ୍ୟାତିସମ୍ପନ୍ନ ପଣ୍ଡିତଙ୍କ ମତରେ, ସେ ସ୍ଥାନୀୟ ବ୍ରାହ୍ମଣ ସମୁଦାୟଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ ଏବଂ ଏମାନଙ୍କ ପ୍ରଭାବରେ ଯାଦବ ରାଜା ତାଙ୍କ ମୁଣ୍ଡ କାଟ ପାଇଁ ସୈନ୍ୟମାନଙ୍କୁ ପଠାଇଲେ। ଚକ୍ରଧର ସ୍ୱାମୀ କୌଣସି ପ୍ରକାରେ ସେହି ଆକ୍ରମଣରୁ ନିଜ ଜୀବନ ରକ୍ଷା କରିବା ପାଇଁ ସକ୍ଷମ ହୋଇଥିଲେ। ମୁଣ୍ଡଠାରୁ ଅଲଗା ହୋଇଥିବା ତାଙ୍କ ଶରୀର ପୁଣି ମୁଣ୍ଡକୁ ଉଠାଇ ଆଣି ତାଙ୍କ ବେକରେ ଲଗାଇଦେଇଥିଲେ। ସେ ପୁନର୍ଜୀବନ ପ୍ରାପ୍ତ ହୋଇ ଜଣେ ଯୋଗୀ ହେବା ପାଇଁ ହିମାଳୟ ଅଭିମୁଖେ ଯାତ୍ରା କରିଥିଲେ। ଏହିପରି ଭାବେ ଭକ୍ତି ମାର୍ଗର ସନ୍ନ୍ୟାସୀଙ୍କ ସହ ଲଢ଼େଇ ଭାରତର ବିଭିନ୍ନ ପ୍ରାନ୍ତରେ ଦେଖିବାକୁ ମିଳେ।

ପଞ୍ଚଦଶ ଶତାବ୍ଦୀର ସନ୍ଥ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମସ୍ଥାନ ପଶ୍ଚିମବଙ୍ଗ। ଓଡ଼ିଶାର ପୁରୀରେ ତାଙ୍କର ବହୁ ଭକ୍ତ ଥିଲେ। ସେ ସର୍ବସାଧାରଣ ସ୍ଥାନରେ ନାମ ଓ ଭକ୍ତି ସଙ୍ଗୀତ ଗାନ କରୁଥିଲେ। ତାଙ୍କର ଭକ୍ତି ମାର୍ଗକୁ ସ୍ଥାନୀୟ ପୂଜକମାନେ ସହଜରେ ଗ୍ରହଣ କରିପାରୁ ନ ଥିଲେ, ଯେଉଁମାନେ ସାଖ୍ୟ ଭାବ (ବନ୍ଧୁତ୍ୱ) ମାର୍ଗରେ ଦେବତ୍ୱ ପ୍ରାପ୍ତି ହୋଇଥାଏ ବୋଲି ଭାବୁଥିଲେ। କୁହାଯାଏ, ଚୈତନ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ସହ ନିମଗ୍ନ ହୋଇଯାଇଥିଲେ। ତେବେ ଅନେକ ଶତାବ୍ଦୀ ପରେ ତାଙ୍କ ଉପରେ ଲିଖିତ ଜୀବନୀ ଚରିତରେ ଅନେକ ପ୍ରକାର କଥା ଉଲ୍ଲେଖ ରହିଛି। ଅନେକେ ଦାବି କରନ୍ତି, ସେ ସମୁଦ୍ର ମଧ୍ୟକୁ ଚାଲିଯାଇ ଅଦୃଶ୍ୟ ହୋଇଯାଇଥିଲେ। ଆଉ କେହି ଦର୍ଶାଇଛନ୍ତି, ତାଙ୍କ ମନ୍ଦିର ବାହାରେ ଦେଖିବାକୁ ମିଳିଥିଲା। ଏପରିକି ଏକ ଲେଖାରେ କୁହାଯାଇଛି, ତାଙ୍କୁ ସ୍ଥାନୀୟ ବ୍ରାହ୍ମଣମାନେ ଆକ୍ରମଣ କରିଥିଲେ। କିନ୍ତୁ ଏହିସବୁ ଲେଖା ବା ସିଦ୍ଧାନ୍ତଗୁଡ଼ିକର କୌଣସି ପ୍ରମାଣ ନାହିଁ। କିନ୍ତୁ ଚୈତନ୍ୟ ମହାପ୍ରଭୁଙ୍କ ମୃତ୍ୟୁ ଅଦ୍ୟାବଧି ରହସ୍ୟମୟ ତଥା କଳ୍ପନାର ଉତ୍ସ ହୋଇ ରହିଯାଇଛି।

ମରାଠୀ ସନ୍ଥ ତୁକାରାମ ପଣ୍ଡରପୁରଙ୍କ ପାଇଁ ତାଙ୍କ ଭକ୍ତି ସଙ୍ଗୀତ ସକାଶେ ବିଖ୍ୟାତ। ମହାରାଷ୍ଟ୍ରରେ କୃଷ୍ଣଙ୍କ ସ୍ଥାନୀୟ ରୂପ ହେଉଛି ପଣ୍ଡରପୁର। ସେ ସଶରୀରରେ ବୈକୁଣ୍ଠ ଯାଇଛନ୍ତି ବୋଲି କୁହାଯାଏ। ଏଭଳି ଧାରଣାକୁ ଅନେକ ଲେଖା ଏବଂ ଚଳଚ୍ଚିତ୍ରରେ ମଧ୍ୟ ଦର୍ଶାଯାଇଛି।



ସ୍ଥାନୀୟ ଭାଷାରେ ରଚିତ ତାଙ୍କ କାବ୍ୟକୁ ଭୌତିକ ସୁଖକୁ ଭୁଲ୍ ବୁଝୁଥିବା ଶୁଦ୍ଧାଚାରୀବାଦୀମାନେ ବିରୋଧ କରିଥିଲେ। ସେମାନେ ବିଶ୍ୱାସ କରୁଥିଲେ, ଭଗବାନ୍‌ଙ୍କ କଥା କେବଳ ସଂସ୍କୃତରେ ଉପସ୍ଥାପିତ ହେବା ଉଚିତ। ଏହି କଥାକୁ ବିଚାରକୁ ନେଲେ ତାଙ୍କର ଏହା ଏକ ପ୍ରାକୃତିକ ନା ହିଂସାତ୍ମକ ମୃତ୍ୟୁ, ତାହାକୁ ନେଇ ପ୍ରଶ୍ନ ଉଠେ।

ରାଜପୁତ ରାଜକୁମାରୀ ମୀରାବାଈ ସବୁ ସ୍ଥାନରେ ବୁଲି ବୁଲି ଭକ୍ତିସଙ୍ଗୀତ ଗାନ କରୁଥିଲେ ଏବଂ ତାଙ୍କ ରାଜପୁତ ପରିବାର ସହଜରେ ଏହାକୁ ଗ୍ରହଣ କରିପାରୁ ନ ଥିଲେ। କୁହାଯାଇଛି, ସେ ଦ୍ୱାରକାରେ ପ୍ରଭୁ କୃଷ୍ଣଙ୍କ ମୂର୍ତ୍ତିରେ ଲୀନ ହୋଇଯାଇଥିଲେ। ଏଥିରୁ କ'ଣ ବୁଝାପଡୁଛି? ଏହା ଅନର କିଲିଂ ବା ସମ୍ମାନ ପାଇଁ ମୃତ୍ୟୁ ହୋଇପାରେ ବୋଲି ନାରୀବାଦୀମାନେ ଦାବି କରନ୍ତି। କିନ୍ତୁ ଭକ୍ତିମାର୍ଗୀମାନେ ସୂଚିତ କରନ୍ତି,ଏହା ଏକ ଆଧ୍ୟାତ୍ମିକ, ଅଲୌକିକି ତଥା ଚମତ୍କାର ଘଟଣା ଥିଲା। ତାମିଲନାଡୁରେ ଅଷ୍ଟମ ଓ ନବମ ଶତାବ୍ଦୀରେ ନାୟନାର ସନ୍ଥ ନନ୍ଦନାର ସକ୍ରିୟ ଥିଲେ। ସେ ଥିଲେ ନୀଚବର୍ଗର ଏବଂ ଜଣେ ଶିବଭକ୍ତ। ସେ ଶିବ ସ୍ତୁତି ଗାନ କରୁଥିଲେ ଏବଂ ଶିବ ମନ୍ଦିରରେ ପ୍ରବେଶ କରିବାକୁ ଚାହୁଁଥିଲେ। ନିଜକୁ ଅଗ୍ନିରେ ଶୁଦ୍ଧକଲେ ମନ୍ଦିରରେ ପ୍ରବେଶ କରିପାରିବେ ବୋଲି ତାଙ୍କୁ କୁହାଯାଇଥିଲା ଏବଂ ସେ ତାହା କରିଥିଲେ। ନିଆଁରେ ଝାସ ଦେଇ ବଞ୍ଚିବାର ଏହା ଏକ କାଳ୍ପନିକ କଥା ନା ତାଙ୍କ ଜାତି ପରିବର୍ତ୍ତନ ସମ୍ପର୍କିତ ରୀତିନୀତିର ଏକ ବର୍ଣ୍ଣନା କିମ୍ବା ଉଚ୍ଚଜାତିର କ୍ଷେତ୍ରକୁ ଗ୍ରହଣ କରିବାର ବିଷୟ, ତାହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ରଢ଼ିବାଦକୁ ଯେଉଁ ସନ୍ଥମାନେ ବିରୋଧ କରିଥିଲେ ସେମାନଙ୍କର ମୃତ୍ୟୁ ରହସ୍ୟଜନକ ଭାବେ ଘଟିଛି କିମ୍ବା ନିଜେ ସମାଧି ନେଇଥିବା (ଜ୍ଞାନଦେବ ଯୁବାବସ୍ଥାରେ ନିଜେ ସମାଧି ନେଇଛନ୍ତି) କଥା କୁହାଯାଇଛି, ଯାହାକୁ ନେଇ ପ୍ରଶ୍ନ ଉଠୁଛି। ଏହିସବୁ କାହାଣୀରେ ସେସମୟର ପ୍ରାୟୋଜିତ କିଛି ବାଧବାଧକତାକୁ ସୂଚିତ କରିବାକୁ ଚେଷ୍ଟା କରାଯାଇଛି କି?

ଏପରିକି ଏବେ ମଧ୍ୟ ଧର୍ମରେ ପ୍ରାଧାନ୍ୟ ବଢ଼ାଇବା ପାଇଁ ବିଭିନ୍ନ ଧର୍ମୀୟ ବିଚାର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି। ସନାତନୀ ସାତ୍ତ୍ୱିକ ଧର୍ମ ଏବେ ନିଜକୁ ଶ୍ରେଷ୍ଠ ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛି, ଏପରିକି ଅନେକ ସମୟରେ ସରକାରୀ ସହଯୋଗରେ ଏହା କରାଯାଉଛି। ଇତିହାସରେ ପ୍ରଥମ ଥର ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ମହାକାବ୍ୟର କାହାଣୀ, ଭକ୍ତି କାବ୍ୟ କିମ୍ବା ବେଦାନ୍ତ ଦର୍ଶନ ବଦଳରେ ମନୁସ୍ମୃତି ମାଧ୍ୟମରେ ହିନ୍ଦୁଧର୍ମ ସମ୍ପର୍କରେ ଶିକ୍ଷା ଦିଆଯାଉଛି। ବୈଷ୍ଣବ ଗ୍ରନ୍ଥ ଭଗବଦ୍ ଗୀତା ହିନ୍ଦୁଧର୍ମର ସବୁଠୁ ପବିତ୍ର ଗ୍ରନ୍ଥ ବୋଲି ଆମକୁ କୁହାଯାଉଛି, ଯାହା ଅଦ୍ୱୈତ ଧର୍ମର ପବିତ୍ର ଗ୍ରନ୍ଥର ସିଦ୍ଧାନ୍ତକୁ ପରିହାସ କରେ। କିନ୍ତୁ ଶ୍ରୀରଙ୍ଗମର ବୈଷ୍ଣବ ବ୍ରାହ୍ମଣମାନେ ବିଷ୍ଣୁ ପୁରାଣକୁ ସ୍ୱୀକାର କରନ୍ତି ଏବଂ ଗରୁଡ଼କୁ ପୂଜା କରୁଥିବାବେଳେ ଉଡୁପିର ମହାଦେବ ବ୍ରାହ୍ମଣମାନେ ଭାଗବତ ପୁରାଣକୁ ଗ୍ରହଣ କରନ୍ତି ଓ ହନୁମାନଙ୍କୁ ପୂଜା କରିଥାନ୍ତି। ଗୁଜରାଟର ପୃଷ୍ଟିମାର୍ଗୀମାନେ ଏକ ହିନ୍ଦୁଧର୍ମକୁ ଅନୁସରଣ କରିଥାନ୍ତି ଯାହା ସେହି ରାଜ୍ୟରେ ଜଣାଶୁଣା ସ୍ୱାମୀନାରାୟଣମାର୍ଗୀଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ହିନ୍ଦୁଧର୍ମ କେବେ ବି ଏକ ରୂପରେ ପରିପ୍ରକାଶ ହୋଇନାହିଁ। ତେବେ ଭକ୍ତି ଇତିହାସରୁ ଜଣାପଡ଼େ, ଯେ, ହିନ୍ଦୁଧର୍ମର ବିକଳ୍ପ ବିଚାରଗୁଡ଼ିକୁ ଧ୍ୱଂସ କରାଯାଇଛି ଏବଂ ଧର୍ମରେ ଥିବା ଉଚ୍ଚବର୍ଗର ବ୍ୟକ୍ତିମାନେ ସେମାନଙ୍କ ମାର୍ଗକୁ ଅନୁସରଣ କରିବା ପାଇଁ ବାଧ୍ୟ କରିଛନ୍ତି।

ଏହା କେବଳ ହିନ୍ଦୁଧର୍ମରେ ସୀମିତ ନାହିଁ। ରୋମ୍‌ରେ କ୍ୟାଥଲିକମାନେ ପୋପ୍‌ଙ୍କୁ ଅନୁସରଣ କରନ୍ତି। ରଢ଼ିବାଦୀ ଖ୍ରୀଷ୍ଟିଆନମାନେ ରୁଷିଆ ଓ ଗ୍ରୀସ୍‌ର ନେତାମାନଙ୍କୁ ଅନୁସରଣ କରନ୍ତି। ପ୍ରୋଟେଷ୍ଟାଣ୍ଟଙ୍କର ନିଜସ୍ୱ ଚର୍ଚ୍ଚ ଅଛି। କେତେକ ଚର୍ଚ୍ଚରେ ଧର୍ମଯାଜକଙ୍କୁ ବିବାହ କରିବା ପାଇଁ ଅନୁମତି ରହିଛି। କେତେକଙ୍କ ସମଲିଙ୍ଗୀ ବିବାହ ପାଇଁ ଅନୁମତି ଦିଆଯାଏ। ଇସ୍‌ଲାମ ସମ୍ପୂର୍ଣ୍ଣ ଭାବେ ବିରୋଧୀ ବିଚାରରେ ପରିପୂର୍ଣ୍ଣ। ଶିୟା, ସୁନ୍ନି ଏବଂ ସୁଫିମାନେ ଅନେକ ବିଷୟରେ ଏକମତ ନୁହନ୍ତି, ଯେଉଁଥିପାଇଁ ହିଂସକ ଲଢ଼େଇ ଜାରି ରହିଛି। ବୌଦ୍ଧଧର୍ମାବଲମ୍ବୀଙ୍କ ବିଚାରକୁ ନେଇ ସବୁବେଳେ ଝଗଡ଼ା ଦେଖିବାକୁ ମିଳେ। ଏପରିକି ମୌର୍ଯ୍ୟ ସମ୍ରାଟ ଅଶୋକ ସେମାନଙ୍କ ସହ ଏକମତ ହୋଇପାରି ନ ଥିଲେ।

ଧର୍ମ କହିଲେ ଆଧ୍ୟାତ୍ମିକତାକୁ ବୁଝାଏ ଏବଂ ଆମକୁ ଉଚ୍ଚସ୍ତରକୁ ନେଇଯାଏ। କିନ୍ତୁ ଏହାକୁ ଏକ ରାଜନୈତିକ ସାଧନ ଭାବେ ଦେଖିଲେ ତାହା ଶେଷ ହୋଇଯାଏ। ଏଠାରେ ସ୍ୱାଧୀନ ଚିନ୍ତାଶୀଳ ବ୍ୟକ୍ତିମାନେ ସବୁଠୁ ଭୟଭୀତ ରହିଛନ୍ତି। ଭକ୍ତି ହିନ୍ଦୁ ସନ୍ଥମାନେ ସହସୀ ଭାବେ ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି ନିଜସ୍ୱ ପଥରେ ଆଗକୁ ବଢ଼ିଛନ୍ତି । ହେଲେ ହିନ୍ଦୁଧର୍ମରେ ଥିବା ପୁରୋଧାମାନେ ସେମାନଙ୍କୁ ସେହି ଦୃଷ୍ଟିରେ ନ ଦେଖିନାହାନ୍ତି।

–devduttofficial@gmail.com

## ଏଇ ଭାରତରେ

ଚେନ୍ନାଇର ମୟାବତୀଙ୍କ ବୟସ ଏବେ ୨୬, ହେଲେ ତାଙ୍କ କାର୍ଯ୍ୟ ଅତ୍ୟନ୍ତ ପ୍ରେରଣାଦାୟକ। ସେ ଷ୍ଟେଶନରେ ବହି ପଢ଼ିବା ଲାଗି ଲୋକଙ୍କୁ ସହଯୋଗ କରୁଛନ୍ତି। ବିଶେଷକରି ସେ ଏମ୍‌ଜିଆର ଚେନ୍ନାଇ ସେଣ୍ଟ୍ରାଲ ଏବଂ ତାମ୍ବାରାମ ରେଲୱେ ଷ୍ଟେଶନରେ ବୁକ୍ ଭେଣ୍ଡିଂ ମେଶିନ ବସାଇଛନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ସନ୍‌ସେଟ୍ ହ୍ୟୁଜ୍' ମାଧ୍ୟମରେ ସେ ଏହି କାର୍ଯ୍ୟ କରୁଛନ୍ତି। ମୟାବତୀ ବ୍ୟାଙ୍କିଂ ଛାଡ଼ି ଏଥିରେ ସମୟ ଦେଇଛନ୍ତି। ଏହାଦ୍ୱାରା ଟ୍ରେନ୍‌ଯାତ୍ରା ସମୟରେ ସେ ଲୋକମାନଙ୍କୁ ବିଭିନ୍ନ ବହି ପଢ଼ି ଆନନ୍ଦ ଉଠାଇବାରେ ସାହାଯ୍ୟ କରୁଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଶୀର୍ଷକ ପିଲାଙ୍କ କଲରିଂ ବହିଠାରୁ ଆରମ୍ଭକରି ଆକ୍ଟିଭିଟି ବୁକ୍ସ ସହିତ ବିଭିନ୍ନ ଗଳ୍ପ ଓ ବାସ୍ତବ ବିଷୟଆଧାରିତ ବହି ସମ୍ପର୍କରେ ଅନ୍‌ଲାଇନ୍ ଚୟନର ବ୍ୟବସ୍ଥା ରହିଛି ଏହି ମେଶିନରେ। ପ୍ରତି ବହିର ଦାମ୍ ୩୦୦ ଟଙ୍କାରୁ କମ୍ ରହିଛି। ପ୍ରତ୍ୟେକସ୍ତରରେ ମେଶିନ ୟୁଜରଙ୍କୁ ମାର୍ଗଦର୍ଶନ କରୁଛି ଏବଂ ବହି ବିତରଣରେ ବିଫଳ ହେଲେ ସେନ୍‌ସର ତୁରନ୍ତ ସମାଧାନ କରି ମୂଲ୍ୟ ଫେରାଇ ଦେଉଛି କିମ୍ବା ତା' ବଦଳରେ ଅନ୍ୟ ବହି ଦେବାରେ ସହଯୋଗ କରୁଛି। ଏହି ଦୁଇ ଷ୍ଟେଶନରେ ଲୋକେ ବହି ପଢ଼ିବାରେ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୩୦ ଅକ୍ଟୋବର ୧୯୭୬

- ସମ୍ବିଧାନର ପ୍ରସ୍ତାବନାରେ ସମାଜବାଦ, ଧର୍ମ ନିରପେକ୍ଷତା ଓ ଜାତୀୟ ସଂହତି ବା ଅଖଣ୍ଡତା ସଂକ୍ରାନ୍ତରେ ସ୍ୱଷ୍ଟତର ଉଲ୍ଲେଖନ ସମ୍ବଳିତ ବ୍ୟବସ୍ଥା ସହିତ ୫୯ ଦଫା ସମ୍ବଳିତ ସମ୍ବିଧାନ ସଂଶୋଧନ ବିଲ୍‌ର ୫ଟି ଦଫା ଗୃହୀତ ହୋଇଯାଇଛି।
- ଗଙ୍ଗା ନଦୀର ଜଳ ଭାରତ ଓ ବାଂଲାଦେଶର ଜାତୀୟ ସମ୍ପତ୍ତି ବୋଲି ବାଂଲାଦେଶର ଘୋଷଣାକୁ ଭାରତୀୟ ପ୍ରତିନିଧି ବୀରଭଦ୍ର ସିଂହ ଦୃଢ଼ ଭାବରେ ଜାତିସଂଘରେ ଖଣ୍ଡନ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 7 | |
| | | | 1 | 3 | 4 | | | |
| | | | | | 5 | | 4 | 8 |
| 1 | | | | | 8 | | 6 | 4 |
| 3 | | | | 4 | | | | 9 |
| 6 | | | 5 | | 1 | | | |
| | | | | | | 8 | | 1 |
| | 7 | | | | | | | |
| | | 1 | 9 | | | | 5 | 2 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 1 | 9 | 5 | 3 | 2 | 4 | 8 |
| 3 | 2 | 9 | 7 | 4 | 8 | 6 | 5 | 1 |
| 5 | 8 | 4 | 1 | 6 | 2 | 9 | 7 | 3 |
| 8 | 9 | 3 | 2 | 1 | 4 | 5 | 6 | 7 |
| 2 | 4 | 5 | 3 | 7 | 6 | 1 | 8 | 9 |
| 6 | 1 | 7 | 8 | 9 | 5 | 3 | 2 | 4 |
| 4 | 7 | 2 | 5 | 3 | 9 | 8 | 1 | 6 |
| 9 | 5 | 6 | 4 | 8 | 1 | 7 | 3 | 2 |
| 1 | 3 | 8 | 6 | 2 | 7 | 4 | 9 | 5 |

ଗତକାଲିର ଉତ୍ତର

# ଗଣତନ୍ତ୍ରରେ ଅନୁପ୍ରବେଶକାରୀ



ବ୍ରଜମୋହନ ମିଶ୍ର

ଭରସା ସହ ଆସ୍ଥା ପ୍ରକଟ କରି ଗଣତନ୍ତ୍ରକୁ ଆପଣେଇ ନିଆଯାଇଥିଲା। ଯେଉଁ ମହାନ୍ ନେତୃବୃନ୍ଦ ଏପରି ଶାସନ ପଦ୍ଧତିର ବ୍ୟବସ୍ଥା କରିଥିଲେ ସେମାନେ କେବେ ନଥିଲେ ଅଜ୍ଞ ଓ ଅଶିଷ୍ଟ। ପକ୍ଷାନ୍ତରେ ସେମାନେ ଥିଲେ ଏବର ଶତକଡ଼ା ଅନେଶତ ଭାଗ ନେତାଙ୍କଠାରୁ ଲକ୍ଷ ଲକ୍ଷ ଗୁଣରେ ବିଜ୍ଞ, ଶିଷ୍ଟ, ଶାଳୀନ ଏବଂ ସର୍ବୋପରି ଦେଶପ୍ରେମୀ। ସତରେ ସେଇ ଊର୍ଦ୍ଧ୍ୱଚେତାମାନେ ଭାରତମାତାଙ୍କ ପ୍ରକୃତ ସନ୍ତାନ। ଜଣେ ପୀଡ଼ିତା, ଅସୁସ୍ଥ ମା'କୁ ରୋଗମୁକ୍ତ କରାଇ ତାକୁ ତାର ପୂର୍ବର ସ୍ୱାସ୍ଥ୍ୟ ଲାଭ କରାଇବା ଥିଲା ଏଇ ଦାୟବଦ୍ଧ, ଅସଂଗ୍ରହଣଶୀଳ, ହୃଦୟବାନ୍, ମର୍ଯ୍ୟାଦାବନ୍ତମାନଙ୍କର ସାଧନା ପଥ। ଏମାନେ ସତରେ ପଣ୍ଡିତଥିଲେ ବୋଲି ଭାରତରୁ ସକଳ ବୈଷମ୍ୟ ହଟିବାକୁ ଯଥାସାଧ ପ୍ରୟାସ କରୁଥିଲେ। ହୋଇପାରେ, ରକ୍ତ ମାଂସର ମଣିଷ ଭାବେ ସେମାନଙ୍କର କିଛିନା କିଛି ତ୍ରୁଟି ରହୁଥିଲା। ସେ ହୁଅନ୍ତୁ ଜବାହରଲାଲ, ଅବା ସର୍ଦ୍ଦାର ପଟେଲ ଅବା ଆବୁଲକାଲାମ ଆଜାଦ ଅବା ହରେକୃଷ୍ଣ ମହତାବ କି ନବକୃଷ୍ଣ ଚୌଧୁରୀ, କିନ୍ତୁ ସେ ତ୍ରୁଟି ତୁଳନାରେ ସେମାନଙ୍କ ଅକପଟ ଦେଶପ୍ରାଣତା ଯଥେଷ୍ଟ ଅଧିକ ଥିଲା, ଏହା ଜଣେ ସମଦର୍ଶୀ ଅବଶ୍ୟ ସ୍ୱୀକାର କରିବେ। ତେଣୁ ସେମାନେ ଶାସନ କଲାବେଳେ ତାହା ବହୁମାତ୍ରାରେ ଗଣାଭିମୁଖୀ ହୋଇଥିଲା। ଅଧିକନ୍ତୁ ସେମାନେ ଏତେ ସତର୍କ ଥିଲେ ଯେ ଶାସକ ହିସାବରେ ସେମାନେ ସ୍ୱକୀୟ ସଫଳତାଗୁଡ଼ାକ ନ ଉଦ୍‌ଗାରି ଏ ଶାସନରେ କେଉଁଠି କ'ଣ ଜଖମ ରହିଗଲା, ସେ ସମ୍ପର୍କରେ ଆଲୋଚନା କରୁଥିଲେ ଓ ସର୍ବସାଧାରଣରେ ସ୍ୱୀକାର କରୁଥିଲେ। ଶାସନଗତ କୌଣସି ବିଫଳତା ପାଇଁ ପଦପଦବୀ ମଧ୍ୟ ତ୍ୟାଗ କରୁଥିଲେ (ଯଥା-ଲାଲ୍‌ବାହାଦୁର ଶାସ୍ତ୍ରୀ ଓ କାମରାଜପ୍ଲାନରେ କତିମୟ ମୁଖ୍ୟମନ୍ତ୍ରୀ)। ଏହା ଫଳରେ ସେମାନଙ୍କ ବ୍ୟକ୍ତିଗତ ମର୍ଯ୍ୟାଦାବୋଧ ଯେମିତି ପ୍ରକାଶ ପାଉଥିଲା ସେମିତି ମଧ୍ୟ ଜନସାଧାରଣଙ୍କ ଆସ୍ଥାର ଭାଜନ ହେଉଥିଲେ ସେମାନେ। ଏ ବ୍ୟକ୍ତିମାନେ ଏକ ନିର୍ଦ୍ଦିଷ୍ଟ ଦଳର ହୋଇଥିଲେ ମଧ୍ୟ ପୂର୍ଣ୍ଣଭାବରେ ଦଳୁଆ ହୋଇ ନଥିଲେ କାରଣ ଏମାନେ ଜୀବନକୁ ଆଦୌ ମହୋତ୍ସବମୟ କରିବାରେ ମାତାଲ ହେଉ ନ ଥିଲେ। ଫଳରେ ଏହି ସହୃଦୟମାନଙ୍କର ଗୋଡ଼ ଯେପରି ଦୃଢ଼ଥିଲା, ସେହିପରି ଅବିଚଳିତ ଥିଲା ସେମାନଙ୍କର ବୁଦ୍ଧିମତ୍ତା ଓ ହୃଦୟଭାବ। ହେଲେ ଏହି ଗଣତାନ୍ତ୍ରିକମାନେ ଅଧିକ ଦିନ ତିଷ୍ଠିଲେ ନାହିଁ ଅବା ସେମାନଙ୍କୁ ତିଷ୍ଠିବାକୁ ଦିଆଗଲା ନାହିଁ। ଗୋଟାଏ ଥିସିସର, ଆଣ୍ଟିଥିସିସ ପରି ଚେର ଲାଗି ଆସୁଥିବା ଗଣତନ୍ତ୍ରରେ ଚେର ଉପଡ଼ା ଅପକର୍ମ ଆରମ୍ଭ ହୋଇଗଲା ଏବଂ ତା ମୂଳରେ ରହିଲେ ଅଲାଜୁକ ଅନୁପ୍ରବେଶକାରୀ ଗୋଠ, ଯେଉଁମାନେ ଭୂମିପାଇଁ ତପସ୍ୟା କରିବା ବଦଳରେ କଲେ ବିଚିତ୍ର ତାଣ୍ଡବ। ଯାହା କଲେ ଭୂମି ଅଧିକାର



କରିହେବ, ତାହା ଯେତେ ନିର୍ଲଜ୍ଜକର ହେଉ ପଛକେ, ତାହା କରିବାକୁ ଟିକେ ମାତ୍ର ଲଜ୍ଜାବୋଧ କଲେ ନାହିଁ। ଗଣତନ୍ତ୍ରରେ ଏଇ ଛିନ୍ନମୂଳମାନଙ୍କୁ ଅନୁପ୍ରବେଶକାରୀ କହିବାର କାରଣ ଏମାନେ ଏ ଶୁଦ୍ଧଶାସନ ରାଜ୍ୟକୁ ଜବରଦସ୍ତ ପଶି ଆସିଲେ। ଫଳରେ ବାହାରିପଡ଼ିଲେ ସେମାନଙ୍କ ଶିଷ୍ୟ, ପ୍ରଶିଷ୍ୟ ଇତ୍ୟାଦି ରକ୍ତବୀର୍ଯ୍ୟମାନେ। ଏମାନଙ୍କ ବିନାଶ କେହି କଲେ ନାହିଁ, କାରଣ ଯେ ଏହା କରିପାରିଥାନ୍ତେ, ସେମାନେ ଯାଦୁରେ ବଶୀଭୂତ ହୋଇଗଲେ। ସେ ଯାଦୁଥିଲା ପ୍ରଲୋଭନର ମଧୁରାକର୍ଷଣ - ସେମାନଙ୍କ ପାଇଯିବାର ଲାଳସାଗ୍ନିକୁ ଚରିତାର୍ଥ କରୁଥିବା ଘିଆ

ଏଇ ଅନୁପ୍ରବେଶକାରୀ ଅକାଣ୍ଡିଆମାନେ ଦେଶରେ ସେମାନଙ୍କ ଆଧିପତ୍ୟ ବିସ୍ତାର କରି ଆପଣାକୁ ସମସ୍ତଙ୍କ ଉପରେ ସବାର କରିବାରେ ଗଳଦ୍‌ଘର୍ମ ହେଲେ। ସେମାନଙ୍କର ଏତାଦୃଶ ଷଡ଼ଯନ୍ତ୍ରକୁ ସଫଳ କରିବାରେ ସହାୟକ ହେଲେ ଜନତାର ସେବା କରିବାକୁ ନିଯୁକ୍ତ ହୋଇଥିବା କର୍ମଚାରୀଗୋଷ୍ଠୀ। ସେମାନେ ମନେ କଲେ ସେମାନଙ୍କ ମୁନିବ ଜନତା ନୁହନ୍ତି, ହେଉଛନ୍ତି ନେତା, ଯେଉଁମାନଙ୍କ ସହ ଚିରନ୍ତନ ହନିମୁନ କଲେ ସେମାନେ ଉଭୟ ହନି ଏବଂ ମୁନ୍‌କୁ ପାଇବେ। ସଂସାରରେ ରହି ଆକାଶଟାକୁ ମଧ୍ୟ ଅଧିକାର କରିପାରିବେ, ଯାହା ସେମାନେ କରିପାରିବେ ନାହିଁ ଜନତା ପଟ ନେଲେ। କାରଣ ଜନତା ପ୍ରକୃତରେ ଶକ୍ତିହୀନ, ଧନହୀନ, ମାନହୀନ, କାଣ୍ଡଜ୍ଞାନହୀନ ଓ ନିଶ୍ଚେତନାର ଆଉ ଏକ ଆଶ୍ଚର୍ଯ୍ୟ ଅବତାର। ଏପରିକି ଏହି କାଗଜ ବାଘ(ଜନତା) ଭୋଟ ବେଳେ ମଧ୍ୟ ଗଭୀରଭାବେ ଅଚେତନ ହୋଇ ଯାଆନ୍ତି, କାରଣ ଏମାନେ ଫଷ୍ଟସଙ୍କ ପରି ଆପଣାର ବିବେକକୁ ସଇତାନଙ୍କୁ ବିକ୍ରି କରି ଦେଇଥାଆନ୍ତି। ଅତଏବ ଏହି ନାମକୁମାତ୍ର ଶକ୍ତିଶାଳୀ ଶାର୍ଦ୍ଦୁଳମାନେ ଭାରି ନିଃଶକ୍ତ ହୋଇଯାଆନ୍ତି ଗଣତନ୍ତ୍ରରେ ଅନୁପ୍ରବେଶକାରୀ ବ୍ରହ୍ମରାକ୍ଷସମାନଙ୍କ ଚାତୁର୍ଯ୍ୟ-ହଣ୍ଟରର ମାଡ଼ ଖାଇ। ଆଉ ଏକ ବିଡ଼ମ୍ବନାର ବ୍ୟାପାର, ଏହି ଅନୁପ୍ରବେଶକାରୀମାନେ ଗଣତନ୍ତ୍ରକୁ ଛାଡ଼ି ଆଉସବୁ ତନ୍ତ୍ରରେ ପାରଙ୍ଗମ ହୋଇଥିବାରୁ ଏମାନେ ସତରେ କାଡୁଆ, ସତରେ ବଲୁଆ, ସତରେ ପ୍ରୀତିଆ, ସତରେ ରସିଆ, ସତରେ ଚୁଟିଆ, ସତରେ କାଦୁଆ । ତେଣୁ ସତରେ ବୋଧହୀନ ବୁଦ୍ଧିଆ । ଭଗବାନ ନାମକ ସେହି ପରମରହସ୍ୟଙ୍କୁ ହୁଏତ ତପସ୍ୟା କରି କେହି ବୁଝିପାରେ, ନିଜର କରିପାରେ କିନ୍ତୁ ଏଇ ଅନୁପ୍ରବେଶକାରୀମାନଙ୍କୁ ସେ ଶତଚେଷ୍ଟା କଲେ ବି ବୁଝିପାରିବ ନାହିଁ, ଧରିପାରିବ ନାହିଁ କାରଣ ''ବଡ଼ମାୟାବୀ ଜୀବ ଏ ନୁହେଁ କାହାରି।''

ଏଇ ମାତୃହରଣକାରୀ ଅନୁପ୍ରବେଶକାରୀଙ୍କୁ ଭାରତ ଆଉ ସହିପାରୁନାହିଁ। କବି ଦୀନକୃଷ୍ଣ ରସକଲ୍ଲୋଳରେ କହିଥିଲେ କିପରି କଂସ ପ୍ରତାପରେ ଅତିଷ୍ଠ ହୋଇ ଧରଣୀ ବ୍ରହ୍ମାଙ୍କ ଆଗରେ ତା' ଦୁଃଖର ପ୍ରତିଧାନ ପାଇଁ ପ୍ରାର୍ଥନା କରିଥିଲା। ଆଜିର ଦିନରେ ଆମେ ଆମ ମାତାଙ୍କୁ କେଉଁ କଳ୍ପିତ ବ୍ରହ୍ମାଙ୍କ ନିକଟକୁ ପଠାଇବା ନାହିଁ। ଆମେ ଅବଶ୍ୟ ଜାଗ୍ରତ ହେବା, ବିପ୍ଳବ କରିବା। ଏଇ ଅଶିଷ୍ଟ ଅନୁପ୍ରବେଶକାରୀମାନଙ୍କ କବଳରୁ ମାତାଙ୍କୁ ରକ୍ଷା କରିବା ପାଇଁ ପ୍ରଥମେ ଅହିଂସା ପନ୍ଥା ଅବଲମ୍ବନ କରିବା। ଏହି ଖ୍ରୀଷ୍ଟମାର୍ଗ ବିଫଳ ହେଲେ କୃଷ୍ଣମାର୍ଗ ଧରିବାକୁ କଦାଚ ବିମୁଖ ହେବା ନାହିଁ। ତେଣୁ ଆମକୁ ସଂଗ୍ରାମୀ ହେବାକୁ ହେବ।

ଭଦ୍ରକ, ମୋ: ୮୦୧୮୦୮୭୮୩୧

# ପୋଷ୍ୟ ପ୍ରାଣୀ ଓ ମାନସିକ ପୀଡ଼ା



ଡା. ସମ୍ରାଟ କର

୧୯୭୭ ମସିହାରେ ବିଶିଷ୍ଟ ମନୋବିଜ୍ଞାନୀ ଲିଓ କେ ବୁଷ୍ଟାର୍ଡ ଏବଂ ମାଇକେଲ ଚିଜ ମ୍ୟାକୁଲକ ଆମେରିକାର ଓରିଗନ ରାଜ୍ୟର ପୋର୍ଟଲାଣ୍ଡ ସହରରେ ପ୍ରତିଷ୍ଠା କରିଥିଲେ ଡେଲା ସୋସାଇଟି, ଯାହାର ଉଦ୍ଦେଶ୍ୟ ହେଲା ପୋଷ୍ୟ ପ୍ରାଣୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କ ସାହାଯ୍ୟରେ ମାନସିକ ଭାରସାମ୍ୟହୀନ ରୋଗୀଙ୍କୁ ଆରୋଗ୍ୟ କରାଇବା। ବିଂଶ ଶତାବ୍ଦୀରେ ଏହାଥିଲା ଡିମେନସିଆ ବା ସ୍ମୃତିହୀନ, ଆଲଜିମରସ ଭଳି ମାନସିକ ରୋଗ ଆକ୍ରାନ୍ତ ବୟସ୍କ ବ୍ୟକ୍ତି, ପୋଷ୍ଟ ଟ୍ରମାଟିକ ଷ୍ଟ୍ରେସ ଡିସ୍‌ଅର୍ଡର, ଗୁରୁତର ଆଘାତପ୍ରାପ୍ତିର ପରବର୍ତ୍ତୀ ଅବସ୍ଥାରେ ମାନସିକ ଚାପବୃଦ୍ଧି ଜଡ଼ିତ ବ୍ୟାଧିରେ ଆକ୍ରାନ୍ତ ଏବଂ ଅବସରପ୍ରାପ୍ତ ସୈନିକ ଓ ଅଟିଜମ୍ ଆକ୍ରାନ୍ତ ଶିଶୁଙ୍କଠାରେ ମନୋରୋଗ ଉପଶମର ଅନ୍ୟତମ ବୃହତ୍ ପ୍ରତିଷ୍ଠାନ। ଯାହାକି ୨୦୧୨ରେ ପୋଷ୍ୟ ସାଥୀ ବା ପେଟ୍ ପାର୍ଟର୍ନସ ଭାବେ ନୂଆ ନାମରେ ନାମିତ ହୋଇଥିଲା। ତେବେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଖ୍ୟାତ ଗବେଷକ କୋଲେଙ୍କ ମତ ଅନୁଯାୟୀ, ମାନସିକ, ଶାରୀରିକ ଏପରି କି ମନୋ ସାମାଜିକ ଅବସ୍ଥାର ଉପଶମ ଓ ଉନ୍ନତି ବିଧାନ ପାଇଁ ପୋଷ୍ୟଭିତ୍ତିକ ଥେରାପି ଚିକିତ୍ସା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ପରିଚିତ । ଆମେ ଦେଖିଛେ ବିରାଡ଼ି ହୁଅନ୍ତୁ ବା କୁକୁର, ଗୋରୁ ଗାଈଙ୍କଠାରୁ ପକ୍ଷୀ, ଘୋଡ଼ା ହୁଅନ୍ତୁ ବା ଠେକୁଆ ଏପରିକି ଡଲ୍‌ଫିନଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କରି ସେମାନଙ୍କୁ ମାନସିକ ପୀଡ଼ିତଙ୍କ ଶାରୀରିକ ସୁସ୍ଥତା ଓ ଆନନ୍ଦ ପ୍ରଦାନ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି। ଏହି ମର୍ମରେ ଓୟେଷ୍ଟ ଜର୍ନାଲ ଅଫ୍ ନର୍ସିଂ ରିସର୍ଚ୍ଚ ପତ୍ରିକାରେ ଉଲ୍ଲେଖ ରହିଛି ଯେ ମାନସିକ ରୋଗାକ୍ରାନ୍ତ ହୁଅନ୍ତୁ ବା ପୀଡ଼ିତ, ସେମାନଙ୍କର ପୁନର୍ବାସ କେନ୍ଦ୍ରରେ ରହିଥିବା ଆକ୍ୱାରିୟମର ରଙ୍ଗିନ ମାଛ ହେଉ ବା ଡଲ୍‌ଫିନର ଆନନ୍ଦମୟ ସନ୍ତରଣ ଦୃଶ୍ୟ ସେମାନଙ୍କୁ ଉଲ୍ଲସିତ ଓ ଆନନ୍ଦିତ କରିଥାଏ। ସମ୍ପ୍ରତି ଆମେରିକା ବ୍ୟତୀତ ନେଦରଲାଣ୍ଡ, ସୁଇଜରଲାଣ୍ଡ ଓ ବେଲଜିୟମରେ ପ୍ରାଣୀଙ୍କ ସହିତ ଆଲିଙ୍ଗନଜନିତ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି ।

ଭାରତ ମଧ୍ୟ ଏ କ୍ଷେତ୍ରରେ ପଛୁଆ ନାହିଁ। ଏହି ପ୍ରଚେଷ୍ଟା ମଧ୍ୟ ଆରମ୍ଭ ହୋଇଗଲାଣି। ପ୍ରଶିକ୍ଷିତ ପୋଷ୍ୟଜନ୍ତୁମାନଙ୍କ ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ପୁନରୁଦ୍ଧାର ପରି ସେବା ପ୍ରଚଳନ ପାଇଁ କାର୍ଯ୍ୟରତ ରହିଛି ଆନିମଲ ଆଞ୍ଜେଲସ ଫାଉଣ୍ଡେଶନ ଓ ମାନିବ ଫାଉଣ୍ଡେଶନ, ମୁମ୍ବାଇ, ଓୟେରାଭିଲେ, ବେଙ୍ଗାଲୁରୁ ଏବଂ ଫାର ବଲ ଷ୍ଟୋରି, ଦିଲ୍ଲୀ। ପ୍ରଥମ ଓ ଚତୁର୍ଥ କେନ୍ଦ୍ରରେ ପୋଷ୍ୟପ୍ରାଣୀ କୁକୁର, ଦ୍ୱିତୀୟ କେନ୍ଦ୍ରରେ ବିରାଡ଼ି ଏବଂ ତୃତୀୟ କେନ୍ଦ୍ରରେ ପୋଷ୍ୟ ହେଉଛି ଘୋଡ଼ା। ଜର୍ନାଲ ଅଫ୍ ସାଇକୋସୋମାଟିକ ରିସର୍ଚ୍ଚ ପତ୍ରିକାରେ ୨୦୦୦ରେ ପ୍ରକାଶିତ ଗବେଷଣା ନିବନ୍ଧରେ ମନୋବିଜ୍ଞାନୀ ଜେ.ଏସ୍. ଓଡେଣ୍ଟାଲ ଉଲ୍ଲେଖ କରିଛନ୍ତି, ମାନସିକ ରୋଗୀ ଏବଂ ପୋଷ୍ୟମାନଙ୍କ ଶାରୀରିକ ସାକ୍ଷାତରେ ସେମାନଙ୍କ ଉଭୟଙ୍କ ଦେହରେ ନିଉରୋକେମିକାଲ କ୍ଷରଣରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ ହୋଇଥାଏ, ଯାହା ସେମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନରେ ସହାୟକ ଏବଂ ରୋଗୀର ରୋଗମୁକ୍ତରେ ଅତ୍ୟନ୍ତ ଫଳପ୍ରଦ। ଆମେରିକାନ ହାର୍ଟ ଆସୋସିଏଶନର ତଥ୍ୟ ଅନୁଯାୟୀ ପୋଷ୍ୟପ୍ରାଣୀଭିତ୍ତିକ ଚିକିତ୍ସା ମଧ୍ୟ ଫଳପ୍ରଦ ହୋଇଥାଏ। ରିପୋର୍ଟ ଅନୁଯାୟୀ ପୋଷ୍ୟପ୍ରାଣୀଙ୍କ ସହ ସୁମଧୁର ଆଳାପ ବା ସମୟ ଅତିବାହିତ କରିବା ଦ୍ୱାରା ରକ୍ତରେ ଆଡ୍ରେଲିନ ହରମୋନର ମାତ୍ରା ୧୭ ଶତାଂଶ କମିଯାଉଛି, ହୃତ୍‌ପିଣ୍ଡସ୍ଥିତ ବାମ ଅଳିନ୍ଦର ରକ୍ତଚାପ ଦଶ ଶତାଂଶ ପ୍ରଶମିତ ହୋଇଯାଉଛି, ଯାହାଦ୍ୱାରା ହୃଦ୍‌ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ରୋଗଜନିତ ଉଦ୍‌ବେଗ ୨୪ ଶତାଂଶ ହ୍ରାସ ଘଟୁଛି। ଏହି ମର୍ମରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ତଥ୍ୟ ଅନୁଯାୟୀ, ଦେଢ଼ଶହ ମିନିଟର ହାଲୁକା ଶାରୀରିକ ପରିଶ୍ରମ ଦ୍ୱାରା ଜଣେ ଯେଉଁ ସ୍ୱାସ୍ଥ୍ୟଗତ ଫାଇଦା ବା ଉପଶମ ପାଇଥାଏ ତାହା ଦିନକୁ ଦୁଇଥର ନିଜ ପୋଷା କୁକୁର ସହ ପ୍ରଶସ୍ତ ଜାଗାରେ ଚଲାବୁଲା କଲେ ସମାନ ଫଳପ୍ରଦ ମିଳିଥାଏ। ଆପଣ ଅନୁଭବ କରୁଥିବେ ପୋଷ୍ୟ ପ୍ରାଣୀମାନେ ବାସ୍ତବିକ କେବଳ ମାନସିକ ପୀଡ଼ିତଙ୍କ ପାଇଁ ନୁହେଁ, ବରଂ ସାମଗ୍ରିକ ଭାବେ ଜଣଙ୍କ ଜୀବନକୁ ଆନନ୍ଦମୟ କରି ଗଢ଼ି ତୋଳିବାରେ ଯେଉଁ ଅତୁଟ ଅମାପ ଓ ନିଃସ୍ୱାର୍ଥପର ସେବା ସହଯୋଗ, ଭଲପାଇବା ଦେଇଥାଏ ତାହା ସ୍ମରଣୀୟ।

**ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ୍, ପୁରୀଘାଟ ରୋଡ୍, କଟକ**
**ମୋ: ୯୧୩୨୪୩୩୩୩୩**

## ପାଠକ ଶ୍ରେଷ୍ଠ ବିଚାରକ

### ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ବନ୍ଦ

ମହାଶୟ,

ଭୁବନେଶ୍ୱର ବାସିନ୍ଦାଙ୍କୁ ସୁଲଭ ମୂଲ୍ୟରେ ତଟକା ପନିପରିବା ଯୋଗାଇ ଦେବାକୁ ରାଜ୍ୟ ସରକାର ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ମାଧ୍ୟମରେ ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ୧୨ ଗୋଟି ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ଖୋଲିଥିଲେ । ଲୋକମାନେ ଖୁବ୍ ଖୁସିର ସହ ସେଠାରୁ ସବୁଜ ତଟକା ପନିପରିବା କିଣି ଆଣୁଥିଲେ । କିନ୍ତୁ ଦୁଃଖର ବିଷୟ ଏହି ଯେ ଏବେ ୧୧ ଗୋଟି ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି । ତାହାର ପ୍ରକୃତ ସତ୍ୟାସତ୍ୟ କେହି କହିପାରୁ ନାହାନ୍ତି। ଏଥିରେ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟର ଅପାରଗତା ଓ ଅବହେଳା ସମ୍ପୂର୍ଣ୍ଣ ରୂପେ ପଦାରେ ପଡ଼ିଯାଇଛି। ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ସହରର ଆଖପାଖ ଅଞ୍ଚଳରୁ କିଛି ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରି ସେହିସବୁ ଗାଁରେ ଆନ୍ତରିକତାର ସହ ଲୋକମାନଙ୍କ ସହ ବିଭିନ୍ନ ପ୍ରକାରର ଆଲୋଚନା କରି ସେମାନଙ୍କୁ ପରାମର୍ଶ ଦେଇ ପନିପରିବା ଚାଷ ପାଇଁ ଉତ୍ସାହିତ କରାଇ ପାରିଲେ ଚାଷୀ ତଥା ଖାଉଟି ଉପକୃତ ହୋଇ ପାରିବେ । ଫଳରେ ଭୁବନେଶ୍ୱରର ଆଖପାଖ ଅଞ୍ଚଳରେ ଥିବା ଗାଁଗୁଡ଼ିକରୁ ପ୍ରଚୁର ପରିମାଣରେ ଆଳୁ, ଦେଶୀ ଆଳୁ, ଟମାଟୋ, ମୂଳା, ବିନ୍ସ, କୋବି, ବାଇଗଣ, ଲଙ୍କା, ପିଆଜ, ସାରୁ, କଖାରୁ, ଲାଉ ଇତ୍ୟାଦି ଉତ୍ପାଦନ ହୋଇପାରିବ । ଯାହାକୁ ଚାଷୀମାନେ ଭୁବନେଶ୍ୱରର ଚାହିଦା ମେଣ୍ଟାଇ ଅନ୍ୟ ଜିଲା ଓ ରାଜ୍ୟ ବାହାରକୁ ମଧ୍ୟ ପଠାଇ ପାରିବେ ଓ ସେମାନଙ୍କ ରୋଜଗାର ପନ୍ଥାର ଉନ୍ନତି ହେବ । ଉଦ୍ୟାନ ବିଭାଗ ଯଦି ଏହିପରି ପୋଷ୍ୟଗ୍ରାମ ଯୋଜନା କରନ୍ତି ତେବେ ଯେଉଁ ୧୧ ଗୋଟି ଉଦ୍ୟାନ ଫ୍ରେଶ୍ ଆଉଟ୍‌ଲେଟ୍ ଯଥେଷ୍ଟ ପରିମାଣର ପନିପରିବା ଅଭାବରୁ ବନ୍ଦ ହୋଇଯାଇଛି ପୁଣି ସେଗୁଡ଼ିକ ଖୋଲାଯାଇ ପାରନ୍ତା।

–ଡ. ଲକ୍ଷ୍ମୀ ନାରାୟଣ କର, ସୂର୍ଯ୍ୟନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜୀବନ-କଳାରେ ସେ ଯେ ଶ୍ରେଷ୍ଠ ମୋ କଳାପ
ଯଉବନ-ସଙ୍ଗତେ ଆଦିମ ସେ ଆଳାପ
ପ୍ରାଣସମ ତାକୁ ମୋର ଦେୟ ଶେଷ ଶ୍ରଦ୍ଧା
କଣ୍ଟକିତ ଜୀବନେ ସେ ସୁକୁମାର ଗୋଲାପ ।
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଫୁଲୁଛି ମହେନ୍ଦ୍ରତନୟା, ୩ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ

ପାରଳାଖେମୁଣ୍ଡି, ୨୯।୧୦ (ଗିରିଧାରୀ ପରିଚ୍ଛା)

ବାତ୍ୟା ମୋନ୍ଥା ବିପଦ ଟଳିଯାଇଛି। ମାତ୍ର ବର୍ଷା କମିନି। ଗଜପତି ଜିଲାରେ ତୁହାକୁ ତୁହା ବର୍ଷା ଜାରି ରହିଛି। ଏହା ଜିଲାର ସ୍ଥିତିକୁ ସଙ୍ଗିନ କରିଛି। ଆକଳନ ଅନୁସାରେ କ୍ଷୟକ୍ଷତି ହୋଇ ନ ଥିଲେ ମଧ ବର୍ଷା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଏବଂ ଗଛ ଭାଙ୍ଗି ପଡିବାରୁ ଲୋକେ ପ୍ରଭାବିତ ହୋଇଛନ୍ତି । ବର୍ତ୍ତମାନ ଭୂସ୍ଖଳନ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ପାଇଁ କାର୍ଯ୍ୟ ଜାରି ରହିଛି। ଶୀଘ୍ର କ୍ଷୟକ୍ଷତି ଆକଳନ କରାଯିବ ବୋଲି ଜିଲାପାଳ ମଧୁମିତା କହିଛନ୍ତି। ଅନ୍ୟପକ୍ଷରେ ମହେନ୍ଦ୍ରତନୟା ଫୁଲି ଶରଧାପୁର, ଭିନ୍ନଳା, ବାପୁଜୀ ପେଣ୍ଠକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।

ବାତ୍ୟା 'ମୋନ୍ଥା' ଆନ୍ଧ୍ର ପ୍ରଦେଶରେ ମାଡ଼ ହୋଇଥିଲେ ମଧ ଏହାର ବହୁ ପ୍ରଭାବ ଗଜପତି ଜିଲାରେ ପଡିଛି। ମଙ୍ଗଳବାର ବିଳମ୍ବିତ ରାତିରେ ବାତ୍ୟା ସ୍ଥଳଭାଗ ଛୁଇଁ ଛତିଶଗଡ ଆଡକୁ ମୁହାଁଇଛି। ଏହାର ପ୍ରଭାବରେ ଗଜପତି ଜିଲାରେ ବର୍ଷା ଜାରି ରହିଛି। ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହେବା ସହ ଗମନାଗମନରେ ବାଧା ଉପୁଜିଛି। ଜିଲାର କାଶୀନଗର ବ୍ଲକର ଲିଙ୍ଗା, ରାୟଗଡ ବ୍ଲକ ଏସ.କରଡାସିଂ ପଞ୍ଚାୟତର ବୋଣ୍ଡା, ଆର.ଉଦୟଗିରି ବ୍ଲକର ଅନଘା ପଞ୍ଚାୟତର ବଡଗାଁରେ ଭୂସ୍ଖଳନ ହୋଇ କେତେକ ସ୍ଥାନରେ ରାସ୍ତା ଧୋଇ ହୋଇଯାଇଛି। ଅନ୍ୟପକ୍ଷରେ ମହେନ୍ଦ୍ରତନୟା ଫୁଲୁଥିବାରୁ ଗୋଷାଣୀ ବ୍ଲକ ଶରଧାପୁର ପୋଲ ଉପରେ ୫ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଛି। ପାହାଡରୁ ମାଟି ଅତଡା ଧସି ରାସ୍ତା ଅବରୋଧ ହୋଇଥିବାରୁ ବିଭିନ୍ନ ଗାଁର ଲୋକେ ଯାତାୟାତ ଲାଗି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବାରମ୍ବାର ବର୍ଷା ଯୋଗୁ ମାଟି ଅତଡା ଧସୁଥିବା ଘଟଣାସ୍ଥଳରେ ଉପସ୍ଥିତ ଥିବା ଯନ୍ତ୍ରୀ କହିଛନ୍ତି। ତେବେ ଖୁବ୍ ଶୀଘ୍ର କ୍ଷୟକ୍ଷତି ଆକଳନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି ।



ରାସ୍ତାରେ ବନ୍ୟାପାଣି।

## ତାରାବାଡ଼ି ଗାଁରେ ୨ ଘର ଭାଙ୍ଗିଲା

ଜି.ଉଦୟଗିରି, ୨୯।୧୦ (ଚିନ୍ମୟ କୁମାର ସେଠୀ):

ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ ତାରାବାଡି ଗ୍ରାମରେ ବାତ୍ୟା ମୋନ୍ଥା ପ୍ରଭାବରେ ହୋଇଥିବା ବର୍ଷାରେ ୨ଟି ଘର ଭାଙ୍ଗିଛି। ସୂଚନାନୁସାରେ ହରିବନ୍ଧୁ ଦିଗାଲ ଓ ତାଙ୍କ ସ୍ତ୍ରୀ ରହୁଥିବା ଘରର କାନ୍ଥ ବୁଧବାର ସକାଳ ପ୍ରାୟ ୮ଟାରେ ହଠାତ୍ ଭୁଶୁଡ଼ି ଯାଇଥିଲା। ସୌଭାଗ୍ୟବଶତଃ କାହାର କିଛି ହୋଇନାହିଁ। ସେହିପରି ଅଶୋକ ଦିଗାଲଙ୍କ ମଧ ଘର କାନ୍ଥ ଭାଙ୍ଗିଯାଇଛି। ରାତିରେ କାନ୍ଥ ଉପର ସ୍ଥାନରେ କିଛି ମାତ୍ରାରେ ଭାଙ୍ଗିଥିଲା ସକାଳେ କାନ୍ଥଟି ଭାଙ୍ଗିବା ଦେଖି ପରିବାର ଲୋକେ ଠେସ ଦେଇ ରଖିଛନ୍ତି। ରାଜସ୍ୱ ବିଭାଗ ତରଫରୁ ହରିବନ୍ଧୁଙ୍କୁ ଜରି ପାଲ ଦିଆଯାଇଥିବା ବେଳେ ଅଶୋକଙ୍କୁ ମିଳି ପାରିନାହିଁ।

## ଜଳବନ୍ଦୀରେ ଉପଲସିଂଗ୍ରାମବାସୀ

ଗୁମ୍ମା, ୨୯।୧୦ (ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକରେ ବାତ୍ୟା ମୋନ୍ଥା ପ୍ରଭାବରେ ଗତ ୩ ଦିନ ଧରି ଲଗାଣ ବର୍ଷା ହୋଇଥିଲା। ଜୀବା ପଞ୍ଚାୟତସ୍ଥିତ ଉପଲସିଂବାସୀ ସମ୍ପୂର୍ଣ୍ଣ ଜଳବନ୍ଦୀରେ ରହିଛନ୍ତି। ପ୍ରବଳ ବର୍ଷାରେ ଉପର ପଟୁ ପାଣି ଆସି ତଳିଆ ଅଞ୍ଚଳରେ ଜମା ହୋଇ ରହିଯାଉଛି। ଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନାହିଁ। ଯାହାଫଳରେ ପାଣି ଜମି ରହୁଛି। ଲୋକମାନେ ଘରୁ ବାହାରି ପାରୁନାହାନ୍ତି। ବିଶେଷ କରି ଲକ୍ଷ୍ମୀ ନଗର ବାସିନ୍ଦା ଅଧିକ ପ୍ରଭାବିତ ହେଉଥିବା ଦେଖାଯାଉଛି। ଅତ୍ୟାବଶକ ସାମଗ୍ରୀ, ଔଷଧ, ପନିପରିବା ଆଣିବାକୁ ଯିବା ନିମନ୍ତେ ସମସ୍ୟା ହେଉଥିବା ଲକ୍ଷ୍ମୀ ନଗର ବାସିନ୍ଦା ପ୍ରକାଶ କରିଛନ୍ତି।

## ନାଳରେ ଭାସିଗଲେ ମହିଳା

ଭଞ୍ଜନଗର, ୨୯।୧୦ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବିରିକୋଟ ଗ୍ରାମର ଜଣେ ମହିଳା ବୁଧବାର ସନ୍ଧ୍ୟାରେ ଗ୍ରାମ ନାଳକୁ କୌଣସି କାମରେ ଯାଇଥିବା ବେଳେ ଭାସିଯାଇଛନ୍ତି। ଖବର ଲେଖା ହେବା ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନାହିଁ। ଭଞ୍ଜନଗର ଅଗ୍ନିଶମବାହିନୀ ପହଞ୍ଚି ସମ୍ପୃକ୍ତ ମହିଳାଙ୍କୁ ଖୋଜାଖୋଜି ଜାରି ରଖିଥିଲେ ମଧ ତାଙ୍କର ପତ୍ତା ମିଳିନାହିଁ। ଏନେଇ ପରିବାର ଲୋକେ ଚିନ୍ତାରେ ଅଛନ୍ତି।

## କୋଲାବ ବ୍ରିଜ୍ ନିକଟରୁ ବ୍ୟବସାୟୀଙ୍କଠାରୁ ୫ଲକ୍ଷ ଲୁଟ୍

କୁନ୍ଦୁରା, ୨୯।୧୦ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଖଟଲାପଦର କୋଲାବ ବ୍ରିଜ ନିକଟରୁ ବ୍ୟବସାୟୀଙ୍କଠାରୁ ବୁଧବାର ଅପରାହ୍ନରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବ୍ୟବସାୟୀମାନଙ୍କଠାରୁ ୫ଲକ୍ଷ ଟଙ୍କା ଓ ଫୋନ୍ ଆଦି ଚୋରି କରି ନେଇଥିବା କୁନ୍ଦୁରା ଥାନାରେ ଅଭିଯୋଗ ହୋଇି। କୁନ୍ଦୁରା ପୋଲିସ କେସ୍ ନଂ.୧୩୪/୨୫ରେ ଏକ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କୁନ୍ଦୁରା ପୋଲିସ ସୂଚନା ମୁତାବକ ଅପରାହ୍ନ ୩ଟା କୋଟପାଡ଼ର ୫ଜଣ ବ୍ୟବସାୟୀ ଦେବାଶିଷ ପଟ୍ଟନାୟକ, ସାହିଲ, ଶ୍ୟାମ, ସୁଦାମ ଏବଂ ଅନିକେତ ଟଙ୍କା କଲେକ୍ସନ କରି କାର୍ (ସିଜି-୦୪ଏନ୍‌ଟି-୬୦୭୪) ରେ ଫେରୁଥିଲେ। ଏହି ସମୟରେ ପ୍ରାୟ ୮ ଜଣ ଲୁଟେରା ଖଟଲାପଦର କୋଲାବ ବ୍ରିଜ ଉପରେ ସେମାନଙ୍କୁ ଅଟକାଇ ଥିଲେ। ବ୍ୟବସାୟୀମାନେ କାର୍ ଡୋର୍ ନ ଖୋଲିବାରୁ ଦୁର୍ବୃତ୍ତମାନେ ଗାଡ଼ି କାଚ ଭାଙ୍ଗି ଦେଇଥିଲେ। ସାମ୍ନା ଡୋର, ମୁଖ୍ୟ କାଚ ଏବଂ ପଛପଟ କାଚ ଭାଙ୍ଗି ଗାଡ଼ି ଭିତରେ ଥିବା ୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏଥିସହ ବ୍ୟବସାୟୀମାନଙ୍କ ପାଖରେ ଥିବା ୪ଟି ମୋବାଇଲ ଫୋନ୍ ନେଇ ଯାଇଛନ୍ତି। ଏହାପରେ ବ୍ୟବସାୟୀ ଦେବାଶିଷ କୁନ୍ଦୁରା ଥାନାରେ ଏ ନେଇ ଏତଲା ଦେଇଛନ୍ତି। ପୋଲିସ ବ୍ୟବସାୟୀଙ୍କ କାର୍‌କୁ ଥାନାରେ ରଖି ଅଧିକ ତଦନ୍ତ କରୁଥିବା ଥାନାଧିକାରୀ ଅଶ୍ୱିନୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ ପ୍ରତି ବୁଧବାର ଏହି ବ୍ୟବସାୟୀମାନେ କୁନ୍ଦୁରା ଅଞ୍ଚଳରେ ନିଜ ବ୍ୟବସାୟ ଟଙ୍କା ଆଦାୟ କରୁଥିବା ବେଳେ ଆଜି ଲୁଟ୍‌ର ଶିକାର ହୋଇଛନ୍ତି। ଉକ୍ତ ବ୍ୟବସାୟୀମାନଙ୍କ ସହ ୨୦୧୪-୧୫ରେ ସମାନ ପ୍ରକାରର ଲୁଟ୍ ହୋଇଥିଲା। ଗାଡ଼ିରେ ବସିଥିବା ୫ ଜଣ ବ୍ୟବସାୟୀଙ୍କଠାରୁ ୪ ଟି ମୋବାଇଲ ଦୁର୍ବୃତ୍ତମାନେ ନେଇଯାଇଥିବାବେଳେ ଜଣେ ବ୍ୟବସାୟୀଙ୍କ ଆଇ ଫୋନ ନେଇନଥିବା ସମସ୍ତଙ୍କୁ ସନ୍ଦେହ ଘେରକୁ ନେଇଛି।

## ନାଳରେ ବୃଦ୍ଧି ପାଇଛି ଜଳସ୍ତର, ଭୁଶୁଡ଼ିଛି କଚ୍ଚାଘର

ମୋହନା, ୨୯।୧୦ (ମନ୍ମଥ ମିଶ୍ର)

ବାତ୍ୟା ମୋନ୍ଥାର ପ୍ରଭାବ ଗଜପତି ଜିଲାରେ ଦେଖିବାକୁ ମିଳିଛି । ଜିଲାରେ ଲଗାଣ ବର୍ଷା ଯୋଗୁ ବିଭନ୍ନ ନାଳରେ ଜଳସ୍ତର ବୃଦ୍ଧିପାଇଛି । ଜିଲାର ଗୋଷାଣି ବ୍ଲକ ଅନ୍ତର୍ଗତ କୃଷ୍ଣ ସାଗର ଓ ରାମ ସାଗରକୁ ସଂଯୋଗ କରୁଥିବା ଗଜପତି ଫୁଟର ଚନେଲ ନାଳରେ ଜଳସ୍ତର ବୃଦ୍ଧିପାଇ ୩ ଫୁଟ ପାଣି ପୋଲ ଉପରେ ପ୍ରବାହିତ ହେଉଛି। ଫଳରେ ସାରଦାପୁର-ଗୋଷାଣି ରାସ୍ତାରେଯାତାୟାତ ବନ୍ଦ ରହିଛି। ସେହିପରି 'ମୋନ୍ଥା' ପ୍ରଭାବରେ ମଙ୍ଗଳବାର ବିଳମ୍ବିତ ରାତିରେ ମୋହନା ବ୍ଲକ ଅନ୍ତର୍ଗତ କାଳିଆପଟା ଗ୍ରାମର ମହେଶ୍ୱର ଦଳାଇଙ୍କ ଝାଟିମାଟି ଘର ଭୁଶୁଡ଼ିପଡ଼ିଛି। ବୁଧବାର ସକାଳେ ଖବର ପାଇ ମୋହନା ଅଗ୍ନିଶମ ଅଧିକାରୀ ପଙ୍କଜ ମହାନ୍ତି ଓ କର୍ମଚାରୀ ଗ୍ରାମରେ ପହଞ୍ଚି ମାଟି ତଳେ ରହିଥିବା କିଛି ସାମଗ୍ରୀ ଉଦ୍ଧାର କରିଥିଲେ। ଘରେ କେହି ନ ଥିବାରୁ କାହାର କିଛି କ୍ଷତି ହୋଇନାହିଁ। କଚ୍ଚା ଘର ହେତୁ ଲଗାଣ ବର୍ଷାରେ କାଳେ ଭୁଶୁଡ଼ି ପଡ଼ିବ ଏଇ ଆଶଙ୍କାରେ ପରିବାର ଲୋକେ ପ୍ରାଥମିକ ବିଦ୍ୟାଳୟ ଆଶ୍ରୟସ୍ଥଳକୁ ଚାଲିଯାଇଥିଲେ। ତେବେ ତଦନ୍ତ ପରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଚାନ୍ଦିପୁଟ ଆରଆଇ ସରସ୍ୱତୀ ପାଇକ କହିଛନ୍ତି।

## ଗଞ୍ଜାମ ଜିଲାରେ କ୍ଷତି ଆକଳନ ହେବ: ଜିଲାପାଳ

ଛତ୍ରପୁର, ୨୯।୧୦ (ଦିଲ୍ଲୀପ ସାମଲ)

ବତ୍ୟା 'ମୋନ୍ଥା ' ଓ ଲଗାଣ ବର୍ଷାରେ ଗଞ୍ଜାମ ଜିଲାରେ କ'ଣ ସବୁ କ୍ଷତି ହୋଇଛି ସେନେଇ ଜିଲାପାଳ ଭି.କିର୍ତ୍ତୀଭାସନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମସ୍ତ ବିଡିଓ, ତହସିଲଦାର ଓ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ପାତ୍ରପୁରରେ ଏବେ ମଧ କେତେକ ସ୍ଥାନରେ ପାଣି ଜମି ରହିଛି। ନଦୀ ସ୍ତରର ପାଣି ବଢୁଛି। ବୁଧବାର ଅପରାହ୍ନରେ ସ୍ଥିତିକୁ ଦେଖି ଯେଉଁମାନଙ୍କୁ ଆଶ୍ରୟ ସ୍ଥଳରେ ରଖାଯାଇଛି ସେମାନଙ୍କୁ ଘରକୁ ପଠାଯିବ। ଜିଲାରେ ଯେତିକି ଘର ଭାଙ୍ଗିଥିବ, ଫସଲ ନଷ୍ଟ ହୋଇଥିବ ତାହାର ତଦନ୍ତ ହେବ। ରିପୋର୍ଟ ଆସିବା ପରେ ଏହାକୁ ଏସ୍‌ଆରସିକୁ ପଠାଯିବ ବୋଲି ଜିଲାପାଳ କହିଛନ୍ତି । ଗଞ୍ଜାମ ଜିଲାରେ ଜିରୋକାଜୁଆଲଟି ହୋଇଛି। ପ୍ରଶାସନର ସମସ୍ତ ଟିମ ଭଲ କାମ କରି ଲୋକଙ୍କୁ ଉତ୍ତମ ସେବା ଯୋଗାଇଛନ୍ତି ବୋଲି ଜିଲାପାଳ କହିଥିଲେ।

### ଜି.ଉଦୟଗିରି ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ

## ସାଇବର ଠକେଇର ମୁଖ୍ୟ ମାଧ୍ୟମ ପାଲଟିଛି ମୋବାଇଲ ଫୋନ୍



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ

ଜି.ଉଦୟଗିରି, ୨୯।୧୦ (ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ)

ସାଇବର କ୍ରାଇମକୁ ରୋକିବା ପାଇଁ ଜି. ଉଦୟଗିରି ଥାନା ଆଇଆଇସି ବିଜୟ ସ୍ୱାଇଁଙ୍କ ନେତୃତ୍ୱରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସାଇବର ଠକମାନେ ବିଭିନ୍ନ ଭାବରେ ଜନସାଧାରଣଙ୍କ କଷ୍ଟାର୍ଜିତ ଅର୍ଥ ଲୁଟି ନେଉଛନ୍ତି। ଏହାର ମାଧ୍ୟମ ପାଲଟିଛି ମୋବାଇଲ ଫୋନ। ଏଥିପ୍ରତି ଜନସାଧାରଣ ସତର୍କ ରହିଲେ ସାଇବର ଠକେଇ ବହୁ ପରିମାଣରେ କମିପାରିବ ବୋଲି ମତ ପ୍ରକାଶ ପାଇଛି। ବୁଧବାର ସ୍ଥାନୀୟ ସମନ୍ୱିତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ସାଇବର ଅପରାଧକୁ ପ୍ରତିରୋଧ ପାଇଁ ହୋଇଥିବା ସଚେତନତା କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। ଏଥିରେ ଫୁଲବାଣୀ ସାଇବର ଥାନା ମହିଳା ଆଇଆଇସି ଗେଲି ସାହୁ, ତହସିଲଦାର ରଞ୍ଜନ ସାହୁ, ଏସଡିପିଓ ବିଜୟ ବିଶି, ଇଓ ଆଶୁତୋଷ ଗୌରବ କର, ବିଡିଓ ଶରତ ଚନ୍ଦ୍ର ମଲ୍ଲିକ, ଏବିଡିଓ ସତ୍ୟ ନାରାୟଣ ମିଶ୍ର, ମହିଳା ଆଇଆଇସି ରଞ୍ଜିତା ବେହେରା, ଏଇଇ ଅସିତ୍ ସେଠୀ ଯୋଗ ଦେଇଥିଲେ। ସାଇବର ଠକେଇରୁ ବର୍ତ୍ତିବା ପାଇଁ ମୋବାଇଲରେ ଜଟିଳ ପାସୱାର୍ଡ଼ ବ୍ୟବହାର, ଅନଲାଇନ ଆର୍ଥିକ କାରବାରରେ ସତର୍କତା ଅବଲମ୍ବନ, କୌଣସି ଲିଙ୍କ ମାଧ୍ୟମରେ କେୱାଇସି ଅପଡେଟ ନ କରିବା, ମୋବାଇଲରେ ସର୍ଚ୍ଚ ଇଞ୍ଜିନ ବ୍ୟବହାର ବେଳେ ସାବଧାନତା ଅବଲମ୍ବନ କରିବା, ବିଭିନ୍ନ ପ୍ରକାର ଲୋନ ଆପ୍ ବ୍ୟବହାର ବେଳେ ସତର୍କ ରହିବା, ଅନଲାଇନ କ୍ରୟ ବିକ୍ରୟ ପ୍ରତି ସତର୍କ ହେବା ନେଇ ଅଧିକାରୀମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପୋଲିସ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବନ ବିଭାଗ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଋଷିକୁଲ୍ୟା ନଦୀ ସ୍ଥିତି ଅନୁଧ୍ୟାନ କଲେ ବିଡିଓ

ଗଞ୍ଜାମ, ୨୯।୧୦ (ବିଦ୍ୟାଧର ସାହୁ)

ଟଳିଯାଇଛି ସମସ୍ତଙ୍କ ମନରୁ ବାତ୍ୟା 'ମୋନ୍ଥା' ଭୟ। ତଥାପି ଗଞ୍ଜାମ ବ୍ଲକ ଅଞ୍ଚଳରେ ବର୍ଷା ଲାଗି ରହିଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଏବଂ ଘୋଡାହଡ଼ା ଡ୍ୟାମ ପାଣି ଛଡାଯିବା ପରେ ଋଷିକୁଲ୍ୟା ନଦୀର ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଛି। ବୁଧବାର ବିଡ଼ିଓ ଅଚ୍ୟୁତାନନ୍ଦ ନନ୍ଦ ଜାନି ରୁଷିକୁଲ୍ୟା ନଦୀକୂଳକୁ ଯାଇ ସ୍ଥିତି ଅନୁଧ୍ୟାନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ବ୍ଲକ ଅଞ୍ଚଳରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିଲେ ମଧ ଧାନ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ବର୍ଷା ପବନ ଯୋଗୁ କେତେକ ଚାଷ ଜମିରେ ଧାନ ଗଛ ପଡିଯାଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ପଞ୍ଚାୟତର ଆରଆଇମାନେ ନିଜ ପଞ୍ଚାୟତର କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବା ପରେ କ୍ଷତିପୂରଣ ପ୍ରଦାନ ପାଇଁ ଏହା ଉପଜିଲାପାଳଙ୍କ ନିକଟକୁ ପଠାଯିବ ବୋଲି ତହସିଲଦାର ସୁକାନ୍ତ ମିଶ୍ର କହିଛନ୍ତି।

### ଇନ୍ଦିରା ଆବାସ ଅନୁମୋଦନକୁ ନେଇ ମାଡ଼ ମାରିବା ମାମଲା

## ଦୋଷୀ ସାବ୍ୟସ୍ତ ହେଲେ ୱାର୍ଡମେମ୍ବର

ପାରଳାଖେମୁଣ୍ଡି, ୨୯।୧୦ (ଗିରିଧାରୀ ପରିଚ୍ଛା)

ଇନ୍ଦିରା ଆବାସକୁ ନେଇ ଜଣେ ହିତାଧିକାରୀଙ୍କୁ ମାଡ଼ ମାରିଥିବା ୱାର୍ଡମେମ୍ବର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୭ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ସିନିୟର ସିଭିଲ ଜଜ୍ ତଥା ଜେଏମ୍‌ଏଫ୍‌ସି ସୌଦାମିନୀ ବିଶ୍ୱାଳ ସମ୍ପୃକ୍ତ ୱାର୍ଡମେମ୍ବରଙ୍କୁ ଦୋଷୀସାବ୍ୟସ୍ଥ କରିଛନ୍ତି। ଭବିଷ୍ୟତରେ ଏପରି କାର୍ଯ୍ୟରୁ ନିବୃତ୍ତ ରହିବାକୁ କୋର୍ଟ ତାଙ୍କୁ ପରାମର୍ଶ ଦେଇଛନ୍ତି।

ଖବରରୁ ଜଣାପଡିଛି, ଗତ ୨୮।୯।୨୦୨୪ ଅପରାହ୍ନ ସାଢ଼େ ୩ଟାରେ ରାମଗିରି ଗ୍ରାମର ସୁଦାମ ଚରଣ ପାଇକଙ୍କ ପୁଅ ଶିବ କୁରେଇଶୁଣୀ ମନ୍ଦିରରୁ ଘରକୁ ଆସୁଥିବା ବେଳେ ବାଟରେ ୱାର୍ଡମେମ୍ବର ରବି ପାଇକଙ୍କୁ ଦେଖି ତାଙ୍କ ଇନ୍ଦିରା ଆବାସ ଅନୁମୋଦନ କଥା ପଚାରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ରବି ଏକ ଧାରୁଆ ଅସ୍ତ୍ରରେ ଶିବଙ୍କୁ ଆକ୍ରମଣ କରିଥିଲେ। ଏହି କାର୍ଯ୍ୟରେ ରବିଙ୍କୁ ତାଙ୍କ ଭଉଣୀ ଅଞ୍ଜଳି ଓ ଭାଇ ସୂର୍ଯ୍ୟ ସହଯୋଗ କରିଥିଲେ। ତେବେ ଶିବଙ୍କୁ ଆକ୍ରମଣ କରାଯାଉଥିବା ଦେଖି ରବି, ସୂର୍ଯ୍ୟ ଓ ଅଞ୍ଜଳିଙ୍କୁ ଅଟକାଇବାକୁ ସନ୍ତୋଷ କାର୍ଜି ଓ ତନୁ ପାଇକ ଆସିବାରୁ ତାଙ୍କୁ ରବି ଧମକଚମକ ଦେବାରୁ ସେମାନେ ଚାଲିଯାଇଥିଲେ। ଏନେଇ ଶିବଙ୍କ ବାପା ସୁଦାମ ଚରଣ ପାଇକ ରାମଗିରି ଥାନାରେ ଅଭିଯୋଗ କରିବାରୁ ପୋଲିସ ନଂ.୪୨/୨୪ରେ ଏକ ମାମଲା ରୁଜୁକରି ଏହାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଘଟଣାରେ ୱାର୍ଡମେମ୍ବରଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବା ପରେ ଏଏସ୍‌ଆଇ କେ. ଶଙ୍କର ୩ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲେ। ସେବେଠାରୁ ଏହି ମାମଲା ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ବିଚାରାଧୀନ ଥିଲା। ମାମଲାର ବିଚାରକରି ଜେଏମ୍‌ଏଫ୍‌ସି ସମ୍ପୃକ୍ତ ୱାର୍ଡମେମ୍ବରଙ୍କୁ ଭର୍ତ୍ସନା କରିବା ସହ ଭବିଷ୍ୟତରେ ଏପରି କାର୍ଯ୍ୟରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ଏପିପି ହରିକୃଷ୍ଣ ପ୍ରଧାନ ପରିଚାଳନା କରିଥିବା ଭାରପ୍ରାପ୍ତ କ୍ୟାଡର ପବ୍ଲିକ୍ ପ୍ରସିକ୍ୟୁଟର ରାଜେଶ ମିଶ୍ର କହିଛନ୍ତି।

## ଡୁଲୁରୀ ନାଳକୁ ଖସିଲା ବାଇକ୍, ୨ ଗୁରୁତର

ଦାରିଙ୍ଗବାଡି, ୨୯।୧୦ (ଅରୁଣ ସାହୁ ):

**ସ୍ୱାସ୍ଥ୍ୟକେନ୍ଦ୍ରରେ ଶଯ୍ୟା ଅଭାବରୁ ତଳେ ଚିକିତ୍ସା**

ଦାରିଙ୍ଗବାଡି ଥାନା ଡୁଲୁରୀ ପୋଲ ନିକଟରେ ପୁଣି ଏକ ଦୁର୍ଘଟଣା ହୋଇଛି। ଏଥିରେ ବାଇକ ଆରୋହୀ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବ୍ରାହ୍ମଣୀଗାଁ ଥାନା କାଟିଙ୍ଗିଆ ପଞ୍ଚାୟତ ଅଞ୍ଚଳର ରାଜେଶ ସିଂ ଓ ରାହୁଲ ସିଂ। ଉଭୟଙ୍କୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ଶଯ୍ୟା ନ ଥିବାରୁ ତଳେ ଚିକିତ୍ସା କରାଯାଉଛି। ଗୋଟିଏ ବାଇକରେ ରାଜେଶ ଓ ରାହୁଲ ବ୍ରାହ୍ମଣୀଗାଁ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଡୁଲୁରୀ ନାଳ ଭିତରକୁ ଖସି ପଡ଼ିଥିଲେ। ସୌଭାଗ୍ୟବଶତଃ ବାଇକ ଓ ୨ ଆରୋହୀ ଶୁଖିଲା ସ୍ଥାନରେ ପଡ଼ି ଗୁରୁତର ହୋଇଥିଲେ। ଉଭୟଙ୍କୁ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଉଦ୍ଧାରକରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ତେବେ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ୍, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ପ୍ରମୁଖ ପହଞ୍ଚିଥିବା ଜଣାପଡିଛି। ଘଟଣାର ଅଧିକ ତଦନ୍ତ କରାଯାଉଥିବା ଦାରିଙ୍ଗବାଡି ଥାନା ଅଧିକାରୀ କନକ ମାଝୀ କହିଛନ୍ତି। ଗୁରୁତରଙ୍କୁ କାହିଁକି ତଳେ ଶୁଆଇ ଚିକିତ୍ସା କରାଯାଉଛି ବୁଝିବେ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡାକ୍ତର ଜାକେଶ ସମନ୍ତରାୟ କହିଛନ୍ତି।

## ପୁଟସିଲ ଇକୋ ରିଟ୍ରିଟ୍ ସ୍ଥାନ ପରିବର୍ତ୍ତନ ଦାବି



ସୁନାବେଡ଼ା/ସେମିଳିଗୁଡ଼ା, ୨୯।୧୦ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ପୁଟସିଲରେ ନିର୍ମିତ ଇକୋ ରିଟ୍ରିଟରୁ ସ୍ଥାନୀୟ ବାସିନ୍ଦାଙ୍କୁ କୌଣସି ଲାଭ ମିଳୁନାହିଁ। ତେଣୁ ଏହାର ସ୍ଥାନ ପରିବର୍ତ୍ତନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପୂର୍ବ ସରକାର ଓ ପର୍ଯ୍ୟଟନ ବିଭାଗର ମିଳିତ ଉଦ୍ୟମରେ ପର୍ଯ୍ୟଟନର ବିକାଶ ତଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଅସ୍ଥାୟୀ ରିସର୍ଟ ନିର୍ମାଣ କରାଯାଇଥିଲା। ଏହାକୁ ଇତିମଧ୍ୟରେ ୫ବର୍ଷ ବିତିଥିଲେ ବି ଏହି ଯୋଜନାରୁ ସ୍ଥାନୀୟ ବାସିନ୍ଦା କୌଣସି ଲାଭ ପାଇପାରୁନାହାନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଲୋକେ। ସେମାନଙ୍କ ଅଭିଯୋଗ ଅନୁଯାୟୀ କେବଳ ଏହାକୁ ଲିଜ୍ ନେଇଥିବା ସଂସ୍ଥା ହିଁ ମାଲାମାଲ ହେଉଛନ୍ତି। ଯଦି ପ୍ରତିବର୍ଷ ଏହି ଅସ୍ଥାୟୀ ରିସର୍ଟର ସ୍ଥାନ ପରିବର୍ତ୍ତନ କରାଯାଇ ଭିନ୍ନ ଭିନ୍ନ ପର୍ଯ୍ୟଟନ ସ୍ଥଳ ନିକଟରେ ସ୍ଥାପନ କରାଗଲେ ସ୍ଥାନୀୟ ଲୋକଙ୍କ ରୋଜଗାର ବଢ଼ିବା ସହ ଅଧିକ ପର୍ଯ୍ୟଟକ ଆକର୍ଷିତ ହୋଇପାରିବେ ବୋଲି ଅଞ୍ଚଳବାସୀ କହିଛନ୍ତି। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ନଭେମ୍ବର ୧୫ରେ ଏହା ଆରମ୍ଭ ହେବ। ପୂର୍ବ ବର୍ଷ ଭଳି ଏବର୍ଷ ମଧ ଠିକ୍ ଚାଲିଛି। ସ୍ଥାନ ପରିବର୍ତ୍ତନ ବିଷୟରେ ସେ କିଛି ମତ ଦେଇ ନ ଥିଲେ।


**TPNODL**

**TP Northern Odisha Distribution Limited**

(A Tata Power & Odisha Govt. Joint Venture)

Regd. Off: Corp. Office, Januganj, Remuna Golei, Balasore, Odisha-756019

CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) 30th October, 2025**

**TP Northern Odisha Distribution Limited** invites tender from eligible bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001080 | Rate Contract for Supply of HT & LT Studs |
| 2 | TPNODL/OT/2025-26/2500001076 | Rate Contract for Supply of Transformer Oil |

* MSMEs registered in the State of Odisha shall pay tender fee of Rs. 1,000/- including GST.
* * EMD is exempted for MSMEs registered in the State of Odisha.

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.

Future communication / corrigendum to tender documents, if any, shall be available on website.

**Chief- Contracts & MM**



**ଭାରତୀୟ ରିଜର୍ଭ ବ୍ୟାଙ୍କ**

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751 001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱରରେ ବ୍ଲକ ଏ, ବି, ସି, ଡି, ଇ, ଏଫ୍ (ତୃତୀୟ ଶ୍ରେଣୀ), ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ଏବଂ ସାଧାରଣ କ୍ଷେତ୍ର (ସିକ୍ୟୁରିଟି ଗାର୍ଡ ବୁଥ୍, ପମ୍ପ ରୁମ, କମ୍ୟୁନିଟି ସେଣ୍ଟର)ର ବାହ୍ୟ ମରାମତି ଏବଂ ପୁନ: ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ** ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 17, 2025 ଅପରାହ୍ନ 05:00 ଟା ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

# ଜୀବନକୁ ବାଜି ଲଗାଉଛନ୍ତି ଲାଇଫ୍‌ଗାର୍ଡ

## ସମୁଦ୍ରରେ ବ୍ୟବହାର ସୁରକ୍ଷା ସାମଗ୍ରୀ ନାହିଁ

■ଗୋପାଳପୁରରେ ୧୭ ବର୍ଷରେ ୨୫୪ ଉଦ୍ଧାର
■୫ ଗୃହରକ୍ଷୀଙ୍କ ହାତରେ ବେଳାଭୂମି ସୁରକ୍ଷା ଦାୟିତ୍ୱ

ଗୋପାଳପୁର,୨୯।୧୦(ନବୀନରାଜ ଆଚାରୀ)

ଗୋପାଳପୁର ବେଳାଭୂମିକୁ ଜିଲା, ରାଜ୍ୟ ଓ ବିଦେଶରୁ ପର୍ଯ୍ୟଟକମାନେ ବୁଲିବାକୁ ଆସି ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ସମୁଦ୍ରରେ ସ୍ନାନ କରିଥାନ୍ତି। ସମୁଦ୍ରରେ ଗାଧୋଇବା ବେଳେ ସାମାନ୍ୟ ଅସାବଧାନ ହେଲେ ଜୀବନ ଜିବାର ନଜିର ମଧ ରହିଛି। ଗୋପାଳପୁର ସମୁଦ୍ରରେ ଗାଧୋଇବା ସମୟରେ ଜୁଆରରେ ପର୍ଯ୍ୟଟକମାନେ ଭିତରକୁ ଚାଲିଯାଇ ବୁଡ଼ିଯାଉଥିବା ସମୟରେ ଗୃହରକ୍ଷୀମାନେ ସେମାନଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇଛନ୍ତି। ଗତ ୧୭ ବର୍ଷରେ ଗୃହରକ୍ଷୀମାନେ ୨୫୪ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବେଳାଭୂମିରେ ଯେଉଁ ପରିମାଣର ଲାଇଫ୍‌ଗାର୍ଡ ମୁତୟନ ହେବା କଥା ତାହା ହେଉନାହିଁ। ଫଳରେ ଗୋପାଳପୁର ସମୁଦ୍ର ସମ୍ପର୍କରେ ଅନଭିଜ୍ଞ ପର୍ଯ୍ୟଟକମାନେ ବିପଦରେ ପଡୁଛନ୍ତି। ଗୋପାଳପୁର ପାନ୍ଥନିବାସଠାରୁ ହରିପୁର ମୁହାଣ ପର୍ଯ୍ୟନ୍ତ ପ୍ରାୟ ଦୁଇ କି.ମି. ବେଳାଭୂମିରେ ପ୍ରତ୍ୟହ ବହୁସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ରବିବାର ସମେତ ଅନ୍ୟ ଛୁଟିଦିନରେ ମଧ


ଗୋପାଳପୁର ବେଳାଭୂମି।

ବେଳାଭୂମିରେ ପ୍ରବଳ ଭିଡ଼ ହୋଇଥାଏ। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଲାଇଫ୍‌ଗାର୍ଡ ନିୟୋଜିତ କରିବା ନେଇ ଗୁରୁତ୍ୱାରୋପ କରାଯାଉ ନ ଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଗୋପାଳପୁର ବେଳାଭୂମି ସମୁଦ୍ର ପୃଷ୍ଠଭାଗ ଅପେକ୍ଷାକୃତ ଖାଲ ହୋଇଥିବାରୁ ଏଠାରେ ପର୍ଯ୍ୟଟକ ବୁଡ଼ିଯିବାର ଅଧିକ ଆଶଙ୍କା ରହୁଛି।

୨୦୦୯ରେ ଗୋଆଠାରେ ଲାଇଫ୍‌ଗାର୍ଡ ତାଲିମ ନେଇଥିବା ଗୋପାଳପୁର ଥାନାର ୫ ଜଣ ଗୃହରକ୍ଷୀଙ୍କୁ ବେଳାଭୂମିରେ ନିୟୋଜିତ କରାଯାଉଛି। ସେମାନଙ୍କ ମଧ୍ୟରୁ ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ଦୁଇଜଣ, ୨ଟାରୁ ରାତି ୧୦ ପର୍ଯ୍ୟନ୍ତ ୨ ଜଣ ଏବଂ ରାତି ୧୦ଟାଠାରୁ ସକାଳ ୬ଟା ପର୍ଯ୍ୟନ୍ତ ଜଣେ ଗୃହରକ୍ଷୀ ବେଳାଭୂମି ଦାୟିତ୍ୱରେ ରହିଥାନ୍ତି। ମାତ୍ର ଜଣେ କିମ୍ବା ଦୁଇଜଣ ଲାଇଫ୍‌ଗାର୍ଡଙ୍କ ଦ୍ୱାରା ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା କଷ୍ଟକର। ବେଳାଭୂମିରେ ଯଦି କୌଣସି ଅଘଟଣ ଘଟେ ତେବେ ଗୃହରକ୍ଷୀଙ୍କୁ ସହାୟତା କରିବାକୁ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହଯୋଗ ଆବଶ୍ୟକ ପଡ଼ିଥାଏ।

ସମୁଦ୍ରରେ ବୁଡ଼ିଯାଉଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ପାଇଁ ରଶି, ଲାଇଫ୍ ଜ୍ୟାକେଟ୍, ଲାଇଫ୍ ବୟ ଆଦି ସାମଗ୍ରୀ ରହିଛି। ଏହି ସାମଗ୍ରୀସବୁ ନଦୀ ଓ ପୋଖରୀରେ ଉଦ୍ଧାର କାର୍ଯ୍ୟରେ କାମ କରିଥାଏ। ମାତ୍ର ସମୁଦ୍ରରେ ବ୍ୟବହାର କରିବା ଭଳି ସାମଗ୍ରୀ ଏପର୍ଯ୍ୟନ୍ତ ନ ଥିବା ଜଣାପଡ଼ିଛି। ଉଦ୍ଧାର ଲାଗି ଟ୍ୟୁବ୍ ଓ ପହଁରିବା ଜ୍ୟାକେଟ୍ ନାହିଁ। ବିଭିନ୍ନ ସମୟରେ ଲାଇଫ୍‌ଗାର୍ଡମାନେ ଅସୁବିଧାର ସମ୍ମୁଖୀନ ହୋଇ ଜୀବନକୁ ବାଜିଲଗାଇ କାର୍ଯ୍ୟ କରିଥାନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ବେଳାଭୂମିରେ ଅଧିକସଂଖ୍ୟକ ଲାଇଫ୍‌ଗାର୍ଡ ନିୟୋଜିତ କରିବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ଗତ ଜୁନ୍ ୧୫ରେ ବେଳାଭୂମିରେ ଛାତ୍ରୀ ଗଣବଳାତ୍କାର ଘଟଣା ଘଟିବା ପରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ପାଇଁ ଗୋଟିଏ ସ୍ୟାଣ୍ଡ ୱାଲର ମିଳିଛି।

## ସଂକ୍ଷେପରେ

### ବାତ୍ୟା 'ମୋନ୍ଥା' ସମୟରେ ଜନ୍ମ ନେଲେ ୬୨ ଶିଶୁ

ପାରଳାଖେମୁଣ୍ଡି,୨୯।୧୦(ଗିରିଧାରୀ ପରିଚ୍ଛା)

ବାତ୍ୟା ମୋନ୍ଥା ବେଳେ ଗଜପତି ଜିଲାରେ ୬୨ ଜଣ ଶିଶୁ ଜନ୍ମ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୦ ଜଣ ଝିଅ ଓ ୩୨ ଜଣ ପୁତ୍ର ସନ୍ତାନ ରହିଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମୁବାରକ ଅଲ୍ଲୀ କହିଛନ୍ତି। ଜିଲାରେ ବାତ୍ୟା 'ମୋନ୍ଥା' ସମୟରେ ସୁରକ୍ଷା ଓ ପ୍ରସ୍ତୁତି ଚାଲିଥିବା ବେଳେ ଜିଲାର ବିଭିନ୍ନ ମେଡିକାଲ ଓ ମା' ଘରେ ରହିଥିବା ୨ଶହ ଜଣ ଗର୍ଭବତୀ ମା'ଙ୍କ ମଧ୍ୟରୁ ୬୨ ଜଣ ସନ୍ତାନ ପ୍ରସବ କରିଛନ୍ତି। ନବଜାତ ଶିଶୁ ଓ ମା'ମାନେ ସୁସ୍ଥ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି।

### ନାବାଳିକା ଅପହରଣ ଅଭିଯୋଗ, ଜଣେ ଗିରଫ

ହିଞ୍ଜିଳିକାଟୁ ୨୯।୧୦( ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳି ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ଯୁବକ ତାଙ୍କ ଗାଁର ଜଣେ ନାବାଳିକାକୁ ଅପହରଣ କରି ନେଇଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେ ହେଲେ ଅମରେନ୍ଦ୍ର ମହାନ୍ତି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।ଝିଅକୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ହିଞ୍ଜିଳି ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୮୬୯/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଗ୍ୟାସ୍ ଦୁର୍ଘଟଣା: ଚିକିତ୍ସାଧୀନ ଥିବା ଗଙ୍ଗାଧରଙ୍କ ମୃତ୍ୟୁ

ଚିକିଟି,୨୯।୧୦(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟିପେଣ୍ଠସ୍ଥିତ ବସଷ୍ଟାଣ୍ଡ ନିକଟରେ ଥିବା ଜଳଖିଆ ଦୋକାନରେ ରବିବାର ସକାଳେ ଗ୍ୟାସ୍ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ହୋଇଥିଲେ। ସେମାନେ ଥିଲେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ କରବାଲୁଆ ଗ୍ରାମର ୧୧ ନମ୍ବର ୱାର୍ଡର ଗଙ୍ଗାଧର ବାଡ଼ତ୍ୟା (୫୫) ଓ ରାଜେନ୍ଦ୍ର ବେହେରା (୫୨)। ଉଭୟଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡମେଡିକାଲ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ଗଙ୍ଗାଧରଙ୍କ ମୃତ୍ୟୁ ହୋଇଛି। ରାଜେନ୍ଦ୍ର ଚିକିତ୍ସାଧୀନ ଥିବା ଜଣାପଡିଛି। ବୁଧବାର ମଧ୍ୟାହ୍ନରେ ଗଙ୍ଗାଧରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଆସିଛି। ଶୋକାକୁଳ ପରିବେଶରେ ତାଙ୍କ ମୃତଦେହ ସତ୍କାର କରାଯାଇଛି। ସୂଚନାଯୋଗ୍ୟ, ରାଜେନ୍ଦ୍ର ଦୋକାନରେ ରୋଷେଇ କରୁଥିବା ସମୟରେ ହଠାତ ଗ୍ୟାସ୍ ଲିକ ହୋଇ ଦୋକାନରେ ଥିବା ବିଭିନ୍ନ ସାମଗ୍ରୀ ଜଳିଯାଇଥିଲା। ରାଜେନ୍ଦ୍ରଙ୍କ ଶରୀରର କିଛି ଅଂଶ ମଧ ପୋଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏବଂ ନିକଟରେ ଥିବା ଗଙ୍ଗାଧରଙ୍କୁ ଡାକ୍ତରଖାନା ନିଆଯାଇଥିଲା। ମୃତକଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରସୂତିଙ୍କୁ ୧ କି.ମି. ବୋହି ଆଣିଲେ ଫାର୍ମାସିଷ୍ଟ

## ଗଜପତିରେ ଜନନୀ ଯନ୍ତ୍ରଣା


ଭାଗ୍ୟଙ୍କୁ ଆମ୍ବୁଲାନ୍ସ ନିକଟକୁ ବୋହି ନେଉଛନ୍ତି ଫାର୍ମାସିଷ୍ଟ ବିଦ୍ୟାଧର।

ମୋହନା,୨୯।୧୦(ମନ୍ମଥ ମିଶ୍ର)

ଗଜପତି ଜିଲାରେ କମୁନି ଜନନୀ ଯନ୍ତ୍ରଣା। ରାସ୍ତାଘାଟ ନ ଥିବା ପାହାଡ ପର୍ବତ ଘେରା ଅଞ୍ଚଳରେ ଥିବା ମୋହନା ବ୍ଲକରେ ଗର୍ଭବତୀ ମହିଳାଟିଏ ସୁବିଧାରେ ସନ୍ତାନ ପ୍ରସବ କରିପାରୁ ନ ଥିବା ଦେଖିବାକୁ ମିଳୁଛି। ଏହି ବ୍ଲକ ଅନ୍ତର୍ଗତ ମଳାସପଦର ଗାଁର କୁସୁମା ସାହିରେ ଦେଖିବାକୁ ମିଳିଛି ଏପରି ଜନନୀ ଯନ୍ତ୍ରଣାର ଦୁଃଖଦ ଦୃଶ୍ୟ। ମଳାସପଦର ଗାଁ କୁସୁମା ସାହିର ଭାଗ୍ୟ ବିଶୋୟୀ (୨୦) ଗର୍ଭବତୀ ଥିଲେ। ସମୟ ହେବାରୁ ତାଙ୍କର ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ମଙ୍ଗଳବାର ଖବର ପାଇ ସିଡିପିଓ ସବିତା ପଟ୍ଟନାୟକ ଏବଂ ବିପିଏମ ବିଭୁ ପ୍ରସାଦ କର ଭାଗ୍ୟଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରି ବୁଧବାର ସକାଳ ୧୧ଟାରେ ଡାକ୍ତରଖାନା ଆଣିବାକୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ମାତ୍ର କୁସୁମାସାହି ରାସ୍ତା ଅତି ଖରାପ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ନ ପାରି ଗାଁଠାରୁ ୧ କି.ମି. ଦୂରରେ ଅଟକି ରହିଥିଲା। ଫାର୍ମାସିଷ୍ଟ ବିଦ୍ୟାଧର ଓ ତାଙ୍କ ସହଯୋଗୀ ଆମ୍ବୁଲାନ୍ସ ଅଟକି ଥିବା ସ୍ଥାନରୁ ୧ କି.ମି. ଦୂର ଜଙ୍ଗଲ ଭିତରେ ଚାଲିଚାଲି ଭାଗ୍ୟଙ୍କ ଘରକୁ ଯାଇ ସେଠାରୁ ତାଙ୍କୁ ନାଳପାରି ହୋଇ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ପରେ ଭାଗ୍ୟଙ୍କୁ ନେଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ଡାକ୍ତର ଜିତେନ୍ଦ୍ର ପ୍ରସାଦ ଦାଶ କହିଛନ୍ତି। ଅପରପକ୍ଷେ ବିଦ୍ୟାଧରଙ୍କ ଏହି ମହାନତାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ବର୍ଷା କମିଲା, ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଲା



ଛତ୍ରପୁର,୨୯।୧୦(ଦିଲୀପ ସାମଲ):

ବାତ୍ୟା 'ମୋନ୍ଥା' ପ୍ରଭାବରେ ଗଞ୍ଜାମ ଜିଲାରେ ହେଉଥିବା ବର୍ଷା କିଛି ପରିମାଣରେ କମିଥିଲେ ମଧ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବର୍ଷା ଯୋଗୁ ହେକ୍ଟର ହେକ୍ଟର ଜମିରେ ଧାନଗଛ ପଡ଼ିଯାଇଥିବା ବେଳେ ବିଲରେ ପାଣି ଭର୍ତ୍ତି ; ହୋଇଛି। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶକ୍ରମେ କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ବୁଧବାର କ୍ଷେତ ପରିଦର୍ଶନ କରି ପ୍ରାଥମିକ ଭାବେ କ୍ଷୟକ୍ଷତି ଆକଳନ କରିଛନ୍ତି। ଉଭୟ ବିଭାଗର ଅଧିକାରୀମାନେ ଧାନ ଜମି ଏବଂ ବିଭିନ୍ନ ପ୍ରକାର ପରିବା ଚାଷ ବୁଲି ଦେଖିଛନ୍ତି।

ଜିଲାରେ ୧ଲକ୍ଷ ୮୮ ହଜାର ୩୨୩ ହେକ୍ଟର ଜମିରେ ଧାନ ଫସଲ କରାଯାଇଛି। ବର୍ତ୍ତମାନ ୩ ଦିନର ବର୍ଷା ଯୋଗୁଁ ଧାନ ପୁଡା ଫାଟିଯିବାର ସମ୍ଭାବନା ରହିଛି। ପ୍ରାଥମିକ ସ୍ତରରେ କୃଷି ବିଭାଗ ଆକଳନ ଅନୁସାରେ ଜିଲାର ୧୬୦୦ ହେକ୍ଟର ଧାନ ଜମିରେ ୩୩ ପ୍ରତିଶତରୁ କମ କ୍ଷତି ହୋଇଥିବା ଜିଲା କୃଷି ମୁଖ୍ୟ ଅଧିକାରୀ ଅଜୟ କୁମାର କର ସୂଚନା ଦେଇଛନ୍ତି। ସେହିପରି ଛତ୍ରପୁର, ଗଞ୍ଜାମ, ହିଞ୍ଜିଳିକାଟୁ, ଶେରଗଡ଼ ବ୍ଲକ ସମେତ ଅନ୍ୟାନ୍ୟ ବ୍ଲକ ଅଞ୍ଚଳରେ ଲଙ୍କା, ଫୁଲକୋବି, ଟମାଟୋ ସହ ବିଭିନ୍ନ ପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଚାଷୀ ନେତା କହିଛନ୍ତି। ଛତ୍ରପୁର ବ୍ଲକର ବଡମାଧପୁର, ଭିକାରୀପଲ୍ଲି, ବଉଳଗାଁ, ମହାନାଦପୁର, ବିପୁଲିଙ୍ଗି ଓ ପୋଟଲାମପୁର ଆଦି ପଞ୍ଚାୟତରେ ଫସଲ ନଷ୍ଟ ହୋଇଛି। କୃଷି ଓ ଉଦ୍ୟାନ ବିଭାଗ ର ଅଧିକାରୀ ମାନେ ବିଭିନ୍ନ ଅଂଚଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିଛନ୍ତି। ଛତ୍ରପୁର ବ୍ଲକରେ ୮,୯୦୦ ହେକ୍ଟର ଜମିରେ ଧାନ ଚାଷ କରାଯାଇଥିବା ବେଳେ ବୁଧବାର ପ୍ରାଥମିକ ଯାଞ୍ଚରୁ ୬୨ ହେକ୍ଟର ଧାନ ଚାଷ ଜମି ଆଂଶିକ ନଷ୍ଟ ହେଇଛି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି । ଏହି ପରିଦର୍ଶନ ବେଳେ ଗୋଷ୍ଠୀ କୃଷି ଅଧିକାରୀ ଚୈଧୁରୀ ସନମାର୍ଗ କର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସନ୍ଦିପ କୁମାର ବଡ଼େଇ,କୃଷି ଅଧିଦର୍ଶକ ଦୁର୍ଗା ପ୍ରସାଦ ପ୍ରଧାନ, ଗ୍ରାମ୍ୟ କୃଷି କର୍ମଚାରୀ ଡି ରବିନ୍ଦ୍ର କୁମାରଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ବିଦ୍ୟୁତ ସଂସ୍ପର୍ଶରେ ଆସି ଗର୍ଭବତୀ ମହିଳାଙ୍କ ମୃତ୍ୟୁ

ଖଲ୍ଲିକୋଟ,୨୯।୧୦
(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ରୋଷେଇ କରୁଥିବା ସମୟରେ ଅସାବଧାନତାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ୯ ମାସର ଗର୍ଭବତୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତୁଳସୀପୁର ଗ୍ରାମର ଭାଗିରଥି ପ୍ରଧାନଙ୍କ ସ୍ତ୍ରୀ ସାଗରିକା (୨୮) ବୁଧବାର ମଧ୍ୟାହ୍ନରେ ଘରେ ରୋଷେଇ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଖଲ୍ଲିକୋଟ ପୋଲିସ ମେଡ଼ିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଖଲ୍ଲିକୋଟ ଥାନାରେ ନଂ.୨୭/୨୦୨୫ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଫିସର ଏସଆଇ ପିଙ୍କିନି ପଟ୍ଟନାୟକ ସୂଚନା ଦେଇଛନ୍ତି।

### ବାତ୍ୟା 'ମୋନ୍ଥା' ପ୍ରଭାବରେ ଲଗାଣ ବର୍ଷା
# ପାତ୍ରପୁର ବ୍ଲକର ବିଭିନ୍ନ ଅଞ୍ଚଳ ଜଳମଗ୍ନ



ପାତ୍ରପୁର,୨୯।୧୦(ଉମା ଚରଣ ନେପାକ):

ବାତ୍ୟା 'ମୋନ୍ଥା' ପ୍ରଭାବରେ ଗଞ୍ଜାମ ଜିଲାରେ ବର୍ଷା ହୋଇଥିଲା। ଜିଲାରେ ସର୍ବାଧିକ ବର୍ଷା ପାତ୍ରପୁର ବ୍ଲକରେ ହୋଇଥିବା ରେକର୍ଡ କରାଯାଇଥିଲା। ବର୍ଷା ଯୋଗୁ ବ୍ଲକର ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ବର୍ଷା ଲାଗି ରହିଥିବା ବେଳେ ପଦ୍ମତୋଳା ନାଳର ବଢ଼ି ପାଣି ଆସି ସୁବର୍ଣ୍ଣପୁର, ଗୁଣ୍ଡୁରା, ଲାଙ୍କକମାଗାଁ, ଖଣ୍ଡଦେଉଳି, ବୋରିବାଡ, ଜୟନ୍ତିପୁର, ଖମ୍ବାରିଗାଁ ସମେତ ନାଳର ପାର୍ଶ୍ୱବର୍ତ୍ତୀ ଚାଷ ଜମି ଜଳମଗ୍ନ କରିଛି। ବୋରିବାଡ ଅଙ୍ଗନୱାଡି କେନ୍ଦ୍ର ଓ ବିଭିନ୍ନ ସରକାରୀ ହତା ଭିତରେ ପାଣି ଜମି ରହିଛି। ପଦ୍ମତୋଳା ନାଳରେ ପ୍ରବଳ ପାଣି ଆସିବା ଫଳରେ କେଶରୀପଡ଼ାକୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଆଙ୍କୁଲି ପଞ୍ଚାୟତ ତିତିରିସିଙ୍ଗି ନିକଟରେ ମାଟି ଅତଡ଼ା ଖସିବା ସହ ପଥର ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ପୂର୍ତ୍ତ ବିଭାଗ ଦ୍ୱାରା ତାହା ସଫେଇ କରାଯାଇଛି।

# ଆମ୍ବତେଲାକୁ ନେଇ ମାଡ଼ମରା ମାମଲା, ଅଭିଯୁକ୍ତ ଦୋଷୀ

ପାରଳାଖେମୁଣ୍ଡି,୨୯।୧୦(ଗିରିଧାରୀ ପରିଚ୍ଛା)

ଆମ୍ବ ତେଲାକୁ ନେଇ ଏକ ମାଡ଼ ମରା ମାମଲାର ବିଚାର କରି ସିନିୟର ସିଭିଲ ଜଜ୍ ତଥା ଜେଏମ୍ଏଫ୍‌ସି ସୌଦାମିନୀ ବିଶ୍ୱାଳ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏପରି ଘଟଣାର ପୁନରାବୃତ୍ତି ନ କରିବାକୁ ଚେତାବନୀ ଦେଇଛନ୍ତି। ୧୬।୬।୨୦୨୩ରେ ପି. ଅନ୍ତରଡା ଗ୍ରାମର ବୁରୁଷି ଦୋରା ସ୍ତ୍ରୀଙ୍କ ସହ ଆମ୍ବ ତୋଳିବାକୁ ଯାଉଥିଲେ। ସେ ସମୟରେ ତାଙ୍କ ବଡଭାଇ ଜାମ୍ବିଙ୍ଗ ଦୋରା ଓ ପୁତୁରା ଜୟସ ଦୋରା ପହଞ୍ଚି ବାଡ଼ ତିଆରିକୁ ନେଇ ବୁରୁଷିଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ସେମାନଙ୍କୁ ଉଭୟେ ମାରଧର କରି ଲହୁଲୁହାଣ କରିଥିଲେ। ଖଜୁରିପଦା ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିବା ପରେ ବୁରୁଷି ଏନେଇ ଆର.ଉଦୟଗିରି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ନଂ.୬୯/୨୩ରେ ଜାବିଙ୍ଗ ଓ ଜୟସଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ଏସ୍ଆଇ ଦୁଷ୍ମନ୍ତ ଅମାନ୍ତ ମାମଲାର ତଦନ୍ତ କରି ଜାବିଙ୍ଗ ଓ ଜୟସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ମାମଲାର ଶୁଣାଣି କରି ୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ସିନିୟର ସିଭିଲ ଜଜ ତଥା ଜେଏମ୍ଏଫସି ସୌଦାମିନୀ ବିଶ୍ୱାଳ ୨ ଅଭିଯୁକ୍ତ ଜାବିଙ୍ଗ ଓ ଜୟସଙ୍କୁ ଭର୍ତ୍ସନା କରି ଏଭଳି କାର୍ଯ୍ୟରୁ ଭବିଷ୍ୟତରେ ନିବୃତ୍ତ ରହିବା ପାଇଁ ଚେତାବନୀ ଦେଇଛନ୍ତି ।

# ଲଗାଣ ବର୍ଷାରେ ଭାଙ୍ଗିଲା ୭ ବାସଗୃହ

ଆସିକା,୨୯।୧୦(ସୁରେନ୍ଦ୍ର ନାଥ ସାହୁ):

ବାତ୍ୟା 'ମୋନ୍ଥା' ପ୍ରଭାବରେ ଗତ ୩ଦିନ ଧରି ଆସିକା ଅଞ୍ଚଳରେ ଲାଗି ରହିଥିବା ବର୍ଷା ବୁଧବାର ମଧ୍ୟାହ୍ନରୁ ବନ୍ଦ ହୋଇଯାଇଛି । ବର୍ଷାରେ ଆସିକା ବ୍ଲକ ଅନ୍ତର୍ଗତ ଜଗଦଳପୁର, ଗୁଣ୍ଡପଡା ଓ ଗହଙ୍ଗୁ ପଞ୍ଚାୟତରେ ମୋଟ ୭ଟି ଘର ଭାଙ୍ଗିଥିବା ଜଣାପଡିଛି । ସେଥିମଧ୍ୟରୁ ୫ଟି କଚ୍ଚା ଘର ଓ ୨ଟି ପକ୍କା ଘରର କାନ୍ଥ ଭାଙ୍ଗିଥିବା ଆସିକା ତହସିଲଦାର ସଙ୍ଗୀତା ସେନ ସୂଚନା ଦେଇଛନ୍ତି। ସଂପୃକ୍ତ ବିପନ୍ନଙ୍କ ସମେତ ଏହି ତହସିଲର ବିଭିନ୍ନ ଗ୍ରାମାଞ୍ଚଳରେ ୩୭ଜଣଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ପଲିଥିନ ପ୍ରଦାନ କରାଯାଇଛି । ଫସଲ କ୍ଷୟକ୍ଷତି ସମ୍ପର୍କରେ ଅଦ୍ୟାବଧି ପ୍ରଶାସନ ନିକଟରେ କୌଣସି ଅଭିଯୋଗ ପହଞ୍ଚି ନ ଥିବା ତହସିଲଦାର ସେନ ସୂଚନା ଦେଇଛନ୍ତି। ଆସିକା ବ୍ଲକର ୨୫ଟି ସ୍ଥାୟୀ ଓ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀରେ ମଙ୍ଗଳବାର ରାତି ସୁଦ୍ଧା ପ୍ରାୟ ୮ଶହ ଜଣଙ୍କୁ ରଖାଯାଇ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଥିଲା । ବୁଧବାର ମଧ୍ୟାହ୍ନ ଭୋଜନ ପରେ ପ୍ରାୟତଃ ସମସ୍ତ ଆଶ୍ରୟସ୍ଥଳିରୁ ବସ୍ତିବାସିନ୍ଦା ଓ ଖାଲୁଆ ଅଞ୍ଚଳର ଜନସାଧାରଣ ନିଜ ନିଜ ଘରକୁ ଫେରିଛନ୍ତି। ଘର ଭାଙ୍ଗିଯାଇଥିବା ବିପନ୍ନଙ୍କୁ ଆବଶ୍ୟକ ସ୍ଥଳେ ୨ରୁ ୩ ଦିନ ସେମାନଙ୍କ ଗାଁ ସ୍କୁଲ କିମ୍ବା ଅନ୍ୟ କୌଣସି ଆଶ୍ରୟସ୍ଥଳିରେ ରଖାଯାଇ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଦେବା ବ୍ୟବସ୍ଥା କରାଯାଇଥିବା ଆସିକା ବିଡିଓ ଲିପିନା ଦାଶ ସୂଚନା ଦେଇଛନ୍ତି। ଅପରପକ୍ଷେ ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ମଙ୍ଗଳବାର ରାତିରେ ଆସିକାର ଋଷିକୁଲ୍ୟା ଓ ବଡନଦୀରେ ଆସିଥିବା ବନ୍ୟା ଜଳ ପୁରାମାତ୍ରାରେ କମିଯାଇଥିବା ଲକ୍ଷ୍ୟ କରାଯାଇଛି।

# 'ମୋନ୍ଥା' ଦୁର୍ବଳ ପରେ ପାଗରେ ପରିବର୍ତ୍ତନ


ଦାରିଙ୍ଗବାଡି ଅଞ୍ଚଳରେ ପାଗ ପରିବର୍ତ୍ତନ ପରେ ଖୋଲିଥିବା ଦୋକାନ ବଜାର।

ଦାରିଙ୍ଗବାଡି, ୨୯ ।୧୦ (ଅରୁଣ ସାହୁ )

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ମୋନ୍ଥା' ଦୁର୍ବଳ ହୋଇଛି। ବୁଧବାର ଭୋର ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ରହିଥିବା ବେଳେ ସକାଳ ୧୦ଟା ପରେ ପାଗରେ ପରିବର୍ତ୍ତନ ହୋଇଛି। ପାଗ ଶୁଖିଲା ରହି ସୂର୍ଯ୍ୟଙ୍କ କିରଣ ଦେଖିବାକୁ ମିଳିଛି। ପାଗ ଶୁଖିଲା ହୋଉଥିବାରୁ କନ୍ଧମାଳ ଜିଲା ଦାରିଙ୍ଗବାଡି ସମେତ ଆଖପାଖ ସିମନବାଡି, ବ୍ରାହ୍ମଣୀଗାଁ, ବୁଡ଼ାଗୁଡା ଅଞ୍ଚଳରେ ଦୋକାନ ବଜାର ଖୋଲିଛି। ବଜାରରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ବାତ୍ୟା ସମୟରେ ଦାରିଙ୍ଗବାଡି ଅଞ୍ଚଳରେ ସର୍ବାଧିକ ୫୧ ମି.ମି. ବର୍ଷା ରେକର୍ଡ କରାଯାଇଛି। ବାତ୍ୟାରେ କୌଣସି ସ୍ଥାନରେ କ୍ଷୟକ୍ଷତି ହୋଇ ନ ଥିବା ବିଡ଼ିଓ ପ୍ରୀତିରଞ୍ଜନ ରଥ କହିଛନ୍ତି। ତେବେ ବାତ୍ୟା ମୋନ୍ଥା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଦାରିଙ୍ଗବାଡିରେ ଅଭିଷେକ ମିଶ୍ରାଙ୍କ ନେତୃତ୍ୱରେ ସୋମବାରଠାରୁ ଏନଡିଆରଏଫ ଟିମ ସଜାଗ ଥିଲେ। ସେହିପରି ଜାଗୃତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ମା'ଗୃହକୁ ୧୧ ଜଣ ଆସନ୍ନ ପ୍ରସବାଙ୍କୁ ଆଣି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ସମସ୍ତେ ସୁରକ୍ଷିତ ଓ ସୁସ୍ଥ ଥିଲେ ବୋଲି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ କହିଛନ୍ତି। ଅନ୍ୟପକ୍ଷରେ ବାତ୍ୟା ସମୟରେ ବିଦ୍ୟୁତ୍ ସରାବରାହ ବାଧାପ୍ରାପ୍ତ ହୋଇଥିଲା। ସିମନବାଡି ଫିଡ଼ରରେ ୨୬ ଘଣ୍ଟା ବିଦ୍ୟୁତ୍ ବ୍ୟବସ୍ଥା ଅଚଳ ହୋଇପଡିବାରୁ ବିଏସଏନଏଲ ଓ ଜିଓ ମୋବାଇଲ ସେବା ପ୍ରଭାବିତ ହୋଇଥିଲା। ଏନେଇ କନ୍ଧମାଳ ଜିଲାପାଳ ବେଦଭୂଷଣଙ୍କୁ ଅବଗତ କରାଇବା ପରେ ସେ ପଦକ୍ଷେପ ନେବାରୁ ମଙ୍ଗଳବାର ବିଳମ୍ବିତ ରାତିରେ ବିଏସଏନଏଲ ଏବଂ ଜିଓ ନେଟୱର୍କ ସିମନବାଡି ଅଞ୍ଚଳରେ ସ୍ୱାଭାବିକ ହୋଇଥିଲା ।

### ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଦିଗପହଣ୍ଡି,୨୯।୧୦(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ନୂଆ ବସଷ୍ଟାଣ୍ଡ ନିକଟରେ ବୁଧବାର ପୂର୍ବାହ୍ନ ୧୧ଟାରେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ସାହାଣୀ ସାହିର ଦଣ୍ଡାସୀ ଦାସ (୬୫)। ଦଣ୍ଡାସୀ କୌଣସି କାମରେ ବସଷ୍ଟାଣ୍ଡ ଯାଇ ଘରକୁ ଚାଲି ଚାଲି ଫେରୁଥିଲେ। ଏହି ସମୟରେ ବ୍ରହ୍ମପୁରରୁ ଗଜପତି ଜିଲା ମୋହନା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ପିକଅପ ଭ୍ୟାନ (ନଂ. ଓଡ଼ି୩୩ ଏସି ୧୦୮୩) ତାଙ୍କୁ ଧକ୍କା ଦେଇଥିଲା। ଦଣ୍ଡାସୀଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ତାଙ୍କ ପୁଅ ପାଣ ଦାସଙ୍କ ଏତଲାକ୍ରମେ ଥାନାରେ ନଂ.୩୯୦/୨୫ ଅନୁଯାୟୀ ପୋଲିସ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନା ପଠାଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଭ୍ୟାନକୁ ଜବତ କରିଥିବା ବେଳେ ଚାଳକ ଫେରାର ଅଛନ୍ତି।

# ଧରାକୋଟ, ଭଞ୍ଜନଗର ଅଞ୍ଚଳରେ ଧାନ, ପନିପରିବା ଚାଷ କ୍ଷତି

## 'ମୋନ୍ଥା' ପ୍ରଭାବ


ଗଞ୍ଜାମ ଜିଲା ଧରାକୋଟ ଅଞ୍ଚଳରେ ଚାଷଜମିରେ ଜମିରହିଥିବା ବର୍ଷାପାଣି।

ଧରାକୋଟ/ଭଞ୍ଜନଗର,୨୯।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ/ବାବୁଲା ପ୍ରଧାନ)

ଲଘୁଚାପ ପରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟା ମୋନ୍ଥା ପ୍ରଭାବରେ ଗଞ୍ଜାମ ଜିଲା ଧରାକୋଟ ବ୍ଲକ ପ୍ରଭାବିତ ହୋଇଛି। ବ୍ଲକର ୧୮ଟି ପଞ୍ଚାୟତର ଖରିଫ୍ ଧାନଫସଲ ପ୍ରଭାବିତ ହୋଇଛି। ୨ ଦିନ ଧରି ଧାନକେଣ୍ଡା ଓ ପାଚିଲା ଧାନଫସଲ ପବନ, ବର୍ଷାରେ ଚାଷଜମିରେ ଲୋଟିପଡ଼ିଛି। ପାଣିଭର୍ତ୍ତି ଧାନବିଲରୁ ଚାଷୀ ଉଜୁଡ଼ା ଫସଲକୁ ବାହାର କରୁଥିବା ଦେଖିବାକୁ ମିଳିଛି। ବ୍ଲକରେ ଧାନ ଓ ପନିପରିବା ଚାଷ ପାଇଁ ପାଗ ଆରମ୍ଭରୁ ଅନୁକୂଳ ଥିଲା। ଫଳରେ ଚାଷୀ ଚାଷକାର୍ଯ୍ୟ ଆଗେଇ ନେଇଥିଲେ। ମାତ୍ର ବର୍ଷା ଓ ବାତ୍ୟା ଚାଷୀଙ୍କ ଆଶା ଧୂଳିସାତ୍ କରିଦେଇଛି। ମାଣିକପୁର ଅଞ୍ଚଳର ରାଜନ ଛାଟୋଇ, ବସନ୍ତ ବେହେରା, କାଠଗଡ଼ା ଗ୍ରାମର ଉଦୟ ପରିଚ୍ଛା, ଡାକିବଜା ଗ୍ରାମର ଦଣ୍ଡପାଣି ଜେନା, ପ୍ରମୋଦ ପାଢ଼ୀ, ଧରାକୋଟର ବନବାସ ସ୍ୱାଇଁଙ୍କ ଫସଲ ବାତ୍ୟାରେ କ୍ଷତି ହୋଇଛି। ସେମାନଙ୍କ ଅଲଡ଼ି, ବିନ୍, ମୂଳା, ଫୁଲକୋବି, ବାଇଗଣ, ଜହ୍ନି, ପୋଟଳ, କୁନ୍ଦୁରି, ପତ୍ରକୋବି, କଲରା ଆଦି ଫସଲ ଉଜୁଡ଼ିଯାଇଛି।

ଭଞ୍ଜନଗର ବ୍ଲକରେ ବାତ୍ୟା 'ମୋନ୍ଥା' ପ୍ରଭାବରେ ହୋଇଥିବା ବର୍ଷା ବିଭିନ୍ନ କ୍ଷତି ଘଟାଇଛି। ବ୍ଲକରେ ଅନେକ ଝାଟିମାଟି ଘର ମଧ ଭାଙ୍ଗିଯାଇଛି। ଜମିରେ ପାଣି ଜମିରହି ଚାଷୀଙ୍କ ଧାନଫସଲ କ୍ଷତି ହୋଇଛି। ମୁଦୁଲିପଲ୍ଲୀ, ଜିଲୁଣ୍ଡି, ବାଉଁଶଲୁଣ୍ଡି, ପଡ଼ାଲ, ଗୋଲାପଦା, ବଡ଼କୋଦଣ୍ଡା, ସାନକୋଦଣ୍ଡା, ଡୁମାକୁମ୍ପା, ମୁଜାଗଡ଼, ଗୁଣ୍ଡିରିବାଡ଼ି, ଗାଲେରି, ତୁରୁମୁ, ଲେମ୍ବେଇ, ହରିଗଡ଼, ତିଲିସିଙ୍ଗି, ଦୋମୁହାଣି, ବ୍ରାହ୍ମଣପଦର, କୁଲାଡ଼, ବାରୁଡ଼ା, ଲାଲ୍‌ସିଂ ସମେତ ଅନ୍ୟ କେତେକ ପଞ୍ଚାୟତରେ ମଧ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଯାଇଛି। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଯୁବକଙ୍କ ମୋବାଇଲ ଝାମ୍ପିନେଲେ

ବ୍ରହ୍ମପୁର, ୨୯।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବକ ଫୋନରେ କଥାବାର୍ତ୍ତା ହେଉଥିବା ବେଳେ ଲୁଟେରାମାନେ ତାଙ୍କ ମୋବାଇଲ ଝାମ୍ପି ନେଇଛନ୍ତି। ଏନେଇ ଖଜୁରିଆରେ ରହୁଥିବା ଟୁଟୁ ପାତ୍ର ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏସଂକ୍ରାନ୍ତରେ ନଂ.୪୦୭/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଟୁଟୁ ଗତ ୨୭ ତାରିଖ ରାତ୍ର ନିଜ ଘରକୁ ଫେରୁଥିଲେ। ରାସ୍ତାରେ ଚାଞ୍ଚଡ଼ାପଡ଼ିଆ ସାହି ନିକଟରେ ଏକ ଫୋନ ଆସିଥିଲା। ସେ ପକେଟରୁ ଫୋନ ବାହାର କରି ତାଙ୍କ ସାଙ୍ଗ ସହ କଥା ହେଉଥିଲେ। ଦୁଇଜଣ ଦୁର୍ବୃତ୍ତ ସେଠାକୁ ଆସି ତାଙ୍କ ମୋବାଇଲ ଝାମ୍ପି ନେଇଗଲେ। ସେ ଚିତ୍କାର କରିବା ସହ ସେମାନଙ୍କ ପିଛା କରିଥିଲେ ମଧ୍ୟ ଲୁଟେରାଙ୍କୁ ଧରିବାରେ ବିଫଳ ହୋଇଥିଲେ ।

## ବନ୍ଧୁକରୁ ଗୁଳି ଫୁଟି ଜଣେ ଗୁରୁତର

ଭଞ୍ଜନଗର, ୨୯।୧୦ (ବାବୁଲା ପ୍ରଧାନ):

ଭଞ୍ଜନଗର ଥାନା ଅନ୍ତର୍ଗତ ଜୟମଙ୍ଗଳ ନିକଟ ଜଙ୍ଗଲରେ ମଙ୍ଗଳବାର ରାତିରେ ଶିକାରୀ ଗୁଳି ଫୁଟି ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକଙ୍କୁ ଗ୍ରାମବାସୀ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଛି। ଏନେଇ ଥାନା ଅଧିକାରୀ ଜିବନାନନ୍ଦ ଜେନାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଘଟଣାର ତଦନ୍ତ ଚାଲିଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଏନେଇ ବନ ବିଭାଗ ପାଖରେ କୌଣସି ସୂଚନା ନାହିଁ।

# ୨୧୦୦ ହେକ୍ଟର ଜମିର ଫସଲ ପ୍ରଭାବିତ ଆଶଙ୍କା

### ଜିଲାରେ ହାରାହାରି ୫୬.୬୭ ମିମି ବର୍ଷିଛି

ବ୍ରହ୍ମପୁର, ୨୯।୧୦ (ଅଶୋକ କୁମାର ସାହୁ)

ପାଣି ପାଗ ବିଭାଗ ପକ୍ଷରୁ କିଛି ଦିନ ଧରି ସମ୍ଭାବ୍ୟ ବାତ୍ୟା ମୋନ୍ଥା ଆସିବ ବୋଲି ଆକଳନ କରାଯାଇଥିଲା। ତେବେ ୨୮ ତାରିଖ ରାତିରେ ଆନ୍ଧ୍ରର କାକିନାଡାରେ ମାଡ ହେବ ବୋଲି ସ୍ପଷ୍ଟ ହୋଇଥିଲା। ତାହା ବି ହେଲା। କିନ୍ତୁ ଉତ୍ତର-ଉତ୍ତର ପଶ୍ଚିମକୁ ଗତି କଲାବେଳେ ଗଞ୍ଜାମକୁ ଘଷି ହୋଇ ଚାଲିଯାଇଛି। କିନ୍ତୁ ଗଞ୍ଜାମରେ ମୋନ୍ଥାର ସେଭଳି ତାଣ୍ଡବ ଦେଖିବାକୁ ମିଳିନାହିଁ। ପବନର ବେଗ ସେଭଳି ନଥିବାବେଳେ କେବଳ ବର୍ଷିଛି। ସେଭଳି ବଡ ବର୍ଷା ହୋଇନଥିଲେ ବି ଜିଲାରେ ମଙ୍ଗଳବାର ସକାଳ ସାଢ଼େ୮ଟାରୁ ବୁଧବାର ସକାଳ ସାଢ଼େ ୮ଟା ମଧ୍ୟରେ ହାରାହାରି ୫୬.୬୭ ମିମି ବର୍ଷା ହୋଇଥିବା ଜିଲା ପ୍ରଶାସନଠାରୁ ସୂଚନା ମିଳିଛି। ସମୁଦ୍ର ଉପକୂଳରେ ଥିବା ଗଞ୍ଜାମବାସୀଙ୍କ ମନରେ ବାତ୍ୟାକୁ ନେଇ ଯେଉଁ ଭୟଥିଲା ତାହା ଦୂରୀଭୂତ ହୋଇଛି। ତଥାପି ଜିଲାରେ କେତେ କଚାଘର ଭାଙ୍ଗିଛି। ପ୍ରାୟ ୨୧ ହେକ୍ଟର ଜମିର ଫସଲ ନଷ୍ଟ ହୋଇଥିବା କୃଷି ବିଭାଗର ଆକଳନରୁ ଜଣାପଡିଛି। ପ୍ରତିବର୍ଷ ଅକ୍ଟୋବର ମାସରେ ଗଞ୍ଜାମ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଥାଏ। ଚଳିତବର୍ଷ ମଧ୍ୟ ତାହା ହୋଇଛି। ମୋନ୍ଥା ଆସିବ ବୋଲି ଜଣାପଡିବା ପରେ ରାଜ୍ୟ ସରକାର ଯେଭଳି କୌଣସି କ୍ଷତି ହେବନାହିଁ ତାହା ଉପରେ ଦୃଷ୍ଟିଦେବାକୁ


ପାତ୍ରପୁର ବ୍ଲକରେ ଧାନ ଫସଲ ପାଣିରେ ବୁଡି ଯାଇଛି।

ପ୍ରଭାବିତ ହେବାକୁ ଥିବା ଜିଲା ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହି ଅନୁସାରେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିଲା। ଅଗ୍ନିଶମ ବିଭାଗଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଭାଗ ପର୍ଯ୍ୟନ୍ତ ସମସ୍ତେ ତତ୍ପର ଥିଲେ। କିନ୍ତୁ ଜିଲାକୁ ମୋନ୍ଥା ସାମାନ୍ୟ ଛୁଇଁ ଖସିଯାଇଥିଲା। ବିଶେଷ କରି ଜିଲାର ପାତ୍ରପୁର ବ୍ଲକରେ ଅଧିକ ବର୍ଷିବାରୁ ବାହୁଦାରେ ବନ୍ୟା ଭଳି ପରିସ୍ଥିତି ଉପୁଜିଥିଲା। ଅନେକ ଜମିରେ ପାଣି ମାଡିଯାଇଥିଲା। ଅନେକ ଗାଁ ଜଳବନ୍ଦୀ ହୋଇପଡିଥିଲା। ସେଠାକାର ବିଧାୟକ ମନୋରଂଜନ ଦ୍ୟାନ ସାମନ୍ତରାଙ୍କ ସହ ପ୍ରଶାସନିକ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳକୁ ଯାଇ ପ୍ରତିକାର କରିବାରେ ଲାଗିଥିବା ସୂଚନା ମିଳିଛି। ତେବେ କୃଷି କ୍ଷେତ୍ରକୁ ମୋନ୍ଥା ଦଳିଦେବ ବୋଲି ଯେଉଁ ଆକଳନ କରାଯାଇଥିଲା ତାହା କିଛି ପରିମାଣରେ ସତ ହୋଇଛି। ମୋନ୍ଥାକୁ ନେଇ ଚାଷୀକୂଳ ଯେଭଳି ଚିନ୍ତିତ ଥିଲେ ତାହା ଦୂର ହୋଇଥିଲେ ବି ଜିଲାର ପାତ୍ରପୁର, ସାନଖେମୁଣ୍ଡି ଓ ଭଞ୍ଜନଗର ବ୍ଲକରେ ଫସଲ ପ୍ରଭାବିତ ହୋଇଥିବା ଆଶଙ୍କା କରାଯାଉଛି। ମୋଟାମୋଟି ଭାବେ ୨୧୦୦ ହେକ୍ଟର ଜମିର ଧାନ ଫସଲ ପ୍ରଭାବିତ ହୋଇଥିବା ଆଶଙ୍କା କରାଯାଇଛି। ସେଥି ମଧ୍ୟରୁ ପ୍ରାୟ ୧୫୦ ହେକ୍ଟର ଜମିର ଫସଲ ଅଧିକ ପ୍ରଭାବିତ ହୋଇଥିବା କୃଷି ବିଭାଗ ପକ୍ଷରୁ ପ୍ରାଥମିକ ଭାବେ ଆକଳନ କରାଯାଇଛି ବୋଲି ସୂଚନା ମିଳିଛି। ଜିଲାର ବଳକା ୧୯ ବ୍ଲକର ଧାନ ଓ ପରିବା ଫସଲ ସୁରକ୍ଷିତ ରହିଥିବା କୃଷି ବିଭାଗ କହିଛି। ଏସଆରସିଙ୍କ ନିର୍ଦ୍ଦେଶରେ କ୍ଷୟକ୍ଷତି ଆକଳନ କରାଯାଇ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ମିଳିବ। ଯେଉଁ ଜମିର ଫସଲ ପାଣିରେ ବୁଡି ରହିଛି ସେଗୁଡିକରୁ ପାଣି ନିଷ୍କାସନର ବ୍ୟବସ୍ଥା କରିବାକୁ କୁହାଯାଇଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଡ. ଅଜୟ କୁମାର କର ପ୍ରକାଶ କରିଛନ୍ତି। ସେହିଭଳି ଭଞ୍ଜନଗର, ଆସିକା, ସାନଖେମୁଣ୍ଡି, ବୁଗୁଡା ଆଦି ବ୍ଲକରେ ପ୍ରାୟ ୨୪ କଚା ଘର ଭାଙ୍ଗିଥିବା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି। ନିୟମ ଅନୁସାରେ ସେମାନଙ୍କୁ କ୍ଷତିପୂରଣ ମିଳିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଜଳସେଚନ ବିଭାଗ ପକ୍ଷରୁ ୩ଦିନ ଧରି ରାତ୍ରି ପାଟ୍ରୋଲିଂ କରାଯାଉଥିଲା। ବିଭିନ୍ନ ଡ୍ୟାମଗୁଡିକୁ ଅନୁଧ୍ୟାନ କରାଯାଇଥିଲା ଦୁର୍ବଳ ନଦୀବନ୍ଧଗୁଡିକ ଉପରେ ଆଖି ରଖାଯାଇଥିଲା। ମୋନ୍ଥା ସିନା ଗଲା କିନ୍ତୁ ଗଜପତିରେ ଯେଉଁ ବର୍ଷା ହୋଇଛି ସେହି ବର୍ଷା ଜଳ ଗଞ୍ଜାମକୁ ଆସିବ। ତେଣୁ ତାହା ଋଷିକୁଲ୍ୟାକୁ ଆସି ସମୁଦ୍ରକୁ ଯିବ। ସେଥିପାଇଁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କିନ୍ତୁ କୌଣସି ସ୍ଥାନରେ ସେଭଳି ଅଘଟଣ ଘଟିନାହିଁ ବୋଲି ବ୍ରହ୍ମପୁର ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ଇଂ. ସୁବ୍ରତ ପଟ୍ଟନାୟକ ପ୍ରକାଶ କରିଛନ୍ତି। ମୋନ୍ଥା ଯିବା ପରେ ସମସ୍ତ ବିଭାଗ ପକ୍ଷରୁ ପ୍ରତିକାର ବ୍ୟବସ୍ଥାକୁ ଆପଣାଯାଇଛି।

## ବାତ୍ୟାର ସଫଳ ମୁକାବିଲା କଲା ଟିପିଏସ୍‌ଓଡିଏଲ୍


ବିଦ୍ୟୁତ ସେବା କ୍ଷେତ୍ରରେ ନିୟୋଜିତ କର୍ମଚାରୀ।

ବ୍ରହ୍ମପୁର, ୨୯।୧୦ (ସ୍ମୃତି ରଞ୍ଜନ ମହାଲିକ)

ମୋନ୍ଥା ପ୍ରଭାବରେ ଟିପିଏସଓଡିଏଲ ଅଧୀନ ଅଞ୍ଚଳରେ ବିଦ୍ୟୁତ ବାଧାପ୍ରାପ୍ତ ହୋଇଥିଲା। ଦ୍ରୁତ ପଦକ୍ଷେପ ଯୋଗୁ ଏହାର ସଫଳ ମୁକାବିଲା କରିଛି କମ୍ପାନୀ। ପ୍ରଭାବିତ ୯ଲକ୍ଷ ୮୮ହଜାର ୨୫୩ଜଣ ଉପଭୋକ୍ତାଙ୍କ ମଧ୍ୟରୁ ୯ଲକ୍ଷ ୫୦ହଜାରରୁ ଅଧିକ ଉପଭୋକ୍ତାଙ୍କୁ ବିଜୁଳି ଯୋଗାଣ ସ୍ୱାଭାବିକ ହୋଇ ପାରିଛି। ୩୩ କେଭି ଓ ୧୧ କେଭି ଫିଡର୍, ସବଷ୍ଟେସନ ଏବଂ ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର୍ଗୁଡ଼ିକ ବାତ୍ୟା ମୋନ୍ଥା ପ୍ରଭାବରେ ପ୍ରଭାବିତ ହୋଇଥିଲା। ସମସ୍ତ ୩୩କେଭି ଫିଡର, ପ୍ରାଇମେରୀ ସବଷ୍ଟେସନଗୁଡ଼ିକର ପୁନରୁଦ୍ଧାର ସରିଛି। ୧୧କେଭି ଫିଡରର ପୁନରୁଦ୍ଧାର ଶେଷ ହୋଇଛି। ୩୩ହଜାର ୫୩୫ଟି ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ମଧ୍ୟରୁ ୩୨ହଜାର ୩୪୪ଟି ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମରର ମରାମତି ସରି ବିଦ୍ୟୁତ ଯୋଗାଣ ହୋଇଛି। ଯାହାଦ୍ୱାରା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମାତ୍ର ୧୮ଘଣ୍ଟା ମଧ୍ୟରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇ ପାରିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମେଡ଼ିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ବିଦ୍ୟୁତ ସେବା ଶତ ପ୍ରତିଶତ ସ୍ୱାଭାବିକ ହୋଇ ପାରିଛି। ସେହିପରି ଜନସ୍ୱାସ୍ଥ୍ୟ ବିଭାଗ ଏବଂ ଗ୍ରାମୀଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ମଧ୍ୟ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଛି। ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, ନବରଙ୍ଗପୁର ଏବଂ ବୌଦ୍ଧ ଜିଲ୍ଲାଗୁଡ଼ିକରେ ୫,୯୨୫ ଦକ୍ଷ କର୍ମଚାରୀ ଏଥିପାଇଁ ନିୟୋଜିତ ଅଛନ୍ତି। ଏନେଇ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ୯୮% ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଛି।

## ଜିଲାଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ଜିଲା ଜଜ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

ବ୍ରହ୍ମପୁର, ୨୯।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଦୌରାଜଜ୍ ଭାଗ୍ୟଲକ୍ଷ୍ମୀ ରଥଙ୍କ ବଦଳି ହୋଇଛି। ସେ ହାଇକୋର୍ଟ ରେଜିଷ୍ଟ୍ରାର ଭାବେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ତାଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆସନ୍ତା ୧ ତାରିଖରେ ନୂତନ ଜିଲା ଜଜ୍ ଭାବେ ଅଶାନ୍ତ କୁମାର ଦାସ ଯୋଗଦେବେ। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଟି.ଭେଙ୍କଟ ରାଓ, ଉପସଭାପତି ତ୍ରିମୁଲ କୁମାର ରେଡ୍ଡି, ଯୁଗ୍ମ ସମ୍ପାଦକ ଅସିତ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲାରେ ହେବ ୧୩ ଅଣ୍ଡରପାସ

### ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

ଛତ୍ରପୁର, ୨୯।୧୦ (ଦିଲ୍ଲୀପ ସାମଲ):

ଗଞ୍ଜାମ ଜିଲାରେ ସଡକ ଦୁର୍ଘଟଣା ବୃଦ୍ଧି ପାଉଛି। ବୁଧବାର ଜିଲାପାଳ ଭି.କୀର୍ତ୍ତିଭାସନ ଅଧ୍ୟକ୍ଷତାରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଚଳିତବର୍ଷ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ପୂର୍ବବର୍ଷ ଅପେକ୍ଷା ୯ ପ୍ରତିଶତ ଦୁର୍ଘଟଣାରେ ହାର ବଢିଛି । ୨୦୨୪ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ୬୧୭ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ୩୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ୪୧୭ ଜଣ ଆହତ ହୋଇଥିଲେ। ସେହି ତୁଳନାରେ ୨୦୨୫ରେ ୬୭୪ଟି ଦୁର୍ଘଟଣା ହୋଇଥିବା ବେଳେ ୩୪୩ ଜଣ ମୃତ୍ୟୁ ଓ ୪୪୪ ଜଣ ଆହତ ହୋଇଥିବା ବୈଠକରେ ଗଞ୍ଜାମ ଆରଟିଓ ଇ.ଦେବାଶିଷ ସ୍ୱାଇଁ କହିଥିଲେ। ବିଶେଷ କରି ରାଜପଥଗୁଡିକରେ ଅଧିକ ଦୁର୍ଘଟଣା ହେଉଛି। କିପରି ଏହା ଉପରେ ରୋକ ଲାଗିବ ସେ ନେଇ ଏନଫୋର୍ସମେଣ୍ଟକୁ କଡାକଡି କରିବାକୁ କୁହାଯାଇଛି । ଗଞ୍ଜାମ ପୋଲିସ ଜିଲାରେ ୫ଟି ଥାନା ଅଞ୍ଚଳରେ ଓ ବ୍ରହ୍ମପୁର ପୋଲିସ ଜିଲାରେ ୩ଟି ଥାନା ଅଞ୍ଚଳରେ ଅଧିକ ସଡକ ଦୁର୍ଘଟଣା ଘଟୁଛି । ଏହି ଅଚଂଳ ଏବଂ ବ୍ଲାକ ସ୍ପଟ ଅଚଂଳରେ କିପରି ଦୁର୍ଘଟଣା କମିବ ସେନେଇ ଜିଲାପାଳ ଗୁରୁତ୍ୱ ଦେଇଥିଲେ । ସହରରେ ବିଭିନ୍ନ ରାସ୍ତାରେ ବେଆଇନ ଭାବେ ଗାଡି ପାର୍କିଂ କରିରଖୁଛନ୍ତି ଏବେ ଗାଡି ମାଲିକ ବିରୁଦ୍ଧରେ ଜରିମନା ପକାଯିବ, ସେହିପରି ରାସ୍ତାରେ ଗାଇ ପାଇଁ ଅଧିକାଂଶ ସମୟରେ ଦୃର୍ଘଟଣା ଘଟୁଛି ଯଦି ଗାଈ ପାଇଁ କୌଣସି ସ୍ଥାନରେ ଦୁର୍ଘଟଣା ଘଟିବ ତେବେ ମାଲିକ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ। ଗାଈଙ୍କୁ ଉଠାଇବା ପାଇଁ ଏନଏଚଏଆଇ ଗାଡି ଯୋଗାଇବ। ଜାନୁଆରୀରୁ ସେପ୍ଟେମ୍ବର ମାସ ମଧ୍ୟରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ୧୮୫୪ଟି ଲାଇସେନ୍ସ ସସପେଣ୍ଡ କରାଯାଇଛି । ଯେଉଁ ମାନେ ସଡକ ସୁରକ୍ଷା ନିୟମ ମାନୁନାହାନ୍ତ ଲାଇସେନ୍ସ ରଦ୍ଦ କରିବାକୁ କୁହାଯାଇଛି । ଜାତୀୟ ରାଜପଥ ସମେତ ରାଜ୍ୟ ରାଜପଥରେ ଯେଉଁ ଗାଡି ଚାଳକ ବେନିୟମ ଭାବେ ଗାଡି ଚଳାଉଛନ୍ତି ସେମାନଙ୍କ ଧରିବା ପାଇଁ ଆଉ ୧୮ଟି କ୍ୟାମେରା ଲାଗିବ,ଯାହାକି କ୍ୟାମେରା ଜରିଆରେ ନିୟମ ନ ମାନିଲେ ଚଲାଣ କଟିବ। ଜାତୀୟ ରାଜପଥରେ ୧୧ଟି ବ୍ରହ୍ମପୁର ଠାରୁ ଦିଗପହଣ୍ଡି ୪ଟି ଓ ଦିଗପହଣ୍ଡି ଠାରୁ ତପ୍ତପାଣି ୩ଟି କ୍ୟାମେରା ଲାଗିବ । ରାମେଶ୍ୱର ଠାରୁ ଗିରିଶୋଲା ଜାତୀୟ ରାଜପଥରେ ୭ଟି କ୍ୟାମେରା ଲଗିଛି ତାହା କାର୍ଯ୍ୟକ୍ଷମ ରହିଛି । ଜିଲାରେ ୧୩ଟି ଓଭରବ୍ରିଜ୍ ଓ ଗଳାଶଙ୍ଖ ହେବାପାଇଁ ଏନଏଚଏଆଇ ବିଭାଗ ପକ୍ଷରୁ ଅନୁମତି ମିଳିଛି। ୧୦ଟିର ଟେଣ୍ଡର ସରିଥିବା ବେଳେ ତାହା ବିଭିନ୍ନ ଷ୍ଟେଜରେ ରହିଥିବା ବେଳେ ୩ଟି ପ୍ରକଳ୍ପ ପାଇଁ ଅନୁମୋଦନ ମିଳିସାରିଛି। ତାହା ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ । ଛତ୍ରପୁର କଲେଜ ଛକ ଓ ଡିଆରଡିଏ ଓଭର ବ୍ରିଜ ପାଇଁ ଅନୁମୋଦନ ମିଳିଥିବା ବେଳେ ତାହା ତୁରନ୍ତ କାମ ଆରମ୍ଭ ହେବ ଏବଂ ହୁମ୍ମା ଓଭର ବ୍ରିଜ କାମ କୌଣସି ଏକ କାରଣରୁ ଅଟକି ରହିଥିବା ବେଳେ ତାହା ମଧ୍ୟ ତୁରନ୍ତ କାମ ଆରମ୍ଭ ହେବ ବୋଲି ବୈଠକରେ ଜିଲାପାଳ କହିଥିଲେ । ବୈଠକରେ ବ୍ରହ୍ମପୁର ଏସପି ଡ.ସର୍ବଣା ବିବେକ ଏମ୍, ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର,ଏନଏଚଏଆଇ ପିଡି ଦର୍ଶୀ ପ୍ରକାଶ, ଗଞ୍ଜାମ ଆରଟିଓ ଇଂ.ଦେବାଶିଷ ସ୍ୱାଇଁ, ଭଞ୍ଜନଗର ଆରଟିଓ, ଛତ୍ରପୁର ସରକାରୀ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷିକ ଡାକ୍ତର ଅଲେଖ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## କୁଲାଡ଼ ଉପର ବ୍ୟାଘ୍ରଦେବୀ ମନ୍ଦିରରୁ ଖସିଲା ପଥର



ଭଞ୍ଜନଗର, ୨୯।୧୦ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ସହର ନିକଟସ୍ଥ କୁଲାଡ ଉପର ବ୍ୟାଘ୍ରଦେବୀ ମନ୍ଦିରରୁ ବୁଧବାର ସନ୍ଧ୍ୟାରେ ଏକ ବିରାଟ ପଥର ଖସି ପଡ଼ିଛି। ଏହାକୁ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। ପଥରଟି ଖସି ତଳକୁ ଆସିବା ସମୟରେ ତଳେ ଥିବା ଶିବ ମନ୍ଦିରରେ ମାଡ଼ ହୋଇ ମନ୍ଦିରର କ୍ଷତି ହୋଇଛି। ପଥର ଖସିବା ବେଳେ ମନ୍ଦିରର ମଧ୍ୟ କିଛି ଅଂଶ କ୍ଷତି ହୋଇଛି। ପ୍ରଶାସନ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଲଗାଣ ବର୍ଷା ଯୋଗୁ ପଥରଟି ଖସି ପଡ଼ିଥିବା ଅନୁମାନ କରାଯାଉଛି।
ଫଟୋ ୨୯ସି ପଥର ଖସିଛି।

## ଅରବିନ୍ଦ ନଗର ରାସ୍ତା ବିପର୍ଯ୍ୟସ୍ତ



ବୁଗୁଡ଼ା, ୨୯।୧୦ (କାଳିଚରଣ ଦାଶ)

ବୁଗୁଡ଼ା ଏନଏସି ୱାର୍ଡ ନଂ-୨ ଅନ୍ତର୍ଗତ ଅରବିନ୍ଦ ନଗର-୩ରୁ କେନାଲ ସାହିକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବହୁ ବର୍ଷ ତଳେ ତିଆରି ହୋଇଥିବା କଂକ୍ରିଟ ରାସ୍ତାଟି ଭାଙ୍ଗିଯାଇ ତାହା ଉପରେ ମାଟି ଜମାଟ ବାନ୍ଧି ଥିବାରୁ ସାମାନ୍ୟ ବର୍ଷାରେ ସେହି ଖାଲଖମା ରାସ୍ତାଟି କାଦୁଅ ପଚପଚ ହୋଇଯାଉଛି। ଏନ୍ଏସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ସେହି ରାସ୍ତା ଦେଇ କେନାଲ ସାହି ଏବଂ ଅନ୍ୟ ସାହିର ଲୋକେ ଯାତାୟତ କଲାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ, ଏନ୍ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ଆସିକା ବିଜ୍ଞାନ କଲେଜରେ ଶୋକସଭା

ଆସିକା, ୨୯।୧୦ (ସୁରେନ୍ଦ୍ର ନାଥ ସାହୁ) :

ଆସିକା ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଗ୍ରନ୍ଥାଗାରିକ ଶ୍ୟାମଘନ ମହାନ୍ତିଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯାଇଛି । ମଙ୍ଗଳବାର କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ଉପସ୍ଥିତିରେ ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଶ୍ୟାମଘନଙ୍କ ଆତ୍ମାର ସଦଗତି ଲାଗି ନୀରବ ପ୍ରାର୍ଥନା କରାଯିବା ସହ ଶୋକ ସନ୍ତପ୍ତ ପରିବାରକୁ ଆଶ୍ୱସନା ଦିଆଯାଇଥିଲା । ଦୀର୍ଘ ୪୧ ବର୍ଷର ଗ୍ରନ୍ଥାଗାରିକ ଦାୟିତ୍ୱ ମଧ୍ୟରେ ସ୍ୱର୍ଗତ ମହାନ୍ତିଙ୍କ କର୍ତ୍ତବ୍ୟନିଷ୍ଠତା, ପୁସ୍ତକ ଆବଣ୍ଟନ, ରକ୍ଷଣାବେକ୍ଷଣ ଓ ପାଠାଗାର ପରିଚାଳନା ଶୈଳୀ ଲାଗି ମହାବିଦ୍ୟାଳୟର ବହୁ ପୁସ୍ତକର ରକ୍ଷଣାବେକ୍ଷଣ ହୋଇପାରିଥିବା ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଅଭୟକେଶରୀ ପରିଛା ପଟ୍ଟନାୟକ, ଅଧ୍ୟାପକ ବିଭୂତି ଭୂଷଣ ବେବର୍ତ୍ତା, ଅଧ୍ୟାପିକା ଡ. ନନ୍ଦିତା ଦାସ, ଅଧ୍ୟାପକ ସରୋଜ କୁମାର ପଣ୍ଡା, ଅଧ୍ୟାପକ ରାଜେଶ କୁମାର ସାହୁ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ କର୍ମମୟ ଜୀବନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ।

## ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି



### ପଞ୍ଚାୟତ ସମିତି ବୈଠକ

ରାଇକିଆ, ୨୯।୧୦ (ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ପଞ୍ଚାୟତ ସମିତିର ୧୧ତମ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଅନାସ୍ଥା ଭୋଟ ପରେ ଦାୟିତ୍ୱ ଗ୍ରହଣ କରିଥିବା ଅଧ୍ୟକ୍ଷା ରୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ଏଥିରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯାଇ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ହୋଇଥିଲା। ଆଲୋଚନା ବେଳେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଏମ୍ପି ପ୍ରତିନିଧି ସନ୍ତୋଷ ଲେଙ୍କା, ରାଇକିଆ ବିଡିଓ ସବ୍ୟସାଚୀ ସାହୁ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜଳବିଭାଜିକା, ପ୍ରଧାନମନ୍ତ୍ରୀ ସଡକ ଯୋଜନା, ରାସ୍ତାଘାଟ ନିର୍ମାଣ, ଗୃହ ନିର୍ମାଣ, ଉଦ୍ୟାନ ବିଭାଗ, କୃଷି ବିଭାଗ, ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା।

### ବାଳିକା ପର୍ଯ୍ୟବେକ୍ଷଣ ଗୃହରୁ ପଳାଇଥିଲେ

## ୪ ଦିନ ପରେ ୨ ଅନ୍ତେବାସୀଙ୍କୁ ଧରିଲା ପୋଲିସ

ବ୍ରହ୍ମପୁର, ୨୯।୧୦ (ସୁବାସ ଚନ୍ଦ୍ର ପାଢ଼ୀ):

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜରଡ଼ା ବଙ୍ଗଳା ରୋଡ୍‌ରେ ଥିବା ସ୍ୱତନ୍ତ୍ର ବାଳିକା ପର୍ଯ୍ୟବେକ୍ଷଣ ଗୃହରୁ ପଳାଇଥିବା ୨ ଜଣ ଅନ୍ତେବାସୀଙ୍କୁ ୪ ଦିନ ପରେ ପୋଲିସ ଧରିଛି। ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅଞ୍ଚଳରୁ ବୈଦ୍ୟନାଥପୁର ଥାନାର ଏକ ଟିମ୍ ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଆଣିଛି। ଉଭୟଙ୍କୁ ଜେଜେବିରେ ହାଜର ପରେ ପର୍ଯ୍ୟବେକ୍ଷଣ ଗୃହରେ ରଖାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ ସୂଚନା ଦେଇଛନ୍ତି। କୋର୍ଟରେ ନାବାଳିକାଦ୍ୱୟଙ୍କ ବୟାନ ରେକର୍ଡ କରାଯାଇଛି।

ବ୍ରହ୍ମପୁରରେ ଥିବା ରାଜ୍ୟର ଏକମାତ୍ର ବାଳିକା ପର୍ଯ୍ୟବେକ୍ଷଣ ଗୃହରୁ ଗତ ୨୫ତାରିଖ ସକାଳ ପ୍ରାୟ ୮ଟାରେ ୨ଜଣ ଅନ୍ତେବାସୀ ହଠାତ୍ କୁଆଡ଼େ ପଳାଇଯାଇଥିଲେ। ସେମାନେ ମୋବାଇଲ ଚୋରି ମାମଲାରେ ଏଠାକୁ ଆସିଥିଲେ। ଉଭୟ ପଳାଇଥିବା ନେଇ ବିଭାଗୀୟ କର୍ମଚାରୀମାନେ ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷଣ ଗୃହ ଅଧୀକ୍ଷକଙ୍କୁ ଜଣାଇଥିଲେ। ନାବାଳିକାଦ୍ୱୟ ପଛପଟ କାନ୍ଥଦେଇ ଚମ୍ପଟ ମାରିଥିବା ଯାଞ୍ଚରୁ ଜଣାପଡ଼ିଥିଲା। ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲା। ସୂଚନାଯୋଗ୍ୟ, ବାଳିକା ପର୍ଯ୍ୟବେକ୍ଷଣ ଗୃହରେ ୮ ଜଣ ଅନ୍ତେବାସୀ ରହୁଥିବା ବେଳେ ସେମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକ କର୍ମଚାରୀ ରହିଛନ୍ତି। କିନ୍ତୁ ସ୍ଥାୟୀ ଅଧୀକ୍ଷକ ନ ଥିବାରୁ କର୍ମଚାରୀମାନେ ଦାୟିତ୍ୱରେ ଅବହେଳା କରୁଥିବା ଅଭିଯୋଗ ହୋଇଛି।

### ପୀତବାସ ହତ୍ୟା ମାମଲା

## ଜେଲରେ ଥିବା ବିକ୍ରମଙ୍କୁ ସ୍ୱତନ୍ତ୍ର ସାକ୍ଷାତ ପାଇଁ ଅନୁମତି

ବ୍ରହ୍ମପୁର, ୨୯ ।୧୦ (ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିବା ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ତାଙ୍କ ଓକିଲ ସ୍ୱତନ୍ତ୍ର ସାକ୍ଷାତ କରିପାରିବେ। ବ୍ରହ୍ମପୁର ଏସଡିଜେଏମ କୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିଥିବା ଆଇନଜୀବୀ ଦୀପକ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଗତ ୨୧ ତାରିଖ ରାତିରେ ବିକ୍ରମଙ୍କୁ ତାଙ୍କ ଘରୁ ପୋଲିସ ଗିରଫ କରିବା ପରେ ଓକିଲ ଓ ପରିବାର ଲୋକଙ୍କ ସହ ସାକ୍ଷାତ କରାଇ ନ ଥିଲା। ବିକ୍ରମଙ୍କୁ କୌଣସି ଅଜ୍ଞାତ ଜାଗାରେ ରଖିବା ପରେ ୨୨ ତାରିଖ ସକାଳୁ ପୋଲିସ କୋର୍ଟ ଚାଲାଣ କରିଥିଲା। ସେ ଏବେ ଜେଲରେ ଥିବା ବେଳେ ଓକିଲଙ୍କ ସାକ୍ଷାତକାରରେ ସମସ୍ୟା ହେଉଥିଲା। ସ୍ୱତନ୍ତ୍ର ସାକ୍ଷାତକାର ପାଇଁ ଆଇନଜୀବୀ ଦୀପକ ପଟ୍ଟନାୟକ ଏସଡିଜେଏମଙ୍କ ନିକଟରେ ପିଟିଶନ ଦାଖଲ କରିଥିଲେ । କୋର୍ଟ ଗ୍ରହଣ କରି ସ୍ୱତନ୍ତ୍ର ସାକ୍ଷାତକାର ପାଇଁ ଅନୁମତି ପ୍ରଦାନ କରିଛନ୍ତି।

# ୧୧୪ ପରୀକ୍ଷାର୍ଥୀଙ୍କୁ ସର୍ତ୍ତମୂଳକ ଜାମିନ

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣା**

ବ୍ରହ୍ମପୁର,୨୯।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ସବ୍ ଇନ୍ସପେକ୍ଟର (ଏସ୍ଆଇ) ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ୧୧୪ଜଣ ପରୀକ୍ଷାର୍ଥୀ (ଚାକିରି ଆଶାୟୀ)ଙ୍କୁ ବୁଧବାର ସର୍ତ୍ତମୂଳକ ଜାମିନ ମିଳିଛି। ପ୍ରତ୍ୟେକ ୨ ଜଣ ଲେଖାଏ ଜାମିନଦାର ଓ ୫୦ ହଜାର ଟଙ୍କା ବେଲ ବଣ୍ଡ ଦେଇ ଜାମିନରେ ଯିବେ ବୋଲି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ନିର୍ଦ୍ଦେଶ ଦେଇଛନ୍ତି। ଜାମିନ୍ ପାଇଥିବା ପରୀକ୍ଷା ଆଶାୟୀମାନେ ତଦନ୍ତକାରୀ ଅଧିକାରୀଙ୍କୁ ତଦନ୍ତରେ ସହଯୋଗ କରିବେ, ମାମଲାର ସାକ୍ଷୀମାନଙ୍କୁ ଧମକ ଦେବେ ନାହିଁ ଓ ଏଭଳି ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିବେ ନାହିଁ ବୋଲି କୋର୍ଟ ସର୍ତ୍ତ ରଖିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ କାରଣକୁ ନେଇ ଜଜ୍ ୭ ଜଣ ଦଲାଲଙ୍କ ଜାମିନ ଖାରଜ କରିଦେଇଥିବା ଏପିପି ରଜତ କୁମାର ଦାଶ କହିଛନ୍ତି। କୋର୍ଟ ଓ ଜେଲ ବାହାରେ ଜାମିନ ପାଇଥିବା ପରୀକ୍ଷାର୍ଥୀଙ୍କ ପରିବାର ଲୋକଙ୍କ ଭିଡ଼ ଦେଖାଯାଇଥିଲା।

ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଦ୍ୱାରା ଏସ୍ଆଇ ପରୀକ୍ଷା ହୋଇଥାନ୍ତା। ତେବେ ପରୀକ୍ଷା ପୂର୍ବରୁ ଗୁପ୍ତ ସୂଚନା ଆଧାରରେ ଏକ ବଡ଼ ଜାଲିଆତି ଧରାପଡ଼ିଥିଲା। ଗତ ସେପ୍ଟମ୍ବର ୨୯ ତାରିଖ ରାତିରେ ବ୍ରହ୍ମପୁର ପୋଲିସ ଆନ୍ଧ୍ରପ୍ରଦେଶ ଯାଉଥିବା ୩ଟି ଏସି ସ୍ଲିପର୍ ବସ୍‌କୁ ପିଛା କରିଥିଲା। ବ୍ରହ୍ମପୁର ଏସ୍‌ପି ଡ଼ା . ସର୍ବଣା ବିବେକ ଏମ୍.ଙ୍କ ନେତୃତ୍ୱରେ ୩ଟି ଟିମ୍ ଶ୍ରୀକାକୁଲମରେ ପହଞ୍ଚି ବସ୍‌ଗୁଡିକ ସହ ସେଥିରେ ଥିବା ୧୧୭ ଜଣଙ୍କୁ ବ୍ରହ୍ମପୁର ନେଇ ଆସିଥିଲା। ଯାଞ୍ଚରୁ ଜଣାପଡ଼ିଥିଲା ଯେ, ୧୧୭ ଜଣଙ୍କ ମଧ୍ୟରୁ ୧୧୪ ଜଣ ଏସ୍ଆଇ ପରୀକ୍ଷା ପାଇଁ ଆବେଦନ କରିଥିଲେ। ପ୍ରଶ୍ନପତ୍ର ପାଇଁ ସେମାନେ ଭୁବନେଶ୍ୱରରୁ ବସ୍‌ରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଯାଉଥିଲେ। ସେଠାରେ ଗୁପ୍ତଭାବରେ ପ୍ରଶ୍ନପତ୍ର ପାଇବା ପରେ ଭୁବନେଶ୍ୱରକୁ ଫେରି ପରୀକ୍ଷାରେ ବସିବାକୁ ଯୋଜନା ଥିଲା। ପ୍ରତି ପ୍ରାର୍ଥୀ ୨୫ ଲକ୍ଷ ଟଙ୍କା ଦେବାକୁ ଚୁକ୍ତି କରିଥିଲେ। ପ୍ରଥମେ ୧୦ ଲକ୍ଷ ଏବଂ ଚାକିରି ନିଶ୍ଚିତ ହେଲେ ଆଉ ୧୫ ଲକ୍ଷ ଦେଇଥାନ୍ତେ। ତେବେ ତାହା ପୂର୍ବରୁ ପୋଲିସ ଉକ୍ତ ଜାଲିଆତିର ପର୍ଦ୍ଦାଫାଶ କରିଥିଲା। ପରେ ଉକ୍ତ ମାମଲା କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା।

# ୨୪ ଘଣ୍ଟାରେ ମାଲକାନଗିରି ଜିଲ୍ଲାରୁ ୧୭ କୋଟିର ଗଞ୍ଜେଇ ଜବତ

ମାଲକାନଗିରି,୨୯।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ୩ ଥାନା ଅଞ୍ଚଳରୁ ୨୪ ଘଣ୍ଟା ମଧ୍ୟରେ ୧୬୬୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ମାଲକାନଗିରି ପୋଲିସ ଏଥିରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ବୁଧବାର ଗିରଫ କରିଛି। ମଙ୍ଗଳବାର ସନ୍ଧ୍ୟାରେ ଓର୍କେଲ ଥାନା ଅଞ୍ଚଳରୁ ଏକ କଣ୍ଟେନରରୁ ପୋଲିସ ୭୭୦ କେଜି ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଥିଲା। ସେହିପରି ବୁଧବାର ଚିତ୍ରକୋଣ୍ଡା ଥାନା ଅଞ୍ଚଳରୁ ୬୪୦ କେଜି ଏବଂ କାଲିମେଲା ଥାନା ଅଞ୍ଚଳରୁ ୨୫୦ କେଜି ଗଞ୍ଜେଇ ଜବତ କରିଛି। ଏହି ୩ଟି ସ୍ଥାନରୁ ମୋଟ ୧୬୬୦ କେଜି ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୭ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ମାଲକାନଗିରି ଜିଲାରେ ଗଞ୍ଜେଇ ଚାଷ ମୂଳପୋଛ କରାଯିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ଏସ୍‌ପି ସୂଚନା ଦେଇଛନ୍ତି।



ଓର୍କେଲ ଥାନା ଅଞ୍ଚଳରୁ ଏକ କଣ୍ଟେନରରୁ ଗଞ୍ଜେଇ ଜବତ କରାଯାଉଛି।

# ଭିଜିଲାନ୍ସ ଜାଲରେ ଜିଏସ୍‌ଟି ଅଧିକାରୀ

ବଲାଙ୍ଗୀର/ ଟିଟିଲାଗଡ଼,୨୯।୧୦ (ବୀରେନ୍ଦ୍ର ଝାଙ୍କର/ଶରତ ମିଶ୍ର)


ଗିରଫ ଉମାକାନ୍ତ ମହାକୁର

ଟିଟିଲାଗଡ଼ ସିଟି ଆଣ୍ଡ ଜିଏସ୍‌ଟି ବିଭାଗ ଅଧିକାରୀ ଉମାକାନ୍ତ ମହାକୁର ଜଣେ ବ୍ୟବସାୟୀଙ୍କ ଠାରୁ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ପ୍ରକାଶ ଯେ, ବ୍ୟବସାୟୀ ରମେଶ ବସ୍ତିଆଙ୍କୁ ୨୩ ହଜାର ୬ ଶହ ଟଙ୍କା ଜରିମାନା କରାଯାଇଥିଲା। ଏହାକୁ କମାଇ ୭୫୦୦ ଟଙ୍କା କରିଦେବା ପାଇଁ ଅଧିକାରୀ ଜଣକ ୧୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଫଳରେ ରମେଶ ବଲାଙ୍ଗୀର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଅପରାହ୍ନରେ ମହାକୁର ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ନିଜ କାର୍ଯ୍ୟାଳୟରେ ଲାଞ୍ଚ ଟଙ୍କା ଗ୍ରହଣ ସମୟରେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିଥିଲେ। ଏନେଇ ଟିଟିଲାଗଡ଼ ସମେତ ଅଧିକାରୀଙ୍କ ବଲାଙ୍ଗୀର ଗାନ୍ଧୀନଗରସ୍ଥିତ ଘରେ ମଧ୍ୟ ଭିଜିଲାନ୍ସ ବିଭାଗର ଚଢ଼ାଉ ଜାରି ରହିଛି। ଏହି ଚଢାଉରେ ବଲାଙ୍ଗୀର, ସୋନପୁର ଓ ସମ୍ବଲପୁରର ଭିଜିଲାନ୍ସ ଟିମ୍ ସାମିଲ ହୋଇଛନ୍ତି।

# ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ୨ ବର୍ଷ ଜେଲ, ଲକ୍ଷେ ଜରିମାନା

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଭୁବନେଶ୍ୱର,୨୯।୧୦(ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର ରଘୁନାଥ ମଲ୍ଲିକ ୨୧ ବର୍ଷ ପରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବୁଧବାର ଏହି ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ରଘୁନାଥଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ଲକ୍ଷେ ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି ଜରିମାନା ଅନାଦେୟ କ୍ଷେତ୍ରରେ ତାଙ୍କୁ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ସ୍ୱତନ୍ତ୍ର ବିଚାରପତି ଅସୀମ ଦଳବେହେରା ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ୨୦୦୩ ଜୁଲାଇ ୩ ଓ ୪ରେ ରଘୁନାଥଙ୍କ ଘର ଏବଂ ଅଫିସ୍ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ସମୟରେ ତାଙ୍କ ଘରୁ ୬୬ ହଜାର ନଗଦ ଟଙ୍କା, ସୁନାଅଳଙ୍କାର, ମୂଲ୍ୟବାନ୍ ଆସବାବପତ୍ର ଏବଂ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏନେଇ ୨୦୦୪ ମାର୍ଚ୍ଚ ୩୧ରେ ଭୁବନେଶ୍ୱର ଭିଜିଲାନ୍ସ ଥାନା ପକ୍ଷରୁ ରଘୁନାଥଙ୍କ ନାମରେ ମାମଲା (ନଂ.୮/୨୦୦୪) ରୁଜୁ କରାଯାଇଥିଲା। ପରେ ତଦନ୍ତ କରାଯାଇ ଏହି ମାମଲାର ଚାର୍ଜଶିଟ୍ ଦାଖଲ ହୋଇଥିଲା। ରଘୁନାଥ ୪୦ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଥିଲା। ଶୁଣାଣି ବେଳେ ୪୬ଜଣ ସାକ୍ଷୀଙ୍କ ବୟାନ ଓ ୭୪ଟି ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ ଚନ୍ଦ୍ରକାନ୍ତ ଦାସ ଓ ଗିରିଜା ପଟ୍ଟନାୟକ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ। ତେବେ ଏହି ଦଣ୍ଡାଦେଶ ଆଧାରରେ ରଘୁନାଥଙ୍କ ପେନ୍‌ସନ୍ ବନ୍ଦ କରିବାକୁ ଭିଜିଲାନ୍ସ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

# ୫ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**ନାବାଳିକାଙ୍କୁ ଗଣବଳାତ୍କାର, ଘରୁ ଡକାୟତି ମାମଲା**

ଫୁଲବାଣୀ,୨୯।୧୦(ରାକେଶ କୁମାର ରାଉତ)

ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଏବଂ ଘରୁ ଡକାୟତି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଫୁଲବାଣୀ ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଏହି ମାମଲାର ବିଚାର କରି ୫ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୨୬ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦାୟେ ଅଧିକ ୫ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବିଚାରପତି ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଗୋଛାପଡା ଥାନା ମୁସେଲିପାଙ୍ଗା ବୁଡୁମୁଖୀ ଗ୍ରାମର ଅଶୋକ ମୁଖୀ (୨୪), ଦାରିଙ୍ଗବାଡି ଥାନା ସିମନବାଡି ଗ୍ରାମର ସୁଶାନ୍ତ ନାୟକ(୨୯), କୃପାକର ମୁଖୀ (୪୭), ଜେରହ ନାୟକ(୩୩) ଓ ଯୋଶେଫ ରୂପମାଝି(୨୫)।

୨୦୨୪ ଏପ୍ରିଲ ୨୪ ତାରିଖ ରାତି ସାଢ଼େ ୯ଟାରେ ଅଭିଯୁକ୍ତମାନେ ମୁହଁରେ ମାସ୍କ ପିନ୍ଧି ନାବାଳିକାଙ୍କ ଘରକୁ ଯାଇ ଖାଇବାକୁ ମାଗିଥିଲେ। ଏହାପରେ ସେମାନେ ପିସ୍ତଲ, କାତି ଏବଂ ଅନ୍ୟ ମାରଣାସ୍ତ୍ର ଦେଖାଇ ତାଙ୍କ ଘରୁ ୫୦ ହଜାର ଟଙ୍କା, ସୁନାଚେନ, କାନଫୁଲ ଏବଂ ୩ଟି ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଅଭିଯୁକ୍ତମାନେ ନିଜକୁ ମାଓବାଦୀ ପରିଚୟ ଦେଇ ନାବାଳିକାଙ୍କୁ ଘରୁ ଟାଣି ନେଇଥିଲେ। ଘରଠାରୁ ୫୦ ମିଟର ଦୂର ଏକ ପଡିଆରେ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ପୀଡ଼ିତା ଘରକୁ ଆସି ଘଟଣା ବିଷୟରେ କହିଥିଲେ। ପରଦିନ ନାବାଳିକାଙ୍କ ବାପା ଏ ନେଇ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୦୭/୨୪ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲା। ପରେ ସେମାନଙ୍କ ଟିଆଇ ପରେଡ କରାଯାଇଥିଲା। ମାମଲାର ବିଚାର ବେଳେ ୧୮ ଜଣଙ୍କ ସାକ୍ଷ୍ୟପ୍ରମାଣ, ଡାକ୍ତରୀ ରିପୋର୍ଟ ଏବଂ ଟିଆଇ ପରେଡକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ମହାରାଷ୍ଟ୍ର ସୋଲାପୁରରୁ ନାବାଳିକା ଉଦ୍ଧାର, ଯୁବକ ଗିରଫ

ରାଜନଗର,୨୯।୧୦(ଭାସ୍କର ରାଉତରାୟ

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ଅପହୃତା ନାବାଳିକାଙ୍କୁ ମହାରାଷ୍ଟ୍ରର ସୋଲାପୁରରୁ ଉଦ୍ଧାର କରାଯିବା ସହିତ ଅପହରଣ କରିଥିବା ଯୁବକଙ୍କୁ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ଗିରଫ କରିଛି । ଗିରଫ ଯୁବକ ହେଲେ ବାଲେଶ୍ୱର ଅଞ୍ଚଳର ସୌରଭ ଦାସ। ସୂଚନାଯୋଗ୍ୟ, ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଗତ ମେ ୨୪ ରେ ଅପହରଣ କରାଯାଇଥିଲା। ସୌରଭ ତାଙ୍କୁ ଅପହରଣ କରି ନେଇଥିବା ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା( ନଂ. ୫୯ /୨୫) ରୁଜୁ କରିଥିଲା। ସୌରଭ ଉକ୍ତ ନାବାଳିକାଙ୍କୁ ନେଇ ମହାରାଷ୍ଟ୍ର ସୋଲାପୁର ଅଞ୍ଚଳରେ ରଖିଥିଲେ। ପୋଲିସ ସୂଚନା ପାଇ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରିଥିଲା। ନାବାଳିକାଙ୍କୁ ତାଙ୍କ ମା' ଙ୍କୁ ଜିମା ଦିଆଯାଇଛି ।

# ସମ୍ପର୍କୀୟ ମାମୁଙ୍କୁ ୨୦ ବର୍ଷ ଜେଲ

**ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା**

ଅନୁଗୋଳ,୨୯।୧୦(ଜ୍ୟୋତିରଞ୍ଜନ ସାହୁ)

ଏକ ନାବାଳିକା ଯୌନ ନିର୍ଯାତନା ମାମଲାରେ ଅନୁଗୋଳ ଜିଲା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ତଥା ଅତିରିକ୍ତ ଜିଲା ଦୌରାଜଜ୍ ବିରଞ୍ଚି ନାରାୟଣ ମିଶ୍ର ବୁଧବାର ରାୟ ପ୍ରକାଶ କରି ଅଭିଯୁକ୍ତ ଅନୁଗୋଳ ଟାଉନ ଥାନା ଅଞ୍ଚଳର ଟେଙ୍କାରୁ ଗୋଛାୟତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ପୀଡିତା ନାବାଳିକାଙ୍କୁ ୭ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ୨୦୨୪ ସେପ୍ଟେମ୍ବର ୧୦ରେ ନାବାଳିକା ଘରେ ଏକାକୀ ଥିବାବେଳେ ଅଭିଯୁକ୍ତ ତଥା ସମ୍ପର୍କୀୟ ମାମୁ ଟେଙ୍କାରୁ ତାଙ୍କୁ ଡାକି ନେଇ ଯୌନ ନିର୍ଯାତନା ଦେଇଥିଲେ। ସେପ୍ଟେମ୍ବର ୧୧ରେ ଅନୁଗୋଳ ଟାଉନ ଥାନାରେ ନାବାଳିକାଙ୍କ ବାପା ଏନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲ। ପି.ପି. ପ୍ରଦୀପ କୁମାର ଭୁତିଆ ମାମଲା ପରିଚାଳନା କରିଥିଲେ।

## Business

# ସ୍ଥାୟୀ ବାଣିଜ୍ୟ ବୃଦ୍ଧିରେ ଜଳପଥର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୯।୧୦(ଅନୁରାଧା ମହାରଣା)




ମୁମ୍ବାଇରେ ଚାଲିଥିବା ମାରିଟାଇମ ୱିକ୍ ୨୦୨୫ରେ ଓଡ଼ିଶା ସରକାର ସ୍ଥାୟୀ ଏବଂ ସମ୍ପୃକ୍ତ ପରିବହନ ବିକାଶର ଆଗାମୀ ଦୃଷ୍ଟିକୋଣ ପ୍ରଦର୍ଶନ କରିଛନ୍ତି। 'ନେଭିଗେଟିଂ ଗ୍ରୋଥ୍: ଇନ୍‌ଲାଣ୍ଡ ୱାଟରୱେଜ୍ ଇନ୍ ଦି ଫୋର୍ ଫ୍ରଣ୍ଟ ଅଫ୍ ଫ୍ୟୁଚର ଟ୍ରାନ୍ସପୋର୍ଟ ଆଣ୍ଡ ଲଜିଷ୍ଟିକ୍' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣକରି ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଓଡ଼ିଶାର ଆଭ୍ୟନ୍ତରୀଣ ଏବଂ ଉପକୂଳ ଜଳପଥକୁ ସଂଯୋଗକୁ ସୁଦୃଢ଼ କରିବା ପାଇଁ ରାଜ୍ୟର ସକ୍ରିୟ ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅଧିବେଶନରେ ଭାରତର ଆଭ୍ୟନ୍ତରୀଣ ଜଳପଥକୁ ଏକ ସ୍ୱଳ୍ପ ବ୍ୟୟ, ଦକ୍ଷ ଏବଂ ପରିବେଶ ପ୍ରତି ଉତ୍ତରଦାୟୀ ମାଲ ପରିବହନର ମାଧ୍ୟମ ଭାବେ ପୁନରୁଦ୍ଧାର ଏବଂ ଆଧୁନିକୀକରଣ ଉପରେ ବିଚାରବିମର୍ଶ କରାଯାଇଥିଲା। ଏହି ଆଲୋଚନାରେ ଉପକୂଳ-ଆଭ୍ୟନ୍ତରୀଣ ସଂଯୋଗ, ବହୁମୁଖୀ ସମନ୍ୱୟ, ଦୂରଗାମୀ ମାଲ ପରିବହନ ଏବଂ ବ୍ୟୟ ପ୍ରତିଦ୍ୱନ୍ଦ୍ୱିତା, ଆଭ୍ୟନ୍ତରୀଣ ଜଳ ପରିବହନ (ଆଇଡବ୍ଲ୍ୟୁଟି)କୁ ଭବିଷ୍ୟତର ଲଜିଷ୍ଟିକ୍ସ ଇକୋସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ସ୍ଥାନିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନୀଳ ସାମୁଦ୍ରିକ ଭିତ୍ତିଭୂମିର ବିକାଶ ଏବଂ ବନ୍ଦର, ନଦୀ ଏବଂ ଶିଳ୍ପ ସମୂହକୁ ସଂଯୋଗ କରୁଥିବା ବହୁମୁଖୀ ଲଜିଷ୍ଟିକ୍ସ ହବ୍ ପ୍ରତିଷ୍ଠା ପାଇଁ ଓଡ଼ିଶାର ରଣନୈତିକ ରୋଡ୍‌ମ୍ୟାପ୍‌କୁ ପାଢ଼ୀ ରେଖାଙ୍କିତ କରିଥିଲେ। ଗତିଶୀଳ ଅର୍ଥବ୍ୟବସ୍ଥା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ନୀତି ସହ ଯୋଡ଼ିହୋଇ ସରକାରୀ-ଘରୋଇ ଭାଗୀଦାରି, ସ୍ମାର୍ଟ ଲଜିଷ୍ଟିକ୍ସ ସମାଧାନ ଏବଂ ସବୁଜ ପରିବହନ ପଦକ୍ଷେପ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ୟାନେଲ ଆଇଡବ୍ଲ୍ୟୁଟିରେ ଶିଳ୍ପ ଅଂଶଗ୍ରହଣକୁ ତ୍ୱରାନ୍ୱିତ କରିବା, ସୀମା ଶୁଳ୍କ ଏବଂ କାର୍ଗୋ ପରିଚାଳନା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଏବଂ ଦକ୍ଷ ପରିଚାଳନା ପାଇଁ ମାନକୀକୃତ ଜାହାଜ ଡିଜାଇନକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ଏବଂ ନିୟାମକ ସଂସ୍କାରକୁ ମଧ୍ୟ ଅନୁଧ୍ୟାନ କରିଥିଲା। 'ଜଳପଥ ଏବଂ ଗତିଶୀଳ ଅର୍ଥବ୍ୟବସ୍ଥାର ପୁନରୁଦ୍ଧାର ଉପରେ ଏକ ବିଷୟଗତ ବିଭାଗ ଅବ୍ୟବହୃତ ନଦୀ ମାର୍ଗଗୁଡ଼ିକର ପୁନରୁଦ୍ଧାର ଏବଂ ନଦୀ ପରିବହନରେ ବର୍ଜ୍ୟବସ୍ତୁରୁ-ମୂଲ୍ୟ ମଡେଲକୁ ସମନ୍ୱିତ କରିବାର ସୁଯୋଗ ଉପରେ ଆଲୋକପାତ କରିଥିଲା। ପ୍ୟାନେଲରେ ଅନ୍ୟମାନଙ୍କ ମଧ୍ୟରେ ଆଇଡବ୍ଲ୍ୟୁଏଆଇର ଅଧ୍ୟକ୍ଷ ସୁନୀଲ କୁମାର ସିଂହ, ଆଇସି ଆଡବ୍ଲ୍ୟୁଏଆଇର ଅଧ୍ୟକ୍ଷ ହ୍ୟାରି ଡିଲେଇଜର, ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ପ୍ରଣବ ଝା, ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡ ଅଲଟ୍ରାଟେକ ପୋର୍ଟସେ ଆଣ୍ଡ ସିପିଂର ଏଭିପି ପ୍ରିୟରଞ୍ଜନ ବେହେରା, ଷ୍ଟାର ସିମେଣ୍ଟର ସିଓଓ ପ୍ରଦୀପ ପୁରୋହିତ, ରେନସ ଲଜିଷ୍ଟିକ୍ସର ଭାରତର ଆଞ୍ଚଳିକ ସିଇଓ ବିବେକ ଆର୍ଯ୍ୟ ଏବଂ ଆସାମ ପେଟ୍ରୋକେମିକାଲ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରଜନୀଶ ଗୋଗୋଇ ଉପସ୍ଥିତ ଥିଲେ।

# ଏନ୍‌ଏମ୍‌ଡିସିର ଉତ୍ପାଦନ ଓ ରାଜସ୍ୱ ବୃଦ୍ଧି

ଭୁବନେଶ୍ୱର,୨୯।୧୦

ଏନ୍‌ଏମ୍‌ଡିସିର ଆର୍ଥିକ ବର୍ଷର ୨୦୨୫-୨୬ର ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ପ୍ରକାଶ ପାଇଛି। ଏଥିରୁ ମିଳିଥିବା ତଥ୍ୟ ଅନୁସାରେ ଏହି ସମୟ ଅବଧି ମଧ୍ୟରେ କମ୍ପାନୀ ସର୍ବୋଚ୍ଚ ଉତ୍ପାଦନ ଏବଂ ବିକ୍ରୟ ପରିମାଣ ସହ ପ୍ରମୁଖ ବିତ୍ତୀୟ ସୂଚକଗୁଡ଼ିକରେ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିଛି। ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଉତ୍ପାଦନ ୧୦.୨୧ ମିଲିୟନ ଟନ ରହିଛି, ଯାହା ପୂର୍ବ ବର୍ଷର ଏହି ଅବଧିରୁ ୨୩% ଅଧିକ ଏବଂ ବିକ୍ରୟ ୧୦.୭୨ ମିଲିୟନ ଟନ୍‌ରେ ପହଞ୍ଚିଛି, ଯାହା ବର୍ଷ ୨୦୨୫ର ଦ୍ୱିତୀୟ ତ୍ରୈମାସିକରୁ ୧୦% ଅଧିକ। ଏନ୍‌ଏମ୍‌ଡିସିର ରାଜସ୍ୱ ୩୦% ବୃଦ୍ଧି ସହ ୬,୨୬୧ କୋଟି ଟଙ୍କା, କର-ପୂର୍ବ ଲାଭ ୩୫% ବୃଦ୍ଧି ସହ ୨,୨୭୧ କୋଟି ଟଙ୍କା ଏବଂ କର-ପରବର୍ତ୍ତୀ ଲାଭ ୩୩% ବୃଦ୍ଧି ସହ ୧,୬୯୪ କୋଟି ଟଙ୍କା ହୋଇଛି। ଏବିଆଇଟିଡିଏ ୩୨% ବୃଦ୍ଧି ସହ ୨,୩୮୫ କୋଟି ଟଙ୍କା ହୋଇଛି। ଏନ୍‌ଏମ୍‌ଡିସିର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଅମିତାଭ ମୁଖାର୍ଜୀ ଏହି ଅବସରରେ କହିଛନ୍ତି, ଉକ୍ତ ତ୍ରୈମାସିକରେ ରେକର୍ଡ ଉତ୍ପାଦନ, ରେକର୍ଡ ବିକ୍ରୟ ଏହାସବୁ ଆମର ଐତିହାସିକ ବିଶ୍ୱସ୍ତତାର ସୂଚକ।

# ପିଏନ୍‌ବିର ସତର୍କତା ସଚେତନତା ସପ୍ତାହ ପାଳନ




ଭୁବନେଶ୍ୱର,୨୯।୧୦ (ଅନୁରାଧା ମହାରଣା)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ୨୦୨୫ ପାଳନ କରାଯାଉଛି। ଏହି ଅବସରରେ କର୍ମଚାରୀ ଏବଂ ନାଗରିକଙ୍କ ମଧ୍ୟରେ ସଚ୍ଚୋଟତା, ସ୍ୱାସ୍ଥ୍ୟ ଏବଂ ସାମାଜିକ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଏକ ୱାକାଥନ୍, ରକ୍ତଦାନ ଶିବିର ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ସମେତ ଅନେକ ଜନକଲ୍ୟାଣ ଏବଂ ସଚେତନତା କାର୍ଯ୍ୟକଳାପ କରାଯାଇଛି। ଏହି ବର୍ଷର ସଚେତନତା ସପ୍ତାହର ବିଷୟବସ୍ତୁ 'ସତର୍କତା : ଆମର ସହଭାଗୀ ଦାୟିତ୍ୱ'କୁ ନେଇ ଅନୁଷ୍ଠିତ ୱାକାଥନରେ ପିଏନ୍‌ବିର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ସ୍ଥାନୀୟ ଲୋକ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ପିଜିଆଇଏମ୍‌ଇଆର୍ ଏବଂ କ୍ୟାପିଟାଲ ହସ୍ପିଟାଲ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ସହାୟତାରେ ଏକ ସଚେତନ ଓ ଦାୟିତ୍ୱବାନ ସମାଜର ଭିତ୍ତିଭୂମି ଭାବରେ ସୁସ୍ଥତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଭୂଷଣ ଶର୍ମା ଏବଂ ଉପ-ଅଞ୍ଚଳ ମୁଖ୍ୟ କ୍ଷେତ୍ରବାସୀ ମିଶ୍ର ସଚ୍ଚୋଟତା ଏବଂ ଦାୟିତ୍ୱ କେବଳ ବୃତ୍ତିଗତ ଜୀବନରେ ନୁହେଁ ବରଂ ଦାୟିତ୍ୱବାନ୍ ନାଗରିକ ଭାବରେ ଆମର ଭୂମିକାରେ ମଧ୍ୟ ଜରୁରୀ ବୋଲି କହିଥିଲେ।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂଆ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୯।୧୦ (ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ନୂଆ ଶାଖା ସୁନ୍ଦରପଦାଠାରେ ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଉକ୍ତ ଶାଖା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ୮୫ତମ ଶାଖା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ, ଉପ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ସୁନ୍ଦରପଦା ଶାଖାର ଶାଖା ପ୍ରବନ୍ଧକ ଚିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକମାନଙ୍କୁ ଉତ୍କୃଷ୍ଟ ସେବା ଯୋଗାଇଦେବା ବ୍ୟାଙ୍କର ପ୍ରମୁଖ ଲକ୍ଷ୍ୟ ବୋଲି ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା କହିଥିଲେ।

# ବାଲେଶ୍ୱର ବଜାରରେ ଆଇକନିକ୍ ଜାୱା ଓ ୟେଜ୍‌ଦି

ଭୁବନେଶ୍ୱର,୨୯।୧୦




ଆଇକନିକ୍ ଜାୱା ଓ ୟେଜ୍‌ଦି ମୋଟରସାଇକେଲ ବ୍ରାଣ୍ଡର କମ୍ପାନୀ କ୍ଲାସିକ୍ ଲେଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍ ବୁଧବାର ଓଡ଼ିଶାରେ ନିଜର ସବୁଠାରୁ ବଡ଼ ଡିଲରଶିପ ଉଦ୍‌ଘାଟନ କରିଛି। ଶ୍ରୀ ଭାରତ ମୋଟର୍ସ ଲିମିଟେଡ୍ ପରିଚାଳିତ ଏହି ଅତ୍ୟାଧୁନିକ ସୁବିଧା ବାଲେଶ୍ୱରର ରେମୁଣା ଛକ ନିକଟ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ର ଗଣେଶ୍ୱରପୁର ଅବସ୍ଥିତ। ଉଦ୍‌ଘାଟନୀ ଉତ୍ସବରେ କ୍ଲାସିକ୍ ଲିଜେଣ୍ଡସ୍‌ର ଷ୍ଟେଟ୍ ହେଡ୍ ଦୀପ୍ତିରଞ୍ଜନ ବିଶ୍ୱାଳ, ଶ୍ରୀଭାରତ ମୋଟର୍ସର ସିଇଓ ରମାକାନ୍ତ ପରିଡ଼ା ଓ ଜିଏମ୍(ସେଲ୍‌ସ) ସଞ୍ଜୟ ପଣ୍ଡିତ ଉପସ୍ଥିତ ଥିଲେ। ଏହି ଡିଲରଶିପ ଦ୍ୱାରା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ବାଇକ୍‌ପ୍ରେମୀମାନେ ଏବେ ଗୋଟି ସ୍ଥାନରେ ଜାୱା ଓ ୟେଜ୍‌ଦିର ସମ୍ପୂର୍ଣ୍ଣ ରେଞ୍ଜ ପାଇପାରିବେ। ୫ ହଜାର ବର୍ଗଫୁଟରେ ବିସ୍ତୀର୍ଣ୍ଣ ଏହି ସୁବିଧା ଓଡ଼ିଶାରେ ସବୁଠାରୁ ବଡ଼ ହୋଇଥିବା ବେଳେ ଜାୱା ଓ ୟେଜ୍‌ଦିର ସମ୍ପୂର୍ଣ୍ଣ ମଡେଲ ପ୍ରଦର୍ଶିତ ହେଉଛି ଏବଂ ଫ୍ୟାକ୍ଟ୍ରି-ଟ୍ରେନଡ୍ ଟେକ୍ନିସିଆନ ଥିବା ସର୍ଭିସ୍ ସେଣ୍ଟର ଉଚ୍ଚମାନର ଆଫ୍ଟର-ସେଲ୍ସ ସେବା ଯୋଗାଇବ। ଏହି ଅବସରରେ ରମାକାନ୍ତ ପରିଡ଼ା କହିଛନ୍ତି, କ୍ଲାସିକ୍ ଲିଜେଣ୍ଡସ୍ ଜାୱା, ୟେଜ୍‌ଦି ଓ ବିଏସ୍‌ଏ ଭଳି ବ୍ରାଣ୍ଡଗୁଡ଼ିକୁ ପୁନରୁଜ୍ଜୀବିତ କରିବାରେ ଏହା ସହାୟକ ହେବ।

# ୱାଶିଂଟନ ପୋଷ୍ଟରେ ପ୍ରକାଶିତ ଖବରକୁ ଏଲ୍ଆଇସିର ଖଣ୍ଡନ

ଭୁବନେଶ୍ୱର,୨୯।୧୦

ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକରେ ନିବେଶ ପାଇଁ ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)କୁ କେନ୍ଦ୍ର କହିଥିବା ୱାଶିଂଟନ ପୋଷ୍ଟରେ ପ୍ରକାଶ ପାଇଛି। ଏହି ଖବରକୁ ଏଲ୍ଆଇସି ଖଣ୍ଡନ କରିଛି। ଏଲ୍ଆଇସିର ନିବେଶ ନିଷ୍ପତ୍ତି ବାହ୍ୟ କାରକ ଦ୍ୱାରା ପ୍ରଭାବିତ ବୋଲି ଲଗାଇଥିବା ଅଭିଯୋଗଗୁଡ଼ିକ ମିଥ୍ୟା ଓ ଭିତ୍ତିହୀନ ବୋଲି ସଂସ୍ଥା କହିଛି। ନିବେଶ ନିଷ୍ପତ୍ତିଗୁଡ଼ିକ ଏଲ୍ଆଇସି ବୋର୍ଡ ଅନୁମୋଦିତ ନୀତି ଅନୁଯାୟୀ ବିସ୍ତୃତ ଯାଞ୍ଚ ପରେ ସ୍ୱାଧୀନ ଭାବେ ନିଏ। ଅର୍ଥ ବିଭାଗ କିମ୍ବା ଅନ୍ୟ କୌଣସି ସଂସ୍ଥାର ଏଥିରେ କୌଣସି ଭୂମିକା ନାହିଁ।

# ପତଞ୍ଜଳି ବିଶ୍ୱବିଦ୍ୟାଳୟର ୨ ଦିନିଆ ସମ୍ମିଳନୀ ଉଦ୍‌ଯାପିତ

ହରିଦ୍ୱାର, ୨୯।୧୦

ହରିଦ୍ୱାରାସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟ 'ମାଟି ସ୍ୱାସ୍ଥ୍ୟ ପରୀକ୍ଷଣ ଓ ପରିଚାଳନା ଦ୍ୱାରା ଗୁଣବତ୍ତାଯୁକ୍ତ ଔଷଧୀୟ ବୃକ୍ଷର ସ୍ଥାୟୀ ଚାଷ' ସମ୍ପର୍କିତ ୨ ଦିନିଆ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଆୟୁଷ ମନ୍ତ୍ରଣାଳୟ, ନାବାର୍ଡ ଏବଂ ପତଞ୍ଜଳିର ସମନ୍ୱୟରେ ଆୟୋଜିତ ଏହି ସମ୍ମିଳନୀରେ ମାଟିର ସ୍ୱାସ୍ଥ୍ୟ ପରିଚାଳନା ଓ ଗୁଣବତ୍ତା ଉନ୍ନତି କରିବାର ଆଧୁନିକ ପ୍ରଯୁକ୍ତିଗତ ଉପାୟ ଉପରେ ବିସ୍ତୃତ ଚର୍ଚ୍ଚା ହୋଇଛି। ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନ ଓ ପତଞ୍ଜଳି ବିଶ୍ୱବିଦ୍ୟାଳୟର ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଲକ୍ରିଷ୍ଣା, ପ୍ରଦୀପ ଶର୍ମା , ଯୋଗଗୁରୁ ରାମଦେବ ପ୍ରମୁଖ ଯୋଗଦେଇ ବିସ୍ତୃତ ଆଲୋଚନା କରିଥିଲେ।

# ଜାତୀୟ ରାଜପଥରେ ବସ୍ ଦୁର୍ଘଟଣାଗ୍ରସ୍ତ: ୨ ମୃତ, ୭ ଗୁରୁତର

**ଜଳେଶ୍ୱର, ୨୯।୧୦(ନବୀନ ସାହୁ)** ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଜଳେଶ୍ୱର କୋର୍ଟ ସମ୍ମୁଖରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ଜଣ ଗୁରୁତର ହୋଇଛନ୍ତି।

ମଙ୍ଗଳବାର ଅପରାହ୍ନ ୫ଟାରେ ଏକ ବସ୍ (ନଂ.ଓଡି଼୦୫ବିଏଲ୍-୭୧୬୫) ଢେଙ୍କାନାଳ ଜିଲା ନୃସିଂହପୁରରୁ କୋଲକାତା ଅଭିମୁଖେ ବାହାରିଥିଲା। ବୁଧବାର ରାତି ୩ଟାରେ ବସ୍ ଜାତୀୟ ରାଜପଥର ଲକ୍ଷ୍ମଣନାଥ ରୋଡସ୍ଥିତ ଜଳେଶ୍ୱର ନୂଆ କୋର୍ଟ ସମ୍ମୁଖ ଦେଇ ଯାଉଥିଲା। ଏହି ସମୟରେ ରାସ୍ତା ଉପରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ବସ୍ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ୍ ଚାଳକ କଟକ ଜିଲା ସାଲେପୁର ଅଞ୍ଚଳର ମୀର ଅବଦୁଲ ରହିମ୍ (୩୯) ଓ ହେଲପର ମାହାଙ୍ଗାର ନୃସିଂହ କାଠୁଆ (୪୦)ଙ୍କ ମୃତ୍ୟୁ ହୋଇଯାଇଛି। ଢେଙ୍କାନାଳର ପାରାନା ବେଗମ (୨୫), ଗୁଲହର ବିବି (୫୨), ସୁରେଶ ପରିଡ଼ା (୨୯), ଭଦ୍ରକର ସଞ୍ଜୀବ ସାହୁ (୩୦), ମାନସ ମହାନ୍ତି (୨୫) ଓ କେନ୍ଦ୍ରାପଡ଼ାର ପ୍ରବୀର ବେହେରା (୩୦), କଣ୍ଡକ୍ଟର ନିମାପଡା ଅଞ୍ଚଳର ରୁଦ୍ରଜିତ ମହାପାତ୍ର (୩୦)ଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ ଓ ଏନ୍ଏଚ୍ ଆମ୍ବୁଲାନ୍ସର କର୍ମଚାରୀମାନେ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ଆଣିଥିଲେ। ସେମାନଙ୍କ ମଧ୍ୟରେ ପାରାନା ବେଗମ ଓ ଗୁଲହର ବିବିଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଛି।


ଦୁର୍ଘଟଣାଗ୍ରସ୍ତ ବସ୍।


## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CAD-2124

No.-CHEP/TW-277 (Vol.-III)/4095 Date: 27.10.2025

**TENDER CALL NOTICE NO.-CHEP-38/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for the following work from the reputed Electrical Contractors / Firms / Agencies meeting Eligibility Criteria only.

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Annual Maintenance of Electrical Installation of Residential & Non-Residential Buildings of CHEP, Chiplima | Rs.7,080 (Rs.6,000.00 + GST @18%) | Rs.14,50,510.00 / EMD=Rs.14,510.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.30.10.2025 up to 12:30 PM of dtd.12.11.2025.

OIPR-04006/11/0109/2526 Sd/- C & P Head, CHEP, Chiplima

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, KHORDHA

Tel.No.(06755) 221502, E-mail:eemidkhurda@yahoo.co.in
Letter No.4745, Dt.27.10.2025

**Invitation for Bids**

No.A-792: Bid Identification No. SEMIDKHD 12/2025-26

| | | | |
|---|---|---|---|
| 1 | The Superintending Engineer, Minor Irrigation Division, Khordha on behalf of the Governor of Odisha invites Percentage Rate Bids in Single and Double Cover System in Online Mode only for civil works in MIPs under CAPEX Scheme as detailed in the table below from the eligible Class of Contractors. | | |
| 2 | Nature of Work | :- | Civil Works in MIPs under CAPEX Scheme in different Blocks of Khordha District |
| 3 | No. of Works | :- | 02 (Two) Nos. only |
| 4 | Cost of Bid Document | :- | Rs.10,000/- (through online) only |
| 5 | Tender Value | :- | Rs.75.52 to 98.96 Lakhs |
| 6 | Class of Contractor | :- | "B" Class as applicable |
| 7 | Availability of Bid Documents Online | :- | 10.30 A.M. of Dt.30.10.2025 to 05.30 PM of Dt.10.11.2025 |
| 8 | Last Date and Time for receipt of Bids in the Portal | : | 5.30 PM of Dt.10.11.2025 |
| 9 | Date of Opening of Bids | : | 11.30 A.M. of Dt.11.11.2025 |
| 10 | The bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of Bid can also be seen in the said website. The Authority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

Sd./-Superintending Engineer
OIPR-32042/11/0024/2526 Minor Irrigation Division, Khordha

## OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR

No. O-1209

E-Mail: eerw_gm1@yahoo.co.in

**Government of Odisha, e-Procurement Notice**

Bid Identification No. Online Tender // 10 // SERWDG-I / 2025-26
Letter No. 4936//RWDG-I//BAM// Date: 25.10.25

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.53.78 lakhs to Rs.58.82 Lakhs |
| 3 | Period of Completion | : | 02 (Two) Calendar Months as shown in Column No. 06 of Annexure |
| 4 | Date & Time of Availability of Bid Documents in the Portal | : | From 30.10.2025 at 11.00 A.M. to 12.11.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | : | 12.11.2025 upto 5.00 P.M. |
| 6 | Name and Address of the Officer Inviting Bid | : | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd./- Executive Engineer
OIPR-25085/11/0033/2526 R.W. Division-I, Ganjam, Berhampur

## OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR

No. O-1202

Phone: 0680-2404096, E-Mail: eerwgmt@yahoo.co.in

**Government of Odisha, e-Procurement Notice**

Bid Identification No. Online Tender/16/SERWD-II/2025-26
Memo No. 7627/RWD-IIGB, Date: 13.10.25

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.7.01 lakhs to Rs.29.00 Lakhs |
| 3 | Period of Completion | : | 1 (One) Month & 2 (Two Months) as per Annexure |
| 4 | Date & Time of availability of Bid Documents in the Portal | : | 30.10.2025 at 10.00 A.M. to 07.11.2025 upto 5.00 P.M. |
| 5 | Last Date/Time for receipt of Bids in the Portal | : | 07.11.2025 upto 5.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app.

Sd./- Executive Engineer
Rural Works Division-II, Ganjam, Berhampur
OIPR-25073/11/0040/2526

See Career Appointment on every Wednesday & Saturday

## DISTRICT PROJECT OFFICE SAMAGRA SHIKSHA, MAYURBHANJ

Murgabadi, P.O.: Bhanjpur, Baripada, PIN - 757002
E-mail: dpcmayurssa.opepa@nic.in

**NOTICE**

No. 4891 Date: 28.10.2025

No. n-: Pursuant to the Tender Call Notice No. 4590 date: 23.9.2025 for procurement of TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding items to 26 Nos. of KGBVs (Type-III) of Mayurbhanj District, the last date for receipt of sealed tenders is hereby extended upto 17.11.2025 by 5.00 P.M. and the same will be opened on 18.11.2025 at 11.00 A.M. in Conference Hall of District Education Office, Mayurbhanj. The terms and condition will remain unchanged.

By order of the Collector-cum-Chairman, SS, Mayurbhanj

Sd./- DEO-cum-District Project Coordinator
OIPR-27140/11/0016/2526 Samagra Shiksha, Mayurbhanj

## ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରଣ, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧, ଦୂରଭାଷ/ଫାକ୍ସ-୦୬୬୩-୨୫୪୮୭୪୩

ଇମେଲ୍-dfohirakudwl.od@gov.in

Office Order No.84/1F-56(Actt.)/2025-26, Dated 28.10.2025

**CORRIGENDUM**

No.MM-The date has been modified as follows in respect of tender call notice for appointment of Architecture Consultant for providing Detailed Project Report (Plan, Design and Estimated) for Development of Debrigarh Ecotourism under Hirakud Wildlife Division, in the Tender Notice published vide Bid No.81, dt.16.10.2025 in the same tender process.

| Availability of Tender Documents Extent upto | Opening of Technical Evaluation | Opening of Financial Evaluation |
|---|---|---|
| 04.11.2025 (4.00 P.M.) | 06.11.2025 (11.30 A.M.) | 07.11.2025 (11.30 AM) |

All other terms and conditions will remain same as published in the above referred tender notice. Inconvenience, if any is highly regretted.

Sd./- Divisional Forest Officer
OIPR-08078/11/0009/2526 Hirakud Wildlife Division, Sambalpur

## GOVT. OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, PATNAGARH

E-mail: eerw_ptng@yahoo.in, Phone No.-06658-222121

**e-Procurement Notice**

No.O-1143: IFB IDENTIFICATION NO. EEPTNG-Online-07/2025-26

| | | | |
|---|---|---|---|
| 1. | Name of Work | : | Repair of Building Works |
| 2. | Total No. of Work | : | 36 (Thirty Six) No. Works |
| 3. | Time for Completion | : | 02 (Two) Calendar Months |
| 4. | Approximate estimated Cost | : | 1.69 Lakh to 14.41 Lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in. |
| 6. | Other details are as follows | : | |

| Procurement Officer | Bid Identification No. | Availability of Tender Online for bidding | | Last date and time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Patnagarh | EEPTNG-Online-07/2025-26 | 30.10.2025 at 11.00 A.M. | 14.11.2025 upto 5.00 P.M. | 13.11.2025 upto 5.00 P.M. | 15.11.2025 at 11.00 A.M. |

- Further details can be seen from the website www.tendersorissa.gov.in.
- Any Corrigendum/ Addendum will be displayed in the above e tender website only.

OIPR-25154/11/0030/2526 Sd./- Executive Engineer, R.W.Division, Patnagarh

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION-II, SUNDARGARH

No.O-1196

E-mail:rw_rourkela@yahoo.co.in

**TENDER CALL NOTICE**
**BID IDENTIFICATION NO. ONLINE-EERKL-13 OF 2025-26**

1. Name of the Work: Bridge Works. 2. Total No. of Works: 01 (One) No. 3. Estimated Cost: Rs.13.98 Lakhs. 4. Class of Contractor: "D" & "C" Class. 5. Period of Completion: 01 (One) Calendar Months. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division-II, Sundargarh | Online-EERKL-13 of 2025-26 | 29.10.2025 from 10.00 A.M. | 04.11.2025 upto 5.00 P.M. |

Further details can be seen from the website: www.tendersodisha.gov.in

OIPR-25193/11/0093/2526 Sd./- Executive Engineer, R W Division-II, Sundargarh

## BHUBANESWAR DEVELOPMENT AUTHORITY

Akash Shova Building, Sachivalaya Marg, Bhubaneswar - 751001
PABX No. 0674-2392801/0998/6437, FAX No.: 0674-2390633/085
Visit us at: http://www.bda.gov.in/

**Invitation for Bids**

Bid Identification No. 442/EM/BDA/2025-26 Date: 27.10.2025

No. CAD-2122: Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible contractors for civil works as mentioned below:

1. Nature of works : Civil Work (Construction of RCC/ SFRC Precast Boundary Wall)
2. Total No. of Works : 03 (Three) Nos.
3. Amount put to tender : Rs.178.10 Lakh, Rs.187.95 Lakh & Rs.178.39 lakh
4. Class of Contractor : 'B' & 'A' Class
5. Period of Completion : 11 (Eleven) Calendar Months
6. Cost of Bid Documents : Rs.10000.00 + 18% GST = Rs.11800.00 (Online transfer by the last date & time for receipt of bids)
7. Earnest Money Deposit (EMD): 1% of estimated cost put to tender (Online transfer by the last date & time for receipt of bids)
8. Availability of Tender : From 30.10.2025 to 5.30 P.M. of 17.11.2025 https://tendersodisha.gov.in
9. Date of Opening of Tender : Dt.18.11.2025 at 11.30 A.M.
10. Place of Opening of Tender : O/o. Engineer Member, BDA, Bhubaneswar

Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Engineer Member
OIPR-13033/11/0395/2526 BDA, Bhubaneswar

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA

E-Mail ID: serwcbaripada@gmail.com Ph. No.: 06792-261343/261344, Gangraj, Baripada

**"e" Procurement Notice for Plan Road Work**

No. O-1104 Identification No. Online Tender - Road N.C.B. No. 394 for 2025-26

Letter No. 4748 Date: 15.10.2025

1. Name of the Work : Road work in the District of Mayurbhanj for the year 25-26.
2. Total No. of Work : 34 Nos. (Thrity Four)
3. Estimated Cost : Rs.197.13 Lakhs to Rs.1420.77 Lakhs (Approximately)
4. Eligible Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No. 394 | Dt.30.10.2025 at 11.00 A.M. | Dt.18.11.2025 upto 5.00 P.M. | Dt.17.11.2025 upto 5.00 P.M. | Dt.19.11.2025 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any Corrigendum/Addendum will be displayed in the above e_tender website only.

OIPR-25130/11/0060/2526 Sd./- A.K. Naik, Chief Construction Engineer, R.W. Circle, Baripada

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

E-Mail ID: serw_balasore@yahoo.in, Ph.No.-06782/260318, Balia, Balasore

**"e" Procurement Notice for Road Work**

Identification No.Online Tender- Road N.C.B. No. 40 for 2025-26
Letter No.3784, Date:23.10.2025

No.O-1215: 1. Name of the Work: (MMSY-CMRL). 2. Total No. of Work: 33 Nos. of Work. 3. Estimated Cost: As per Annexure. 4. Eligible Class of Contractor: As per Annexure. 5. Period of Completion:As per Annexure. 6. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No-40 of 2025-26 | 30.10.2025 at 11.00 A.M. | 15.11.2025 Upto 5.00 P.M. | 14.11.2025 Upto 5.00 P.M. | 17.11.2025 At 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in

Sd./- Chief Construction Engineer,
OIPR-25105/11/0085/2526 R.W. Circle, Balasore

## OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR

No. O-1111

Phone: 0680-2404096, E-Mail: eerwgmt@yahoo.co.in

**Government of Odisha, e-Procurement Notice**

Bid Identification No. Online Tender/11/SERWD-II/2025-26
Memo No. 7524/RWD-IIGB, Date: 10.10.25

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.8.40 to Rs.25.21 Lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid Documents in the Portal | : | 30.10.2025 at 10.00 A.M. to 07.11.2025 upto 5.00 P.M. |
| 5 | Last Date/Time for receipt of Bids in the Portal | : | 07.11.2025 upto 5.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app.

Sd./- Executive Engineer
OIPR-25073/11/0039/2526 R.W. Division-II, Ganjam, Berhampur

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, KANPUR REHABILITATION, CAMPS & BUILDING DIVISION

Email: eekrcbdbasudevpur@gmail.com

AT/PO- Basudevpur, Dist-Keonjhar, Pin-758047

**e-PROCUREMENT NOTICE**

No.A-797: Bid Identification No.SE, KRC & BD-16/2025-26

| Sl. No. | Name of Work | Approx. Value of work (Rs. in Lakh) | EMD/ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Extension of drain near the Pond, Raising of drain wall at lane no-7, 6 and construction of 02 no CDs at R&R colony Birikala for the DPs of village Birikala and Gobindpur of KIP" | 53.50 | 53500.00 | 10,000/- | 08 (Eight) Calendar Months | "B" | Kanupur Reh. Campus & Building Division, At/Po-Basudevpur, Dist-Keonjhar |

| Procurement Officer | Bid Identification No. | Availability of tender online for bidding | | Date & Time of opening of tender (Technical Bid) | Last date of seeking clarification | Place of Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh C & B Division, Basudevpur, Dist- Keonjhar | SE, KRC & BD- 16/ 2025-26 | 30.10.25 From 10.00 Hours | 13.11.25 Upto 17.00 Hours | 14.11.25 at 11.00 Hours | 13.11.25 Upto 15.00 Hours | O/o the Superintending Engineer, Kanupur Reh C & B Division, Basudevpur, Dist- Keonjhar |

OIPR-46009/11/0006/2526 Sd./- Superintending Engineer, Kanupur Reh. C & B Division, Basudevpur

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR

e-mail: eerwbnjr@gmail.com

**"e" Procurement Notice for Road Works**

Identification No. Online Tender/ 12/ RWDBNJ/2025-2026
No.O-1198: No.5021, Date: 04.10.2025

1. Name of the Work: Road Works. 2. Total Number of Works: 14 (Fourteen) Nos. 3. Estimated Cost: 9.53 Lakhs to 39.41 Lakhs. 4. Class of Contractor: 'D', 'C' & 'B' Class of Contractor. 5. Period of Completion: 01 & 02 (Two) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of Opening Tender |
|---|---|---|---|---|
| | | From | To | |
| Superintending Engineer, R.W. Division, Bhanjanagar | Online Tender/12/ RWDBNJ/ 2025-2026 | 30.10.2025 at 10.00 A.M. | 10.11.2025 upto 3.00 P.M. | 11.11.2025 at 11.00 A.M. |

Further details can be seen from the website: www.tendersodisha.gov.in.

Sd./- Executive Engineer,
OIPR-25174/11/0050/2526 R.W. Division, Bhanjanagar

## OFFICE OF THE PANCHAYAT SAMITI, GUNUPUR

Email: ori-gunpur@nic.in

Quotation Call Notice No. 2257/VI-04/2025, Dev Date: 24.10.2025

**QUOTATION CALL NOTICE**

No. i-359: Sealed quotations/tenders are invited from interested authorized dealer/ supplier registered firms/agencies for supply of the following items to the office of the undersigned to be installed in different G.P. of Gunupur Block. The quotation should reach in the office of the Block Development Officer, Gunupur on or before dated 07.11.2025 by 1.00 P.M. through Registered Post/Speed Post/Courier and the same will be open on same day at 4.00 P.M. in the presence of quotationer or their authorized agents if present. The rate should be quoted inclusive of all taxes and installation charges etc. The quotationer should submit the PAN Card & GST registration certificate along with the quotation. The quotation received after due date and time will not be entertained. The quotationer should quote his rate both in figure and words. Any alteration or correction should be attested by the quotationer. The successful quotationer shall execute the work under the supervision of Engineer in-charge of this office within 30 days from the date of receipt of work order. This notice shall be available from 11.00 A.M. dated 25.10.2025 upto 07.11.2025 in district website www.rayagadanic.in for wide publication. The undersigned reserves the right to cancel/reject any or all the quotations without assigning any reason thereof.

**SPECIFICATION**

| Sl. No. | Particulars of Materials | Rate per unit should be quote including all taxes and installation at given site |
|---|---|---|
| 01 | **Sollar Street Light** • 30W Sollar Light with LFP Battery pack and charge controller with Standard ISO Certificate • 75W Sollar Panel • LED • 6M GI Pole • GI Penal Mounting Frame • Light Arm • Connecting Wires, Cable & Nut/Bolt • Installation, Commissioning and Service. | |
| 02 | **Electric Street Light** • 60W Electric Street Light • Light Output: 6000 Lumens • 8M Pole Octagonal • Equivalent Light = 600W • Voltage Range = 100V - 300 V Ac • Installation, Commissioning and Service. | |
| 03 | **High Mast Light** • Luniaries Wattage (W) - 240 (60 × 4 Nos.) • Wide operating A/C, Voltage Range = 100 Volt to 300 Volt • No. LED's = 180 Nos. • Light Output (Lumens) = 6000 Lums • Equivalent Light Output = 720W CFL, 900W Mercury Lamp • No. Mercury Content • Pole Height should be 9 meter with all fittings • Transportation and installation and making operational of High Mast Light | |

OIPR-19434/11/0005/2526 Sd./- Block Development Officer, Gunupur

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, BOLANGIR

E-mail ID: eerw_blgr@yahoo.co.in

**e-Procurement Notice**

No.O-1207: IFB IDENTIFICATION NO. EEBLGR-Online-14/2025-26

| | | | |
|---|---|---|---|
| 1. | Name of Work | : | Building Works |
| 2. | Total No. of Works | : | 04 (Four) Nos. |
| 3. | Approximate Estimated Cost | : | Rs.98.70 to 99.54 Lakhs |
| 4. | Time for Completion | : | 6 (Six) Calendar Months |
| 5. | Mode of Submission of tender | : | Tender should be submitted online in www.tendersorissa.gov.in. |
| 6. | Other details are as follows | : | As per TCN No. EEBLGR-Online-14/2025-26 |

| Procurement Officer | Bid Identification No. | Availability of Tender Online for bidding | | Last date and time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Divn., Bolangir | EEBLGR-Online-14/2025-26 | 30.10.2025 at 11.00 A.M. | 14.11.2025 upto 5.00 PM | 13.11.2025 upto 1.00 P.M. | 15.11.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in.
- Any Corrigendum/ Addendum will be displayed in the above e tender website only.

OIPR-25068/11/0044/2526 Sd./- Executive Engineer, R.W.Division, Bolangir

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION: RAYAGADA

No.O-1135

e-mail ID:rw_rayagada@yahoo.co.in

**GEPNIC e-Procurement Notice**
**Bid Identification No: EERWRGD-Online-08/2025-26**

Letter No.3368, Date 24.10.2025

1. Name of the Work: Repair of Building Works. 2. Total No. of Works: 22 Nos. (Percentage rate tender). 3. Estimated Cost: Varies from 2.99 to 5.98 Lakhs. 4. Class of Contractor: "D" or "C" Class. 5. Time of Completion: Specified in DTCN. 6. Mode of Submission of tender: Tender should be submitted only in online https://www.tendersodisha.gov.in. 7. Other details: Detailed tender condition specified in DTCN.

| Procurement Officer | Bid Identification No. | No. of Works | Availability of tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | |
| Executive Engineer, Rural Works Division, Rayagada | EERWRGD Online-07/2025-26 | 22 (Twenty Two) Nos. | 30.10.2025 at 11.00 A.M. | 15.11.2025 upto 5.00 P.M. | 14.11.2025 upto 5.00 P.M. | 17.11.2025 at 11.00 A.M. |

Further details can be seen from the website: www.tendersodisha.gov.in

Sd./- Executive Engineer
OIPR-25072/11/0032/2526 Rural Works Division, Rayagada

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR

No. O-1167

**e-Procurement Notice**

| | | | |
|---|---|---|---|
| 1. | Name of Works | : | Improvement and Construction of Road under MMSY-Improvement to Existing RD Road, MMSY-TRIP and MMSY-CMRL for the year 2025-26 in the district of Bolangir and Subarnapur |
| 2. | No. of Work | : | 28 (Twenty Eight) Works |
| 3. | Time for Completion varies from | : | 6 (Six) to 9 (Nine) Calendar Months |
| 4. | Approximate estimated cost varies from | : | Rs.176.94 lakhs to Rs.498.28 lakhs |
| 5. | Mode of submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-28/ 2025-26 | 30.10.2025 at 11.00 A.M. | 13.11.2025 upto 5.00 P.M. | 12.11.2025 upto 5.00 P.M. | 14.11.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in.
- Any Corrigendum/Addendum will be displayed in the above e tender website only.

OIPR-25118/11/0070/2526 Sd./- Chief Construction Engineer, R.W. Circle, Bolangir

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION, BONAI

E-mail: rwd.bonai@yahoo.com

**TENDER CALL NOTICE**

No. O-1224 BID IDENTIFICATION NO. ONLINE-EEBNI-02 of 2025-26

01. Name of the Work : Road Works
02. Total No. of Works : 27 (Twenty Seven) Nos.
03. Estimated Cost : Rs.5.08 to 50.85 lakhs
04. Class of Contractor : "D", "C" & "B" Class
05. Period of Completion : 02 (Two) Months
06. Type of Tender : Single Cover/Double Cover

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date and time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bonai | Online - EEBNI-02 of 2025-26 | 30.10.2025 from 10.00 A.M. | 13.11.2025 upto 5.00 P.M. | 12.11.2025 upto 5.00 P.M. | 14.11.2025 at 11.00 A.M. | Will be intimated separately |

07. Other Details :

Further details can be seen from the website www.tendersorissa.gov.in & for more information please visit the office.

OIPR-25200/11/0006/2526 Sd./- Executive Engineer, R.W. Division, Bonai

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଲାବନ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାନୁଆରୀ ୧୦ରେ କପିଳାସ ହାଫ୍ ମାରାଥନ


କପିଳାସ ହାଫ୍ ମାରାଥନ ନିମନ୍ତେ ଜର୍ସି ଉନ୍ମୋଚନ କରାଯାଉଛି।

**ଢେଙ୍କାନାଳ, ୨୯।୧୦ (ରତନ ନାୟାର)**

କପିଳାସ ହାଫ୍ ମାରାଥନର ତୃତୀୟ ସଂସ୍କରଣ ୨୦୨୬ ଜାନୁଆରୀ ୧୦ରେ ଢେଙ୍କାନାଳ ଜିଲା କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅନୁଷ୍ଠିତ ହେବ। ଟାଟା ଷ୍ଟିଲ୍ ମେରାମଣ୍ଡଳୀ(ଟିଏସ୍ଏମ୍) ପକ୍ଷରୁ ଢେଙ୍କାନାଳ ଜିଲା ପ୍ରଶାସନ ସହଯୋଗରେ ଏହାର ଆୟୋଜନ କରାଯାଇଛି। ଏ ସମ୍ପର୍କରେ ଢେଙ୍କାନାଳସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ନ ୧୧ଟାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଖବରଦାତା ସମ୍ମିଳନୀରେ ହାଫ୍ ମାରାଥନର ଅଫିସିଆଲ ଟି-ସାର୍ଟକୁ ଢେଙ୍କାନାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉନ୍ମୋଚନ କରିଥିଲେ। ଏସ୍ପି ଅଭିନବ ସୋନକର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, କମ୍ପାନୀ କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ମୋହିତ ଦାସ, କ୍ରୀଡା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜନ୍ମ ଶତବାର୍ଷିକ ପାଇଁ ଶହୀଦ ବୀର ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ହାଫ୍ ମାରାଥନରେ ଜୈବ ବିବିଧତା ସଂରକ୍ଷଣ, ବିଶେଷକରି ହାତୀ ସୁରକ୍ଷାକୁ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ଏଥିସହ କପିଳାସକୁ ବିଶ୍ୱବ୍ୟାପୀ ଇକୋ-ଟୁରିଜିମ୍ ଏବଂ ପ୍ରଫେଶନାଲ ଦୌଡ଼ର ସ୍ଥଳ ଭାବରେ ସ୍ଥାପିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ହାଫ୍ ମାରାଥନରେ ୩ଟି ବର୍ଗ ରହିବ। ୧୮ବର୍ଷ ଓ ଊର୍ଦ୍ଧ୍ୱ ବୟସର ଅଂଶଗ୍ରହଣକାରୀଙ୍କ ପାଇଁ ୨୧ କିଲୋମିଟର, ୧୦ କିଲୋମିଟର ଦୌଡ଼, ୧୪ରୁ ୧୮ବର୍ଷ ବୟସର ବାଳିକା ଓ ବାଳକଙ୍କ ପାଇଁ ୫ କିଲୋମିଟର ଦୌଡ଼ ରହିଛି । ବିଶ୍ୱବ୍ୟାପୀ ମାରାଥନ ଲାଗି ସ୍ୱୀକୃତିପ୍ରାପ୍ତ ସଂସ୍ଥା ଆସୋସିଏଶନ ଅଫ୍ ଇଣ୍ଟରନ୍ୟାଶନାଲ ମାରାଥନ ଆଣ୍ଡ୍ ଡିଷ୍ଟାନ୍ସ ରେସେସ୍(ଏଆଇଏମ୍ଏସ୍) ପକ୍ଷରୁ ଏହି ମାରାଥନର ମାର୍ଗକୁ ସ୍ୱୀକୃତି ଦିଆଯାଇଛି। ଏହି ଅବସରରେ ଢେଙ୍କାନାଳ ଜିଲାପାଳ ପାଟିଲ ଜିଲା ପ୍ରଶାସନ ଓ ଅନ୍ୟ ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସଫଳ ହେବ ବୋଲି କହିଥିଲେ। ଜିଲା ପ୍ରଶାସନ ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇ କମ୍ପାନୀ କର୍ପୋରେଟ ସେବାର ଉପସଭାପତି ଡି.ବି. ସୁନ୍ଦର ରମମ୍ କ୍ରୀଡ଼ାକୁ ଫିଟନେସ୍, ଉତ୍ତମ ସ୍ୱାସ୍ଥ୍ୟ ଓ କମ୍ୟୁନିଟି ସ୍ପିରିଟ୍ର ପ୍ରୋତ୍ସାହନ ପାଇଁ ବ୍ୟବହାର କରିବାରେ ବିଶ୍ୱାସ କରୁ ବୋଲି କହିଥିଲେ। ଉପସଭାପତି(ପରିଚାଳନା) ଉତ୍ତମ ସିଂହ ଏକ ସୁସ୍ଥ ମନ ଓ ଶରୀରର ଯାତ୍ରା ପ୍ରକୃତିକୁ ଆପଣାଇବା ଏବଂ ଅଧ୍ୟବସାୟର ଶକ୍ତିରୁ ହିଁ ହୋଇଥାଏ ବୋଲି କହିଥିଲେ। ଆଗ୍ରହୀ କ୍ରୀଡ଼ାବିତ୍‌ମାନେ ଆସନ୍ତା ଡିସେମ୍ବର ୧୫ ତାରିଖ ଭିତରେ ଏଥିପାଇଁ ନିଜର ନାମ ପଞ୍ଜୀକରଣ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ଫାଇନାଲରେ ଓଡ଼ିଶା ପୋଲିସ

## ନନ୍ଦକିଶୋର ସ୍ମାରକୀ ମହିଳା ଫୁଟ୍‌ବଲ

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

ନୟାପଲ୍ଲୀର ସିଟି କ୍ଲବ୍ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦଳ ଭାବେ ଓଡ଼ିଶା ପୋଲିସ ଟିମ୍ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ପୋଲିସ ଟାଇବ୍ରେକରରେ ୩-୨ ଗୋଲରେ କେନ୍ଦୁଝରର ତାରିଣୀ ଏଫ୍‌ସିକୁ ପରାସ୍ତ କରିଛି। ପେନାଲ୍ଟି ଶୁଟ୍‌ଆଉଟ୍ ପର୍ଯ୍ୟାୟରେ ଓଡ଼ିଶା ପୋଲିସ ପକ୍ଷରୁ ଯଶୋଦା ମୁଣ୍ଡା, ସତ୍ୟବତୀ ଖାଡ଼ିଆ ଓ ସସ୍ମିତା ତାନ୍ତି ଏବଂ ତାରିଣୀ ଏଫ୍‌ସି ପକ୍ଷରୁ ପୂର୍ଣ୍ଣିମା ମୁଣ୍ଡା ଓ ଅର୍ଚ୍ଚିତା ରାଉତ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ପୋଲିସ ଗୋଲ୍‌କିପର ମଞ୍ଜୁ ଗଞ୍ଜୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଥିଲା। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର ଉପସଭାପତି ଦିଲୀପ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବୃନ୍ଦାବନ ଦଳବେହେରା, ଅଶୋକ କୁମାର ମହାନ୍ତି, ମହମ୍ମଦ ସହିଦ ଜବାର, ସୁରେଶ କୁମାର ସ୍ୱାଇଁ, ଜଲିଲ ଖାଁ, ରଞ୍ଜିତା ମହାନ୍ତି, ସୁଦୀପ୍ତା ଦାସ, ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସିଟି କ୍ଲବ୍ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୩୦ ତାରିଖରେ ଦ୍ୱିତୀୟ ସେମିଫାଇନାଲ ନୀତା ଫୁଟ୍‌ବଲ ଏକାଡେମୀ ଓ ସୁନ୍ଦରଗଡ଼ର କୁଆଁରମୁଣ୍ଡା ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ। ୩୧ ତାରିଖ ଅପରାହ୍ନ ୪ଟାରେ ଫାଇନାଲ ଖେଳାଯିବ।



ମଞ୍ଜୁ ଗଞ୍ଜୁଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ସ୍ନେହା, ରିଙ୍କି, ମୁନା, ଜଗଦୀଶଙ୍କୁ ସ୍ୱର୍ଣ୍ଣ

## ରାଜ୍ୟ ଭାରୋତ୍ତୋଳନ

**ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ଚାଲିଥିବା ୭୨ତମ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତାର ବୁଧବାର ଦ୍ୱିତୀୟ ଦିବସ ସନ୍ଧ୍ୟାସୁଦ୍ଧା ୟୁଥ ବାଳିକା ବର୍ଗରେ ୪୮, ୫୩ ଓ ୫୮ ଏବଂ ବାଳକ ବିଭାଗର ୫୬, ୬୦, ୬୫ ଓ ୭୧ କେଜି ବର୍ଗର ପ୍ରତିଯୋଗିତା ଶେଷ ହୋଇଛି। ସେହିପରି ଜୁନିୟର ଓ ସିନିୟର ବିଭାଗର ୪୮, ୫୩ ଓ ୫୮ କେଜି ବର୍ଗର ପ୍ରତିଯୋଗିତା ସମ୍ପନ୍ନ ହୋଇଛି। ସିନିୟର ମହିଳା ୪୮ କେଜିରେ ରିଙ୍କି ନାୟକ, ୫୩ କେଜିରେ ସ୍ନେହା ସୋରେନ, ୫୮ କେଜିରେ ରିମା ଭୋଇ ଏବଂ ପୁରୁଷ ୬୦ କେଜିରେ ମୁନା ନାୟକ, ୬୫ କେଜିରେ ଜଗଦୀଶ ନାୟକ ଓ ୭୧ କେଜିରେ ସ୍ୱୟମଜିତ ପ୍ରସାଦ ସାହୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଜୁନିୟର ମହିଳା ୪୮ କେଜିରେ ବିନିତା ନାୟକ, ୫୩ କେଜିରେ ମୀନା ସିଂ, ୫୮ କେଜିରେ ମୀନା ସାନ୍ତା (ଏ), ପୁରୁଷ ୬୦ କେଜିରେ ସୁବ୍ରତ ନାଏକ, ୬୫ କେଜିରେ ସଦାନନ୍ଦ ବରିହା ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୟୁଥ୍ ବାଳିକା ୪୪ କେଜିରେ ଅଭିପ୍ସା ଆଚାର୍ଯ୍ୟ, ୪୮ କେଜିରେ ବିନିତା ପାଏକ, ୫୩ କେଜିରେ ମୀନା ସିଂ, ୫୮ କେଜିରେ ମୀନା ସାନ୍ତା, ବାଳକ ୫୬ କେଜିରେ ହର୍ଷବର୍ଦ୍ଧନା ସାହୁ, ୬୦ କେଜିରେ ସୁବ୍ରତ ନାଏକ, ୬୫ କେଜିରେ ପ୍ରଫୁଲ୍ଲ ଖାଡା ଏବଂ ୭୧ କେଜିରେ ଏମ. ଭିନାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାଜ୍ୟ ଭାରୋତ୍ତୋଳନ ସଂଘର ଆନ୍ତରିଣ ସମ୍ପାଦକ ଗୋପାଳକୃଷ୍ଣ ଦାସ, ଅଲିମ୍ପିଆନ କେ, ରବିକୁମାର, ସୌମିତ୍ରୀ ମଣ୍ଡଳ, ରାଜୀବ ଲୋଚନ ଷଡ଼ଙ୍ଗୀ, ଜୋଲଟନ ଫରକାସ, ହିମାସ ଗାପାସି, ପି. ଧର୍ମାରାଓ, ପଦ୍ମିନୀ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।



ପଦକ ବିଜେତା ଭାରୋତ୍ତୋଳକଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



**ଲାବନ୍ୟା ରାଉତରାୟ**
ସଂସାରଫଳ, ପଟ୍ଟାମୁଣ୍ଡାଇ
ପବିତ୍ର ଜନ୍ମଦିନ ଅବସରରେ କରୁଣାମୟ ଶ୍ରୀଜଗନ୍ନାଥ ଆମ ଗେହ୍ଲା ନାତୁଣୀ ଲାବନ୍ୟାକୁ କୋଟି ଆୟୁଷ ଦିଅନ୍ତୁ।
ଶୁଭେଚ୍ଛାସହ:
ଜେଜେ, ଜେମା', ଅଜା, ଆଈ, ବାପା, ବୋଉ, ବଡ଼ବାପା, ବଡ଼ବୋଉ, କକା, କାକି ଓ ଭାଇ ଭଉଣୀ।
ଧ-୨୪୧୯


# ରୋହିତ ଶର୍ମା ନଂ-୧

**ଦୁବାଇ, ୨୯।୧୦(ପି.ଟି.):** ଭାରତର ପୂର୍ବତନ ଅଧିନାୟକ ରୋହିତ ଶର୍ମା ବୁଧବାର ଆଇସିସି ପୁରୁଷ ଦିନିକିଆ ବ୍ୟାଟରଙ୍କ ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଜାଜ୍ୱଲ୍ୟମୟ କ୍ୟାରିୟରରେ ସେ ପ୍ରଥମ ଥର ପାଇଁ ଏହି ସଫଳତା ପାଇଛନ୍ତି। ଏହି ପ୍ରକ୍ରିୟାରେ ସେ ଆଫଗାନିସ୍ତାନର ଓପନର ଇବ୍ରାହିମ ଜଦ୍ରାନ ଓ ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ପଛରେ ପକାଇଛନ୍ତି। ରୋହିତଙ୍କ ବ୍ୟତୀତ ଟପ୍-୧୦ ବ୍ୟାଟରଙ୍କ ମଧ୍ୟରେ ୩ ଭାରତୀୟ ରହିଛନ୍ତି।

# କେନ୍ଦ୍ରାପଡ଼ାରେ ମହିଳା ଫିଡେ ରେଟିଂ ଚେସ୍

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ରାଜ୍ୟ ସିନିୟର ମହିଳା ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି। କେନ୍ଦ୍ରାପଡ଼ାର ଗରାପୁରଠାରେ ଏହା ନଭେମ୍ବର ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ପ୍ରଥମଥର ଲାଗି ୫୦,୦୦୦ ଟଙ୍କାର ପୁରସ୍କାର ରାଶି ଏବଂ ୪୩ଟି ଟ୍ରଫି ପ୍ରଦାନର ବ୍ୟବସ୍ଥା କରାଯାଇଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନରଅପ୍‌ଙ୍କୁ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ୫ରୁ ୧୫ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ୩ ଜଣ ଲେଖାଏ ଖେଳାଳିଙ୍କୁ ଆକର୍ଷଣୀୟ ଟ୍ରଫି ଏବଂ ଶ୍ରେଷ୍ଠ ଭେଟେରାନ୍, ଭିନ୍ନକ୍ଷମ ଏବଂ କେନ୍ଦ୍ରାପଡ଼ା ଜିଲାର ସ୍ଥାନୀୟ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯିବ। ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଆୟୋଜକ ଆସୋସିଏଶନ ସଭାପତି କିଶୋର ପଣ୍ଡା ପ୍ରକାଶ କରିଛନ୍ତି। ପ୍ରତିଯୋଗିତାର ଶ୍ରେଷ୍ଠ ୪ ପ୍ରତିଯୋଗୀ ଆଗାମୀ ଜାତୀୟ ସିନିୟର ମହିଳା ଚେସ୍‌ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହେବେ। ଜାତୀୟ ପ୍ରତିଯୋଗିତା ଡିସେମ୍ବର ୩ରୁ ୧୩ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ଦୁର୍ଗାପୁରଠାରେ ଅନୁଷ୍ଠିତ ହେବ। ଗୁରୁବାର ସକାଳ ୧୦ଟା ମଧ୍ୟରେ ୫୦୦ ଟଙ୍କା ଏଣ୍ଟ୍ରି ଫି' ଦେଇ ପ୍ରତିଯୋଗୀମାନେ ନିଜ ନାମ ପଞ୍ଜୀକୃତ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ଭବେଶ ମହାନ୍ତି ଜଣାଇଛନ୍ତି।

# ଓଡ଼ିଶାର ସାର୍ଥକଙ୍କୁ ବ୍ରୋଞ୍ଜ ପଦକ

## ଏସିଆନ୍ ୟୁଥ୍ ଗେମ୍ସ

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

ବାହାରିନ୍‌ରେ ଅନୁଷ୍ଠିତ ଏସିଆନ୍ ୟୁଥ୍ ଗେମ୍ସରେ ଓଡ଼ିଶାର ସାର୍ଥକ ଆର୍ଯ୍ୟ ଟେବୁଲ ଟେନିସ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲକରି ଇତିହାସ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ସାର୍ଥକ ଓ ବେଙ୍ଗଲର ସିନ୍ଡ୍ରେଲା ଦାସ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ମହାଦେଶୀୟ ୟୁଥ୍ ଟେବୁଲ ଟେନିସ୍‌ର ଡବଲ୍ସ ଇଭେଣ୍ଟରେ ଭାରତର ଏହା ପ୍ରଥମ ପଦକ। ସାର୍ଥକ ଓ ସିନ୍ଡ୍ରେଲା ଯୋଡ଼ି କ୍ୱାର୍ଟର ଫାଇନାଲରେ ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ କୋରିଆ ଯୋଡ଼ି ଲି ସଙ୍ଗ୍‌ସୁ ଓ ହିୟୋ ୟେରିମ୍‌ଙ୍କୁ ୩-୨ରେ ପରାସ୍ତ କରିଥିଲା। ସେମିଫାଇନାଲରେ ପ୍ରଥମ ୨ ସେଟ୍ ଜିତି ଫାଇନାଲ ଦ୍ୱାରରେ ପହଞ୍ଚିଥିଲେ ହେଁ ପରବର୍ତ୍ତୀ ୩ ସେଟ୍ ହାରି ଚାଇନା ଯୋଡ଼ି ତାଙ୍ଗ ୟିରେନ ଓ ହୁ ୟି'ଙ୍କଠାରୁ ୨-୩ (୧୧-୫, ୧୧-୯, ୯-୧୧, ୮-୧୧, ୯-୧୧)ରେ ପରାଜିତ ହୋଇଥିଲେ। ଏସୀୟ ପ୍ରତିଯୋଗିତା ପରି ଏକ ବଡ଼ ମଞ୍ଚରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ସାର୍ଥକ ଓ ସିନ୍ଡ୍ରେଲାଙ୍କୁ ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ମ୍ୟାଚ୍ ଡ୍ର ; ଓଡ଼ିଶାକୁ ୬, ଆସାମକୁ ୨ ପଏଣ୍ଟ

## ସି.କେ. ନାଇଡୁ ଟ୍ରଫି

**ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)**

କିଟ୍ କ୍ରିକେଟ୍ ଷ୍ଟାଡିୟମରେ ବୁଧବାର ଶେଷ ହୋଇଥିବା ଓଡ଼ିଶା-ଆସାମ ୨୩ ବର୍ଷରୁ କମ୍ କଲୋନେଲ ସି.କେ. ନାଇଡୁ ଟ୍ରଫି କ୍ରିକେଟ୍ ମ୍ୟାଚ ଅମୀମାଂସିତ ଭାବେ ଶେଷହୋଇଛି। ବର୍ଷା ଯୋଗୁ ୪ର୍ଥ ଦିବସ ଖେଳ ସମ୍ଭବ ହୋଇ ନ ଥିଲା। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପଏଣ୍ଟ ସିଷ୍ଟମ ଅନୁସାରେ ଓଡ଼ିଶାକୁ ୬ ଓ ଆସାମକୁ ୨ ପଏଣ୍ଟ ମିଳିଛି। ଉଭୟ ଦଳକୁ ଗୋଟିଏ ଲେଖାଏ ମ୍ୟାଚ୍ ପଏଣ୍ଟ ମିଳିଥିବାବେଳେ ବ୍ୟାଟିଂରେ ଓଡ଼ିଶାକୁ ୧ ଓ ଆସାମକୁ ୦ ଏବଂ ବୋଲିଂରେ ଓଡ଼ିଶାକୁ ୪ ଓ ଆସାମକୁ ୧ ପଏଣ୍ଟ ମିଳିଛି। ଏଥିରେ ଆସାମ ପ୍ରଥମ ଇନିଂସ୍‌ରେ ୨୧୬ ରନ୍ କରିଥିବାବେଳେ ଓଡ଼ିଶା ୩ ଉଇକେଟ ହରାଇ ୧୬୯ ରନ୍ କରିବାପରେ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଉଭୟ ଦଳର ପ୍ରଥମ ଇନିଂସ୍ ଶେଷ ହୋଇ ନ ଥିବାରୁ ବିସିସିଆଇ ନିୟମ ଅନୁସାରେ ପଏଣ୍ଟ ପ୍ରଦାନ କରାଯାଇଥିଲା।


# Classified Everyday
**0674-2580101, 9692975378**


**REAL ESTATE**
**SALE**

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2398

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834 D-06




Fully furnished residential accommodation near Allen College Koustav Chandrasekharpur. 8895154066. D-2416

Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944




Full body massage by odia therapist in homely atmosphere. 9078618337. D-2417

**AFFIDAVIT**

By virtue of an affidavit sworn before the Notary Public, Saintala dated.- 23.10.2025, Sl.No.- 87, I, Jamuna Bhoi, Resident of Village At- Dedhel, P.O.- Ghunsar, P.S.- Saintala, Dist:- Balangir (Odisha), PIN– 767032 declare that I have changed my name from Amrita Majhi to Jamuna Bhoi. Henceforth, I shall be known as Jamuna Bhoi for all purpose.
Jamuna Bhoi
D-2414

By virtue an affidavit sworn before the Executive Magistrate, dated- 27.10.2025, I, Smrutilata Dash, W/o.- Madhusudan Dash, Address: At- Chainpur, P.O./P.S.- Bonth, Dist.- Bhadrak, PIN- 756114, Odisha declare that I have changed my name from Srutilata Dash to Smrutilata Dash. Henceforth, I shall be known as Smrutilata Dash for all purposes. D-2413

By virtue of an affidavit sworn before the Executive Magistrate, Sundargarh, date- 27.10.25, I, Prakash Podh, S/o.- Late Shyam Podh, R/o. Village/P.O.- Tikilipara, P.S.- Hemgir, Dist.- Sundargarh, Odisha declare that my father Late Shyam Podh official nominee record of MCL my name has been erroneously mentioned as PRANAY KU. PODH. That both the names PRAKASH PODH and PRANAY KU. PODH refers to one and same person. D-2421

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, **KANU CHARAN BEURA**, S/o.- Late Kumar Beura, Resident of At- Padasahi, P.O.- Raghunathpur, P.S.- Nandankanan, Bhubaneswar, Dist.- Khordha, PIN- 754005, Odisha declare by this affidavit No.- 878 dtd.- 27.10.2025 that now onwards I shall be known as **KANHU CHARAN BEURA** for all purposes. D-2412

**LOST**

Original property document Sale Deed, Link Documents, Patta/ ROR & money receipt of property at address Plot No.- 766/4573 & 765/4557 & 767/4556, Khata No.432/2669 & 432/2660, Mouza- Dumduma, P.S.- Khandagiri, SRO/Tahasil- Bhubaneswar, Dist.- Khurda belonging to Surya Kumari Prusty, W/o.- Late Basanta Kumar Prusty, R/o Plot No.- 1294, N-1/175, Nayapalli, Bhubaneswar, has been lost/misplaced inadvertently. Finder may please contact at 9937147355. Duplicate will be applied for if unclaimed within 7 days. D-76867

**LEGAL NOTICE**

IN THE COURT OF THE SUB-COLLECTOR, CUTTACK.
MUTATION APPEAL NO. 12/25.
Ashok Kumar Mohanty & others. ....Appellants.
VERSUS
Himansu Sekhar Mohanty & others. .....Respondents.
To.
Respondent No.2) Kalyani Mohanty, aged about 41 years. 3) Chumuki Mohanty, aged about 37 years. No.2 & 3 are Daughters of Late Ramanath Mohanty, Both are of Village- Mallipur, P.O/P.S-Kishannagar, Dist.- Cuttack.
You are hereby noticed to appear in the above Appeal on dt.- 25.11.2025, failing which the Appeal will be decided in your absence.
S/d.- SUB COLLECTOR, CUTTACK.
D-2420

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

## ୧୬ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି**
ସ୍ୱାମୀ- ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁପରିଜନ
ଧ-୨୪୧୮

## Shradhanjali



DOB: 15.08.1933
DOD: 21.10.2025
**Late Soudamini Misra**
(W/o: Late Biswanath Misra)
A gentle and caring soul, will continue to live in our memories and be in our prayers always.
**DEEPLY MOURNED BY**
Bereaved Sons Manoranjan Mishra, Sudhansu Ranjan Mishra and other grieving relatives and family members
D-2422

ପରଦାରେ...

# ଶମ୍ଭୁ



ତମନ୍ନା

ବିଭୂତି ଭୂଷଣ ଜେନାଙ୍କ ପ୍ରଯୋଜିତ ଓଡ଼ିଆ ଫିଲ୍ମ 'ଶମ୍ଭୁ' ଚଳିତ ମାସ ୩୧ ତାରିଖରେ ରିଲିଜ ହେବାକୁ ଯାଉଛି। ଅନୁପମା ଜେନାଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଏସ. ଦିଲୀପ ପଣ୍ଡା। ଏହାର ନାୟକ ସାଜିଛନ୍ତି ନବାଗତ ଶୁଭମ୍। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଦୀପକ କୁମାର। ଏହାର ସହ ପ୍ରଯୋଜକ ଅଛନ୍ତି ବିବେକ ଜେନା ଓ ଅଭିଷେକ ଜେନା । ଏଥିରେ ଶୁଭମଙ୍କ ଅପୋଜିଟ୍‌ରେ ଅଛନ୍ତି ତମନ୍ନା। ଯାତ୍ରା ଜଗତର ଖଳନାୟକ ପୀୟୂଷ ତ୍ରିପାଠୀ, ଜୀବନ ପଣ୍ଡା, ଡିସ୍କୋ ରେଡ୍ଡୀ,ଚିନ୍ତାମଣି,ଐଶ୍ୱର୍ଯ୍ୟାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।



ଅନନ୍ୟା

# ଭାବି ନ ଥିଲେ ଅନନ୍ୟା

ଅନନ୍ୟା ପାଣ୍ଡେ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ତାହା ତାଙ୍କ ପାଇଁ ଏକ ସରପ୍ରାଇଜ ଥିଲା କହିଲେ ଟିକିଏ ହେଲେ ଭୁଲ୍ ହେବ ନାହିଁ। କାରଣ ସେତେବେଳେ ସେ ପାଠପଢ଼ାରେ ବ୍ୟସ୍ତ ଥିଲେ। ହଠାତ୍ କରନ୍ ଜୋହରଙ୍କ ପରି ନାମୀ ପ୍ରଯୋଜକଙ୍କ ନିକଟରୁ ଅଫର ପାଇବା ପରେ ତାହାକୁ ସେ ସହଜରେ ବିଶ୍ୱାସ କରିପାରି ନ ଥିଲେ। କରନ୍ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର ୨'ର ଫିମେଲ ଲିଡ୍ ପାଇଁ ଜଣେ ନବାଗତାଙ୍କ ସନ୍ଧାନରେ ଥିଲେ। ଏକଦା ତାଙ୍କର ଚଙ୍କି ତନୟା ଅନନ୍ୟାଙ୍କ କଥା ମନକୁ ଆସିଥିଲା ଆଉ ବିଳମ୍ବ ନ କରି ସେ ଚଙ୍କିଙ୍କ ସହ ଯୋଗାଯୋଗ କରିଥିଲେ। ଶେଷରେ ମାମା-ପାପାଙ୍କ କଥାକୁ କାଟି ନ ପାରି ଅନନ୍ୟା ଅଡିଶନ୍ ଦେବାକୁ ଯାଇଥିଲେ। ଆଉ ଯେତେବେଳେ ସେ ଜାଣିଲେ ଯେ ଏହି ରୋଲ୍ ପାଇଁ ତାଙ୍କୁ ଚୟନ କରାଯାଇଛି ତାଙ୍କ ଆଖିରୁ ଦୁଇ ଟୋପା ଆନନ୍ଦାଶ୍ରୁ ଆସି ଯାଇଥିଲା। ଏ ନେଇ ଅନନ୍ୟା କହନ୍ତି, ''କରନ୍ ସାର୍ ଯେତେବେଳେ ମୋତେ ଜଣାଇଲେ ଯେ ମୁଁ ଅଡିଶନରେ ପାସ୍ କରିଛି ସେତେବେଳେ ମୁଁ ତାହାକୁ ବିଶ୍ୱାସ କରିପାରି ନ ଥିଲି। କାରଣ ଏତେ ଶୀଘ୍ର ବଲିଉଡ୍‌ରେ ଏଣ୍ଟ୍ରି ପାଇଁ ମୁଁ ମାନସିକ ସ୍ତରରେ ପ୍ରସ୍ତୁତ ନ ଥିଲି। ଯାହାହେଉ ଦର୍ଶକଙ୍କ ଭଲ ପାଇବା ଯୋଗୁ ଆଜି ମୋର ଆକ୍ଟିଂ କ୍ୟାରିୟର ଚାଲୁ ରହିଛି। ଏକଥା ସତ ଯେ ମୋର ଛଅ ବର୍ଷର କ୍ୟାରିୟର ଭିତରେ ମୁଁ ମାତ୍ର ୧୨ଟି ସିନେମାରେ ଅଭିନୟ କରିଛି। ଭବିଷ୍ୟତରେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଆଶା ରଖିଛି।'' ଅନନ୍ୟା ଏବେ 'ଚାନ୍ଦ ମେରା ଦିଲ୍' ଫିଲ୍ମ ଶୁଟିଂରେ ବ୍ୟସ୍ତ ଅଛନ୍ତି।

# ବାଲିଯାତ୍ରା

ଆମ ରାଜ୍ୟର ଅନେକ ପ୍ରାଚୀନ ପରମ୍ପରା ଏବେ ବି ବଞ୍ଚି ରହିଛି। ତନ୍ମଧ୍ୟରୁ ଅନ୍ୟତମ ହେଉଛି ବାଲିଯାତ୍ରା। ସେହି ସ୍ୱର୍ଣ୍ଣିମ ଗାଥାକୁ ଏକ ନାଟ୍ୟାଭିନୟ ମାଧ୍ୟମରେ ଉପସ୍ଥାପନା କରାଯାଉଛି, ଯାହାର ଶୀର୍ଷକ ରହିଛି 'ବାଲିଯାତ୍ରା'। ଏହାର ପରିକଳ୍ପନା, ବିଷୟବସ୍ତୁ, ଗୀତ ରଚନା ସାଙ୍ଗକୁ ସଙ୍ଗୀତ ନିର୍ଦ୍ଦେଶନାର ଗୁରୁ ଦାୟିତ୍ୱ ବହନ କରିଛନ୍ତି ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ସୌଭାଗ୍ୟଲକ୍ଷ୍ମୀ ଜେନା (ବିନି)। ସାଇ ଶ୍ରଦ୍ଧା ପ୍ରଡକ୍ସନ ବ୍ୟାନରରେ ଏହାର ସଙ୍ଗୀତଭିତ୍ତିକ ଅଡିଓ ଭିଜୁଆଲ ପ୍ରସ୍ତୁତ ହେଉଛି। ଏଥିରେ ପ୍ରମୁଖ ଭୂମିକାରେ ଅଛନ୍ତି ଅଶ୍ରୁମୋଚନ ମହାନ୍ତି, ଶ୍ରୀତମ ଦାସ, ସୁକାନ୍ତ ରଥ, ଅଖିଳ ପଟ୍ଟନାୟକ, ସାହେବ ସିଂ, ସୋହମ, ଶୁଭାଶିଷ, ଶକ୍ତି ବରାଳ, ଶମ୍ଭୁ ଖୁଣ୍ଟିଆ, ମିଲୁ, ହିତେଶ। ବାଗ, ଲଭରିନ ଖାନ,ଲିପ୍ସା ମହାରଣା, ସୌମ୍ୟା ସୁଚରିତା ସାହୁ, ସଙ୍ଗୀତା ବେହେରା, ମାମାଲି ସାହୁ, ଲିପ୍ସା ଓ ପ୍ରିୟଙ୍କା ସାହୁ। କୋରିଓଗ୍ରାଫି କରିଛନ୍ତି ବବି ଇସଲାମ୍। ପାରିକୁଦ ଓ ଭିଙ୍ଗାରପୁରଠାରେ ଏହାର ଶୁଟିଂ ଚାଲିଛି। ଆସନ୍ତା ନଭେମ୍ବର ୫ ତାରିଖରେ ଏହା ଲୋକାର୍ପିତ ହେବ ବୋଲି ସୂଚନା ଦେଇଛନ୍ତି ସୌଭାଗ୍ୟଲକ୍ଷ୍ମୀ। ତେବେ ଏହି ନାଟ୍ୟାଭିନୟର ସଫଳତାକୁ ନେଇ ଦୃଢ଼ ଆଶାବାଦୀ ଅଛନ୍ତି ଡ. ଶତପଥୀ।



'ବାଲିଯାତ୍ରା'ର ଏକ ଦୃଶ୍ୟ

# ଅପେକ୍ଷାର ଫଳ ମିଠା...

ସତରେ ଅପେକ୍ଷାର ଫଳ ମିଠା। କିନ୍ତୁ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବା ହେଲା ବଡ କଥା। ନିଜ ମାରାଥନ ଅଭିନୟ କ୍ୟାରିୟରରେ ପ୍ରିୟଙ୍କା ଚୋପ୍ରା ତେଲୁଗୁ ସିନେମାରେ ଅଭିନୟ କରି ନ ଥିଲେ। 'ଏସ୍ଏସ୍ଏମ୍‌ବି୨୯' ଟାଇଟଲ ବିଶିଷ୍ଟ ତେଲୁଗୁ ଫିଲ୍ମର ସେ ନାୟିକା ସାଜୁଛନ୍ତି। ଏହାର ନାୟକ ଚରିତ୍ରରେ ଅଭିନୟ କରିବେ ସୁପରଷ୍ଟାର ମହେଶବାବୁ। ସବୁଠାରୁ ଖାସ୍ କଥା ହେଲା, ଏହି ବିଗ୍ ବଜେଟ୍ ଫିଲ୍ମର ନିର୍ଦ୍ଦେଶନା ଦେବେ ପ୍ରଖ୍ୟାତ ନିର୍ଦ୍ଦେଶକ ଏସ.ଏସ. ରାଜମୌଲି। ଚିତ୍ରିଟିର ମୁଖ୍ୟ ଭୂମିକା ଫାଇନାଲ ହୋଇଥିବା ବେଳେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏହାର ବଜେଟ ରଖାଯାଇଛି ପାଖାପାଖି ୧୧୦୦ କୋଟି। ଅନ୍ୟପକ୍ଷରେ ରାଜମୌଲିଙ୍କ ନିର୍ଦ୍ଦେଶିତ 'ଆର୍ଆର୍ଆର୍'ର ପାଞ୍ଚବର୍ଷ ପୂର୍ତ୍ତି ଅବସରରେ 'ଏସ୍ଏସ୍ଏମ୍‌ବି୨୯' ମାର୍ଚ୍ଚ ୨୫, ୨୦୨୭ରେ ରିଲିଜ ହେବାର ଯୋଜନା ରହିଛି। ଅନ୍ୟପକ୍ଷରେ ଏଭଳି ଏକ ସୁଯୋଗ ପାଇଥିବାରୁ ପ୍ରିୟଙ୍କାଙ୍କ ଖୁସି କହିଲେ ନ ସରେ। ଏ ବିଷୟରେ ପ୍ରିୟଙ୍କା କହନ୍ତି, ''ଯେତେବେଳେ ମୁଁ ଜାଣିଲି ଯେ ରାଜମୌଲି ସାର୍‌ଙ୍କ ପରି ନିର୍ଦ୍ଦେଶକଙ୍କ ଫିଲ୍ମରେ କାମ କରିବି ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। ପୁଣି ଏହି ଫିଲ୍ମରେ ମୋ ଅପୋଜିଟ୍‌ରେ ଅଛନ୍ତି ମହେଶ ବାବୁ। ତେବେ ଫିଲ୍ମଟି ନିଶ୍ଚୟ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିବ ବୋଲି ମୋର ଦୃଢ଼ ବିଶ୍ୱାସ।'' ଏହାବ୍ୟତୀତ ସେ ଏବେ ନିର୍ମାଣାଧୀନ ଦୁଇଟି ହଲିଉଡ୍ ସିନେମା-'ଦ ବ୍ଲଫ୍' ଏବଂ 'ଜଜମେଣ୍ଟ ଡେ'ରେ ଅଭିନୟ କରୁଛନ୍ତି।



ପ୍ରିୟଙ୍କା

# ନାମ ପରିବର୍ତ୍ତନ ଅନ୍ତରାଳେ...

ଅକ୍ଷୟ କୁମାରଙ୍କ ପ୍ରକୃତ ନାମ ଥିଲା ରାଜୀବ ହରି ଓମ୍ ଭାଟିଆ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ନାମକୁ ପରବର୍ତ୍ତନ କରି ଅକ୍ଷୟ କୁମାର ରଖିଥିଲେ। ହେଲେ ଏହାପଛରେ କିଛି କାରଣ ମଧ୍ୟ ଥିଲା। ଏ ବିଷୟରେ ସେ କହନ୍ତି, ''ଏକଦା ମୁଁ ମହେଶ ବାବୁଙ୍କ ଏକ ସିନେମା ଦେଖୁଥାଏ। ଏଥିରେ ଅନୁପ୍ରାଣିତ ହୋଇ ମୋ ନାମକୁ ପରିବର୍ତ୍ତନ କରିବାକୁ ସ୍ଥିର କରିଥିଲି। ହେଲେ ତା'ପୂର୍ବରୁ ମୁଁ ଜଣେ ଜ୍ୟୋତିଷୀଙ୍କ ସହ ଏ ନେଇ କଥା ହୋଇଥିଲି ଏବଂ ସେ ମୋତେ ଏଥିପାଇଁ ସବୁଜ ସଙ୍କେତ ଦେଇଥିଲେ।'' ଅଭିନୟ କରିବା ପୂର୍ବରୁ ସେ ବ୍ୟାଙ୍କକ୍‌ରେ ଜଣେ ସେଫ୍ ଭାବରେ କିଛି ଦିନ କାମ କରିଥିଲେ। ମାର୍ଶଲ ଆର୍ଟସରେ ସେ ଜଣେ ପ୍ରଶିକ୍ଷକ ଭାବରେ ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି। ୧୯୯୧ରେ ତାଙ୍କ ଅଭିନୀତ ପ୍ରଥମ ସିନେମା 'ସୌଗନ୍ଧ' ରିଲିଜ ହୋଇଥିଲା। ଠିକ୍ ଏହାର ପରବର୍ଷ ଅର୍ଥାତ୍ ୧୯୯୨ରେ 'ଖିଲାଡି' ମୁକ୍ତିଲାଭ କଲା ଆଉ ଏହି ଚିତ୍ରଟି ତାଙ୍କୁ ରାତାରାତି ଜଣେ ନାମୀ ଅଭିନେତାର ମାନ୍ୟତା ଦେଇଥିଲା। ଏପରିକି ଏଥିପାଇଁ ତାଙ୍କୁ 'ଖିଲାଡି ମାଷ୍ଟର' ଭାବରେ ସମ୍ବୋଧିତ କରାଯାଇଥାଏ।



ଅକ୍ଷୟ କୁମାର

# ସଜ ହେଉଛନ୍ତି ଜ୍ୟାକ୍‌ଲିନ୍

ମଡେଲିଂରୁ ଅଭିନୟ ଜଗତରେ ପାଦ ଥାପିଥିଲେ ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ନାଡିସ। ନିର୍ଦ୍ଦେଶକ ସୁଜୟ ଘୋଷ ତାଙ୍କୁ ବଲିଉଡ୍‌ରେ ପ୍ରଥମେ ସୁଯୋଗ ଦେଇଥିଲେ। ଫିଲ୍ମଟିର ଟାଇଟଲ ଥିଲା 'ଆଲ୍ଲାଦିନ'। ଅମିତାଭ ବଚ୍ଚନଙ୍କ ପରି ନାମୀ କଳାକାରଙ୍କୁ ନେଇ ପ୍ରସ୍ତୁତ ଏହି ସିନେମାଟି ବକ୍ସ ଅଫିସରେ ଆଶାନୁରୂପ ବିଜନେସ୍ କରିବାରେ ବିଫଳ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ନିଜ ମନୋବଳକୁ ଦୃଢ଼ କରି ଗୋଟିଏ ପରେ ଗୋଟିଏ ସିନେମାର ଅଭିନୟ କରିଚାଲିଛନ୍ତି। ଏବେ ତାଙ୍କୁ ନେଇ ବଲିଉଡ୍‌ରେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ନିକଟରେ ତାଙ୍କୁ ଏକ ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଛି। ତେଣୁ ଏ ନେଇ ସେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏଭଳି ସୁଯୋଗ ବିଷୟରେ ଜ୍ୟାକ୍‌ଲିନ୍ କହନ୍ତି, ''ଏହି ଫିଲ୍ମରେ ମୋତେ ନେଇ କେତୋଟି ଆକ୍ସନ ଶଟ୍ ଶୁଟିଂ କରାଯିବ। ତେଣୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। କେବଳ ସେତିକି ନୁହେଁ, ଏହି ରୋଲ୍‌ଟି ମୋ କ୍ୟାରିୟରକୁ ଏକ ନୂଆ ମୋଡ ଦେବ ବୋଲି ଆଶା ରଖିଛି। ଏହାର ଟାଇଟଲ ଫାଇନାଲ ହୋଇନାହିଁ।'' ତେବେ ଆକ୍ସନ ଭୂମିକାରେ ଜ୍ୟାକ୍‌ଲିନ୍ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ଜ୍ୟାକ୍‌ଲିନ୍

# ଓଡ଼ିଆ ଚଳଚ୍ଚିତ୍ରର ସେନ୍‌ସର ପ୍ରସଙ୍ଗ...

ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରେ ପ୍ରଦର୍ଶନ ହେବା ପୂର୍ବରୁ ସେନ୍‌ସର ସାର୍ଟିଫିକେଟର ଆବଶ୍ୟକତା ପଡିଥାଏ। ଏହି ସେନ୍‌ସର ସାର୍ଟିଫିକେଟର ଜେରକ୍ସ କପି କିମ୍ବା ମୂଳ ସାର୍ଟିଫିକେଟର ଫଟୋକପି ଚିତ୍ରର ପ୍ରଯୋଜକ କିମ୍ବା ଚଳଚ୍ଚିତ୍ର ବିତରକ ପ୍ରେକ୍ଷାଳୟ ମାଲିକଙ୍କୁ ଦେଇଥାନ୍ତି। ସେନ୍‌ସନର ସାର୍ଟିଫିକେଟ ନ ଥାଇ କୌଣସି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ପ୍ରଦର୍ଶନ ହୋଇ ପାରିବ ନାହିଁ। ସିନେମାଟୋଗ୍ରାଫ ଆଇନ କେନ୍ଦ୍ର ସରକାରଙ୍କର ଅଧୀନରେ ପରିଚାଳିତ ଓ ଫିଲ୍ମ ସେନ୍‌ସର ବୋର୍ଡ ମଧ୍ୟ କେନ୍ଦ୍ର ସରକାରଙ୍କ ଅଧୀନରେ ପରିଚାଳିତ। ଭାରତର ତିନି ଗୋଟି ସେନ୍‌ସର ବୋର୍ଡ କାର୍ଯ୍ୟାଳୟ ମୁମ୍ବାଇ, ଚେନ୍ନାଇ, ଏବଂ କୋଲକାତାଠାରେ କାର୍ଯ୍ୟ କରୁଅଛି। ସେନ୍‌ସର ବୋର୍ଡ ସରକାରଙ୍କର ନିର୍ଦ୍ଧାରିତ ନୀତି ଅନୁସାରେ ଗୋଟିଏ ଫିଲ୍ମକୁ 'ୟୁ' (ୟୁନିଭର୍ସାଲ), 'ଏ' (ଆଡଲ୍ଟ) କିମ୍ବା 'ୟୁ/ଏ' ସାର୍ଟିଫିକେଟ ପ୍ରଦାନ କରିଥାନ୍ତି।



ଦର୍ଶକମାନଙ୍କୁ ମନୋରଞ୍ଜନ ଦେବା ଆଳରେ ଯେଉଁସବୁ ଦୃଶ୍ୟ ସେନ୍‌ସର ଆଇନ ବିରୋଧ ସେ ବିଷୟରେ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଭଲ ଭାବରେ ଅବଗତ ହେବା ଦରକାର। ବିଷୟବସ୍ତୁ ଓ ଚିତ୍ରନାଟ୍ୟରେ ଯେପରି ହିଂସା, ମାରିପିଟ୍, ମହିଳାମାନଙ୍କ ଉପରେ ନିର୍ଯାତନା, ଅର୍ଦ୍ଧନଗ୍ନ ଦୃଶ୍ୟ ପ୍ରଦର୍ଶନ, ରାହାଜାନି, ମଦ୍ୟପାନ ଓ ନିଶାଦ୍ରବ୍ୟ ସେବନ ଭଳି ଦୃଶ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର। ଏହାବ୍ୟତୀତ ଚଳଚ୍ଚିତ୍ରରେ ଅଖଣ୍ଡତା, ସାମ୍ପ୍ରଦାୟିକ ସଦ୍‌ଭାବ, ଧାର୍ମିକ ଭାବନା ଉପରେ ଆଞ୍ଚ ଆଣିବା ଏବଂ କୋମଳମତି ଶିଶୁମାନଙ୍କ ମନରେ କୁପ୍ରଭାବ ନ ପକାଇବା ଭଳି ଦୃଶ୍ୟ ପ୍ରତି ସଚେତନ ରହିବା ନିହାତି ଜରୁରୀ। ଓଡ଼ିଶାରେ ଏକ ସେନ୍‌ସର ବୋର୍ଡର ଶାଖା ଖୋଲିବାକୁ ତତ୍କାଳୀନ ସୂଚନା ପ୍ରସାରଣ ମନ୍ତ୍ରୀ ଅଜିତ କୁମାର ପାଞ୍ଜାଙ୍କୁ କଟକ ବକ୍ସିବଜାର ଚଳଚ୍ଚିତ୍ର ଉନ୍ନୟନ ନିଗମ ବୋର୍ଡର ଏକ ବୈଠକରେ ଯୋଗ ଦେବା ଅବସରରେ ଓଡ଼ିଶା ସିନେ କ୍ରିଟିକ ଆସୋସିଏଶନ ପକ୍ଷରୁ ସ୍ମାରକ ପତ୍ର ଦିଆଯାଇଥିଲା। ତା'ପରେ ଓଡ଼ିଶାରେ ସେନ୍‌ସର ବୋର୍ଡ ହେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା। ପ୍ରଶାନ୍ତ ନନ୍ଦଙ୍କ ସିନେମା 'ଲୁଟତରାଜ'ର ସେନ୍‌ସର ଓଡ଼ିଶାରେ ହେଲା। ଚଳିତ ବର୍ଷ ଦୀପାବଳିରେ ନୂଆ ଓଡ଼ିଆ ସିନେମା 'ଲଢ଼େଇ' ରିଲିଜ ହେବାର ଥିଲା। କିନ୍ତୁ କେତେକ ସେନ୍‌ସରଗତ କାରଣରୁ ଏହାକୁ ମୁମ୍ବାଇ ମୁଖ୍ୟ ସେନ୍‌ସର କାର୍ଯ୍ୟାଳୟକୁ ପଠାଯାଇଛି। ତେବେ ସିନେମାଟିଏ ନିର୍ମାଣ କରିବା ସମୟରେ ପ୍ରଯୋଜନା ସଂସ୍ଥା ସେନ୍‌ସର ସମ୍ପର୍କିତ ସମସ୍ତ ନିୟମାବଳୀ ବିଷୟରେ ଭଲ ଭାବରେ ଅବଗତ ହେବା ନିହାତି ଦରକାର।

**-ଦିଲ୍ଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୩୦/୨୦୨୫ Bhubaneswar, Thursday, October 30/ 2025


# ଫାଇନାଲରେ ଦକ୍ଷିଣ ଆଫ୍ରିକା

**ମହିଳା କ୍ରିକେଟ ବିଶ୍ୱକପ୍**

ଗୁଆହାଟୀ,୨୯।୧୦

ଲୌରା ୱ୍ଲଭାର୍ଡଟଙ୍କ ମାରାଥନ ଶତକ ଓ ମାରିଜେନ କାପଙ୍କ ୫ ଉଇକେଟ ସଫଳତା ବଳରେ ଦକ୍ଷିଣ ଆଫ୍ରିକା ବୁଧବାର ଖେଳାଯାଇଥିବା ଚଳିତ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲରେ ଇଂଲଣ୍ଡକୁ ୧୨୫ ରନର ବଡ଼ ବ୍ୟବଧାନରେ ପରାସ୍ତ କରିଛି। ଏଥିସହିତ ଦଳ ମହିଳା ବିଶ୍ୱକପ୍ ଇତିହାସରେ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ୪ ଥରର ଚାମ୍ପିୟନ ଇଂଲଣ୍ଡର ଅଭିଯାନ ସେମିଫାଇନାଲରେ ଶେଷ ହୋଇଛି।

ଦକ୍ଷିଣ ଆଫ୍ରିକା ପାଇଁ ଅଧିନାୟିକା ଲୌରା ଓ ତଜମିନ ବ୍ରିଟ୍ସ ପ୍ରଥମ ଉଇକେଟରେ ୧୧୬ ରନ କରିଥିଲେ। ବ୍ରିଟ୍ସ (୪୫ ରନ, ୬ ଚୌକା ଓ ୧ ଛକା) ଆଉଟ୍ ହେବା ପରେ ଗୋଟିଏ ପଟେ ୱ୍ଲଭାର୍ଡଟ ଆଟାକିଂ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଜାରି ରହିଥିଲା। ୱ୍ଲଭାର୍ଡଟ ୨୦ ଚୌକା ଓ ୪ ଛକା ସହ ୧୬୯ ରନର ଇନିଂସ ଖେଳି ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ କ୍ଲୋ ଟ୍ରାଇଅନଙ୍କ ସହ ସପ୍ତମ ଉଇକେଟ ପାଇଁ ୪୭ ବଲରେ ଦ୍ରୁତ ୮୯ ରନ ଯୋଡ଼ିଥିଲେ। ଶେଷ ଆଡ଼କୁ ଟ୍ରାଇଅନ ୩୩ (୩ ଚୌକା ଓ ୧ ଛକା) ଓ ନାଦିନେ ଡି କ୍ଲର୍କ ୧୧ (୨ ଚୌକା) ରନ କରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୩୧୯ ରନ କରିଥିଲା। ଇଂଲଣ୍ଡ ପାଇଁ ସୋଫି ଏକଲେଷ୍ଟୋନ ୪ ଓ ଲୌରେନ ବେଲ ୨ ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ମାତ୍ର ୧ ରନରେ ଆମି ଜୋନ୍ସ, ଟମି ବ୍ୟୁମଣ୍ଟ ଓ ହିଥର ନାଇଟ୍‌ଙ୍କ ଉଇକେଟ ହରାଇଥିଲା। ଟପ୍-୩ ବ୍ୟାଟର ଖାତା ଖୋଲିପାରିନଥିଲେ, ଯାହାକି ମହିଳା କ୍ରିକେଟରେ ଇଂଲଣ୍ଡ ପାଇଁ ପ୍ରଥମ ଘଟଣା। ଏଭଳି ପରିସ୍ଥିତିରେ ଅଧିନାୟିକା ନାଟ ସ୍କିଭର-ବ୍ରଣ୍ଟ ୬୪ (୬ ଚୌକା ଓ ୧ ଛକା) ଓ ଆଲିସ କାପସି ୫୦ (୬ ଚୌକା) ଚତୁର୍ଥ ଉଇକେଟରେ ୧୦୭ ରନ ଯୋଡ଼ିଥିଲେ। ଏହି ଦୁଇ ବ୍ୟାଟର ଆଉଟ୍ ହେବା ପରେ ଇଂଲଣ୍ଡର ବ୍ୟାଟିଂ ଲାଇନ ଭୁଶୁଡ଼ି ପଡ଼ିଥିଲା। ଫଳରେ ଇଂଲଣ୍ଡ ୪୨.୩ ଓଭରରେ ୧୯୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ପାଇଁ କାପ ୫ ଉଇକେଟ ସଫଳତା ପାଇଥିଲେ।



ଶତକ ହାସଲ ପରେ ଲୌରା ୱ୍ଲଭାର୍ଡଟ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୫୦ ଓଭରରେ ୩୧୯/୭ (ଲୌରା ୱ୍ଲଭାର୍ଡଟ-୧୬୯, ତଜମିନ ବ୍ରିଟ୍ସ-୪୫, ମାରିଜେନ କାପ-୪୨, ସୋଫି ଏକଲେଷ୍ଟୋନ-୪/୪୪, ଲୌରେନ ବେଲ-୨/୫୫)। ଇଂଲଣ୍ଡ: ୪୨.୩ ଓଭରରେ ୧୯୪/ଅଲଆଉଟ୍ (ନାଟ ସ୍କିଭର-ବ୍ରଣ୍ଟ-୬୪, ଆଲିସ କାପସି-୫୦, ମାରିଜେନ କାପ-୫/୨୦, ନାଦିନେ ଡି କ୍ଲର୍କ-୨/୨୪)।

**ପୁରୁଷ ଜୁନିୟର ହକି ବିଶ୍ୱକପ୍**

## ପାକିସ୍ତାନ ବଦଳରେ ଓମାନ୍ ଖେଳିବ

**ଲାଉସାନେ,୨୯।୧୦(ପି.ଟି.):** ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଭାରତର ଚେନ୍ନାଇ ଓ ମଦୁରାଇଠାରେ ହେବାକୁଥିବା ଏଫ୍‌ଆଇଏଚ୍ ପୁରୁଷ ଜୁନିୟର ହକି ବିଶ୍ୱକପ୍‌ରେ ପାକିସ୍ତାନ ବଦଳରେ ଓମାନ୍ ଖେଳିବ। ଏ ନେଇ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ(ଏଫ୍‌ଆଇଏଚ୍) ପକ୍ଷରୁ ବୁଧବାର ସ୍ପଷ୍ଟ କରାଯାଇଛି।

ପୁରୁଷ ଜୁନିୟର ହକି ବିଶ୍ୱକପ୍‌ରେ ଖେଳିବା ପାଇଁ ଆମନ୍ତ୍ରଣକୁ ସ୍ୱୀକାର କରି ନ ଥିବା ପାକିସ୍ତାନ ହକି ଫେଡେରେଶନ ପକ୍ଷରୁ ଆମକୁ ଜଣାଇ ଦିଆଯାଇଛି। ସେମାନଙ୍କ ବଦଳରେ ଓମାନ୍‌ର ଜୁନିୟର ଦଳକୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବା ଦଳମାନଙ୍କ ତାଲିକାରେ ସାମିଲ କରାଯାଇଛି। ଜୁନିୟର ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଜୁନିୟର ଏସିଆ କପ୍‌ରେ ଓମାନ୍ ପାକିସ୍ତାନ ପଛରେ ରହିଥିଲା। ପ୍ରଥମଥର ପାଇଁ ଏଫ୍‌ଆଇଏଚ୍ ହକି ଜୁନିୟର ବିଶ୍ୱକପ୍ ୨୦୨୫ରେ ୨୪ ଲେଖାଏ ଦଳ ଭାଗନେବେ ବୋଲି ଏଫ୍‌ଆଇଏଚ୍ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ପାକିସ୍ତାନକୁ ଗ୍ରୁପ୍-ବି'ରେ ଭାରତ, ଚିଲି ଓ ସ୍ୱିଜରଲାଣ୍ଡ ସହ ରଖାଯାଇଥିଲା। ପାକିସ୍ତାନ ଦ୍ୱିତୀୟଥର ପାଇଁ ଭାରତରେ ହେବାକୁଥିବା ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟରୁ ଓହରି ଯାଇଛି।

# ଆଜି ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ

ନଭି ମୁମ୍ବାଇ,୨୯।୧୦(ପି.ଟି.)

ଭାଗ୍ୟ ବଳରେ ଚଳିତ ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ତିଷ୍ଠିରହିଥିବା ଭାରତୀୟ ମହିଳା ଦଳ ଗୁରୁବାର ସେମିଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳକୁ ଭେଟିବାକୁ ଯାଉଛି। ହରମନ୍‌ପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ଏହା ନିଶ୍ଚିତରୂପେ ଏକ କଡ଼ା ପରୀକ୍ଷା ହେବ। ୮ ବର୍ଷ ତଳେ ହରମନ୍‌ପ୍ରୀତ ୨୦୧୭ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଅପରାଜିତ ୧୭୧ ରନ୍‌ର ଅବିସ୍ମରଣୀୟ ପାଳି ଖେଳି ଭାରତକୁ ଜିତାଇଥିଲେ।

**ଫାଇନାଲ ପାଇଁ ଲଢ଼େଇ**

ତାହା ହିଁ ଆଇସିସି ମହିଳା ଟୁର୍ନାମେଣ୍ଟ ଇତିହାସରେ ଅଷ୍ଟ୍ରେଲିଆ ବିପକ୍ଷରେ ନକ୍‌ଆଉଟ୍‌ରେ ଭାରତର ଏକମାତ୍ର ବିଜୟ ଥିଲା। ଦୁଇ ଦଳ ମଧ୍ୟରେ ବିଶ୍ୱକପ୍‌ରେ ୧୩ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୩ଥର ବିଜୟ ସ୍ୱାଦ ଚାଖିଛି। ୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇବା ପାଇଁ ଭାରତୀୟ ଦଳକୁ ତା'ର ଖେଳାଳିଙ୍କଠାରୁ ସେଭଳି କିଛି ସ୍ୱତନ୍ତ୍ର ପ୍ରଦର୍ଶନ ଦରକାର।

ଲଗାତର ଦୁଇ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଭାରତୀୟ ଦଳ କ୍ରମାଗତ ୩ ମ୍ୟାଚ୍‌ରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡଠାରୁ ପରାଜିତ ହୋଇ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବା ଭଳି ପରିସ୍ଥିତିରେ ଥିଲା। କିନ୍ତୁ ନ୍ୟୁଜିଲାଣ୍ଡକୁ ହରାଇ ଭାରତ ସେମିରେ ସ୍ଥାନ ପକ୍କା କରିଥିଲା। ହେଲେ ଏହି ମ୍ୟାଚ୍‌ରେ ଶତକୀୟ ପାଳି ଖେଳିଥିବା ଇନ୍‌ଫର୍ମ ଓପ୍‌ନର ପ୍ରତୀକା ରାୱଲ ଇଞ୍ଜୁରି କାରଣରୁ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜିତ ରହିଛି। ଗତ ସଂସ୍କରଣଠାରୁ ଅଷ୍ଟ୍ରେଲିଆ ମହିଳା ଦଳ ଏପର୍ଯ୍ୟନ୍ତ ବିଶ୍ୱକପ୍‌ରେ କୌଣସି ମ୍ୟାଚ୍ ହାରି ନାହିଁ। ବିଶ୍ୱକପ୍‌ରେ କ୍ରମାଗତ ୧୫ ମ୍ୟାଚ୍ ଜିତିଥିବା ଅଷ୍ଟ୍ରେଲିଆ ଦଳ ବିପକ୍ଷରେ ଭାରତ ପାଇଁ ଯେକୌଣସି ପ୍ରକାର ତ୍ରୁଟି କାଳ ହୋଇପାରେ। ମାତ୍ର ମ୍ୟାଚ୍ ପୂର୍ବରୁ ଦଳରେ ଟିମ୍ କମ୍ବିନେଶନକୁ ନେଇ ଅନେକ ପ୍ରଶ୍ନ ରହିଛି। ପ୍ରତୀକା ବାଦ୍ ପଡ଼ିବାରୁ ତାଙ୍କ ବଦଳରେ ବିସ୍ଫୋରକ ବ୍ୟାଟର ଶେଫାଳୀ ବର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ହେଲେ ତାଙ୍କୁ ବିଶ୍ୱକପ୍ ଲାଗି ଭାରତୀୟ ଦଳର ଯୋଜନାରେ ରଖାଯାଇ ନ ଥିଲା। ଏଥିଯୋଗୁ ବିଶ୍ୱକପ୍ ଲାଗି ରଖାଯାଇଥିବା ୬ ରିଜର୍ଭ ଖେଳାଳିଙ୍କ ମଧ୍ୟରେ ତାଙ୍କୁ ସ୍ଥାନ ଦିଆଯାଇ ନ ଥିଲା। ମାତ୍ର ସ୍ମୃତି ମନ୍ଧାନାଙ୍କ ସହିତ ତାଙ୍କର ଭଲ ରେକର୍ଡ ରହିଛି। ମନ୍ଧାନାଙ୍କ ସହ ତାଙ୍କ ବିସ୍ଫୋରକ ବ୍ୟାଟିଂ ଷ୍ଟାଇଲ ପ୍ରତିପକ୍ଷ ଦଳକୁ ଚାପରେ ପକାଇପାରେ। ଏହା ବଦଳରେ ହର୍ଲିନ୍ ଦେଓଲଙ୍କୁ ମଧ୍ୟ ପ୍ରମୋଟ୍ କରାଯିବାର ବିକଳ୍ପ ଟିମ୍ ମ୍ୟାନେଜମେଣ୍ଟ ପାଖରେ ରହିଛି। ଯାହାଫଳରେ ଭାରତକୁ ଅତିରିକ୍ତ ଷଷ୍ଠ ବୋଲର ଖେଳାଇବାକୁ ସୁଯୋଗ ମିଳିବ। ବାମହାତୀ ସ୍ପିନର ଭାବେ ସ୍ନେହ ରଣାଙ୍କ ବଦଳରେ ରାଧା ଯାଦବଙ୍କୁ ଖେଳାଯାଇପାରେ।




ବୁଧବାର ନେଟ୍ସ ସେସନରେ ଅମନଜୋତ କୌର ଓ ଶେଫାଳୀ ବର୍ମା।

**ସମୟ: ଅପରାହ୍ଣ ୩ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଆୟୋଜକ କମିଟିରେ ଓଡ଼ିଶାରୁ ଦେବବ୍ରତ


ଦେବବ୍ରତ ଭଞ୍ଜ


ସତ୍ୟରଞ୍ଜନ ପଟ୍ଟନାୟକ


ରିତେଶ କୁମାର ରଥ

- ଗୋଆରେ ଫିଡେ ଚେସ୍ ବିଶ୍ୱକପ୍ ୩୧ରୁ
- ସତ୍ୟରଞ୍ଜନ, ରିତେଶ ଏଜିଏମ୍‌ରେ ଯୋଗଦେବେ

ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)

ଚଳିତ ମାସ ୩୧ରୁ ନଭେମ୍ବର ୨୭ ପର୍ଯ୍ୟନ୍ତ ସମ୍ମାନଜନକ ଫିଡେ ଚେସ୍ ବିଶ୍ୱକପ୍ ଗୋଆରେ ଅନୁଷ୍ଠିତ ହେବ। ଏହି ମେଗା ଇଭେଣ୍ଟରେ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ, ମ୍ୟାଗ୍ନସ କାର୍ଲସେନ, ଆର୍. ପ୍ରଜ୍ଞାନନ୍ଦଙ୍କ ପରି ବିଶ୍ୱର ଅନେକ ଶ୍ରେଷ୍ଠ ଖେଳାଳିଙ୍କ ସହ ମୋଟ ୨୦୬ ଖେଳାଳି ଅଂଶଗ୍ରହଣ କରିବେ। ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶ୍‌ମୁଖ ଭାରତର ଏକମାତ୍ର ମହିଳା ଖେଳାଳି ଭାବେ ଏଥିରେ ଭାଗନେବେ। ପ୍ରତିଯୋଗିତାର ସଫଳ ପରିଚାଳନା ପାଇଁ ଗଠିତ ଆୟୋଜକ କମିଟିରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ସମ୍ପାଦକ ଦେବବ୍ରତ ଭଞ୍ଜ ସ୍ଥାନ ପାଇଛନ୍ତି। ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍)ର ବାର୍ଷିକ ସାଧାରଣ ବୈଠକ(ଏଜିଏମ୍) ଏବଂ ଉଦ୍‌ଘାଟନୀ ସମାରୋହରେ ଦେବବ୍ରତଙ୍କ ସମେତ ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ରିତେଶ କୁମାର ରଥ ଯୋଗଦେବେ। ଆଗାମୀ ବିଶ୍ୱକପ୍ ପାଇଁ ଭାରତୀୟ ପ୍ରତିନିଧି ଦଳକୁ ଏଓସିଏ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଦିଲ୍ଲୀ-ପଲ୍‌ଟନ ଫାଇନାଲ

**ପ୍ରୋ କବାଡ଼ି ଲିଗ୍**

ନୂଆଦିଲ୍ଲୀ,୨୯।୧୦

ଚଳିତ ପ୍ରୋ କବାଡି ଲିଗ୍ (ପିକେଏଲ୍)ରେ ବୁଧବାର ଖେଳାଯାଇଥିବା କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍‌ରେ ପୁନେରି ପଲଟନ ୫୦-୪୫ ପଏଣ୍ଟରେ ତେଲୁଗୁ ଟାଇଟନ୍ସକୁ ପରାସ୍ତ କରିଛି। ଏହି ବିଜୟ ସହ ପୁନେରି ପଲଟନ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ପ୍ରଥମ କ୍ୱାଲିଫାୟରରେ ବିଜୟୀ ହୋଇ ଦବଙ୍ଗ ଦିଲ୍ଲୀ ଫାଇନାଲରେ ସ୍ଥାନ ପକ୍କା କରିଥିଲା। ଶୁକ୍ରବାର ଥ୍ୟାଗରାଜ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯିବାକୁ ଥିବା ଫାଇନାଲରେ ଦବଙ୍ଗ ଦିଲ୍ଲୀ ଓ ପୁନେରି ପଲଟନ ପରସ୍ପରକୁ ଭେଟିବେ। ଉଭୟ ଦଳ ଦ୍ୱିତୀୟ ଟାଇଟଲ ଲକ୍ଷ୍ୟରେ ରହିବେ। ଦବଙ୍ଗ ଦିଲ୍ଲୀ ୨୦୨୧-୨୨ରେ ଓ ପୁନେରି ପଲଟନ ୨୦୨୩-୨୪ ସିଜନରେ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଥିଲେ। ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍‌ରେ ପୁନେରି ପଲଟନ ପାଇଁ ଆଦିତ୍ୟ ଶିନ୍ଦେ ୨୨ ଓ ପଙ୍କଜ ମୋହିତେ ୧୦ ପଏଣ୍ଟ ସ୍କୋର କରିଥିବା ବେଳେ ତେଲୁଗୁ ଦଳ ପକ୍ଷରୁ ଭରତ ୨୩ ଓ ଅଧିନାୟକ ବିଜୟ ମଲିକ ୧୧ ପଏଣ୍ଟ ଅର୍ଜନ କରିଥିଲେ। ରେଡ୍ ପଏଣ୍ଟ କ୍ଷେତ୍ରରେ ତେଲଗୁ ଟାଇଟନ୍ସ (୩୪)ଠାରୁ ପୁନେରି ପଲଟନ (୩୨) ପଛରେ ପଡ଼ିଯାଇଥିଲେ ହେଁ ଅଲ୍ ଆଉଟ ପଏଣ୍ଟରେ ୮-୨ରେ ଆଗରେ ରହିଥିଲା। ସେହିପରି ଅତିରିକ୍ତ ପଏଣ୍ଟରେ ମଧ୍ୟ ୨-୧ରେ ରହି ଫାଇଦା ପାଇଥିଲା। ଦୁଇ ଦଳର ସୁପର ରେଡ୍ ୧-୧ ଏବଂ ଟ୍ୟାକ୍‌ଲ ପଏଣ୍ଟ ୮-୮ ରହିଥିଲା।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

**ଜାତୀୟ ସବ୍‌ଜୁନିୟର ବାଳକ ଫୁଟ୍‌ବଲ**

ଭୁବନେଶ୍ୱର, ୨୯।୧୦(ତପନ ସ୍ୱାଇଁ)

ପଞ୍ଜାବର ଅମୃତସରଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ନିଜର ପ୍ରଥମ ମ୍ୟାଚ୍‌ରେ ଲଜ୍ଜାଜନକଭାବେ ୦-୧୩ ଗୋଲ୍‌ରେ ମିଜୋରାମଠାରୁ ହାରିଥିବା ଓଡ଼ିଶା ବୁଧବାର ୦-୬ ଗୋଲରେ ମଣିପୁର ନିକଟରୁ ପରାସ୍ତ ହୋଇଛି। ମଣିପୁର ପକ୍ଷରୁ ଶେଖ୍ ସାହିଲ, ଥୋଙ୍ଗବାଇଜାମ ସାନାତୋମ୍ବା, ହିଦାମ ୟୋହେନବା ସିଂ ଏବଂ ବଦଳ ଖେଳାଳି ନାଓରେମ ମୋମୋ ସିଂ ଗୋଲ ସ୍କୋର କରିଥିଲେ। ଓଡ଼ିଶା ୨ଟି ମ୍ୟାଚ୍‌ରେ ୧୯ଟି ଗୋଲ ବରଣ କରିସାରିଥିବାବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ଦେବାରେ ସକ୍ଷମ ହୋଇନାହିଁ। ଫଳରେ ଓଡ଼ିଶା ରକ୍ଷଣଭାଗଠାରୁ ଆରମ୍ଭକରି ଫରୱାର୍ଡ ପର୍ଯ୍ୟନ୍ତ ସବୁଥିରେ ଦୁର୍ବଳ ରହିଥିବାର ସୂଚନା ମିଳୁଛି। ଓଡ଼ିଶା ଏହାର ତୃତୀୟ ମ୍ୟାଚ୍ ଅମୃତସରସ୍ଥିତ ମାଉଣ୍ଟ ଲିଟେରା ଜୀ ସ୍କୁଲ ପଡ଼ିଆରେ ବିହାର ବିପକ୍ଷରେ ୩୧ ତାରିଖରେ ଖେଳିବ।

# ବର୍ଷା ବାଧକ: ପ୍ରଥମ ଟି୨୦ ବାତିଲ

କାନବେରା, ୨୯।୧୦ (ପି.ଟି.)

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ଟି୨୦ କ୍ରିକେଟ ମ୍ୟାଚ୍ ଲଗାଣ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ବର୍ଷା ବାଧକ ସାଜିବା ପୂର୍ବରୁ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମକୁ ଫେରିଥିବା ନେଇ ସଙ୍କେତ ଦେବା ସହ ଟି୨୦ ଅନ୍ତର୍ଜାତୀୟରେ ୧୫୦ ଛକା ପୂରଣ କରିଛନ୍ତି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ମେଲବୋର୍ନରେ ଖେଳାଯିବ।

ଟସ୍ ଜିତି ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ଶ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପାଇଁ ଅଭିଷେକ ଶର୍ମା ଓ ଶୁବମନ ଗିଲ୍‌ଙ୍କ ଓପ୍‌ନିଂ ଯୋଡ଼ି ୩୫ ରନ୍ କରିଥିଲା। ଆରମ୍ଭରୁ ଚିରାଚରିତ ବିସ୍ଫୋରକ ଷ୍ଟାଇଲରେ ବ୍ୟାଟିଂ କରିଥିବା ଅଭିଷେକ ୧୪ ବଲରେ ୪ ଚୌକା ସହିତ ୧୯ ରନ୍ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ବର୍ଷା ବାଧକ ସାଜିବାରୁ ମ୍ୟାଚ୍‌କୁ ୧୮ ଓଭରରେ ସୀମିତ ରଖାଯାଇଥିଲା। ମ୍ୟାଚ୍ ପୁନଃ ଆରମ୍ଭ ହେବା ପରେ ଅଧିନାୟକ ସୂର୍ଯ୍ୟ ଓ ଶୁବମନ ଦ୍ୱିତୀୟ ଉଇକେଟରେ ୩୫ ବଲରେ ଦ୍ରୁତ ୬୨ ରନ୍ ଯୋଡ଼ିଥିଲେ। ଏହାପରେ ଲଗାଣ ବର୍ଷା କାରଣରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ବର୍ଷା ବାଧକ ସାଜିବା ସୁଦ୍ଧା ଭାରତ ୯.୪ ଓଭରରେ ୧ ଉଇକେଟ ହରାଇ ୯୭ ରନ୍ କରିଥିଲା। ସୂର୍ଯ୍ୟ ୨୪ ବଲ୍‌ରେ ୩ ଚୌକା ଓ ୨ ଛକା ସହ ୩୯ ଏବଂ ଗିଲ୍ ୨୦ ବଲ୍‌ରେ ୪ ଚୌକା ଓ ୧ ଛକା ସହିତ ୩୭ ରନ୍‌କରି ଅପରାଜିତ ରହିଥିଲେ।

## ନୀତୀଶ କୁମାର ଆହତ

ଆହତ ସମସ୍ୟାରେ ଘେରି ହୋଇ ରହୁଥିବା ନୀତୀଶ କୁମାର ରେଡ୍ଡୀ ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ର ପ୍ରଥମ ୩ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସେ ବର୍ତ୍ତମାନ ବେକଜନିତ ସମସ୍ୟା ଦେଇ ଗତି କରୁଛନ୍ତି। ଏ ନେଇ ବିସିସିଆଇ ପକ୍ଷରୁ ବୁଧବାର କୁହାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଏହି ଅଲ୍‌ରାଉଣ୍ଡରଙ୍କ ବାମଗୋଡ଼ର ମାଂସପେଶୀରେ ଆଘାତ ଲାଗିଥିଲା। ପରେ ସେ ବେକରେ ଯନ୍ତ୍ରଣା ଅନୁଭବ କରୁଥିବା କହିଥିଲେ।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ